ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.126 Bhubaneswar Thursday, July 01, 2021 | ୨୪ତମ ବର୍ଷ ସଂଖ୍ୟା-୧୨୬ ଭୁବନେଶ୍ୱର ଗୁରୁବାର, ଜୁଲାଇ ୦୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ଉପରାଷ୍ଟ୍ରପତି ଏମ ଭେଙ୍କୟା ନାଇଡୁ ଚେନ୍ନାଇର ଆଇଆଇଟି ମାଡ୍ରାସରେ ଭାରତର ପ୍ରଥମ ୩ଡି ମୁଦ୍ରିତ ଘରର ବିକାଶକାରୀଙ୍କ ସହ କଥାବାର୍ତ୍ତା କରୁଛନ୍ତି

# ଜୁଲାଇ ୧୬ ପର୍ଯ୍ୟନ୍ତ ବଢିଲା ଆଂଶିକ ଲକ୍ ଡାଉନ୍

- ସାରା ରାଜ୍ୟରେ ସଂଧ୍ୟା ୬ଟାରୁ ନାଇଟ୍ କର୍ଫ୍ୟୁ
- ୨୦ ଜିଲ୍ଲାରୁ ହଟିଲା ସପ୍ତାହାନ୍ତ ସଟ୍ ଡାଉନ୍ , ଚାଲିବ ବସ୍
- ଅନ୍ୟ ୧୦ ଜିଲ୍ଲାରେ ସକାଳ ୬ରୁ ଅପରାହ୍ନ ୨ଟା କଟକଣା କୋହଳ
- ଖୋଲିବ ସେଲୁନ୍ , ଉଠା ଦୋକାନ

ଭୁବନେଶ୍ୱର, ୩୦।୬(ପି.ଏନ): ରାଜ୍ୟରେ ଆଂଶିକ ଲକଡାଉନକୁ ଆସନ୍ତା ଜୁଲାଇ ୧୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବୁଧବାର ଦିନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ରାଜ୍ୟର ମୋଟ ୨୦ଟି ଜିଲ୍ଲାକୁ କ୍ୟାଟେଗୋରୀ –ଏ ରେ ରଖାଯାଇଥିବାବେଳେ ଉପକୂଳବର୍ତ୍ତୀ ୧୦ଟି ଜିଲ୍ଲାକୁ କ୍ୟାଟେଗୋରୀ – ବିରେ ରଖାଯାଇଛି। କ୍ୟାଟେଗୋରୀ –ଏ ରେ ଥିବା ୨୦ଟି ଜିଲ୍ଲାରେ ପଜିଟିଭିଟି ହାର ୫ ପ୍ରତିଶତରୁ କମ ଥିବାରୁ ସେଠାରେ ସପ୍ତାହାନ୍ତ ସଟଡାଉନକୁ ହଟାଇଦିଆଯାଇ ଥିବାବେଳେ ସକାଳ ୬ ଟାରୁ ସଂଧ୍ୟା ୬ ଟା ପର୍ଯ୍ୟନ୍ତ କଟକଣାକୁ କୋହଳ କରାଯାଇଛି। ସଂଧ୍ୟା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ରାତ୍ରୀ କର୍ଫ୍ୟୁ ଲାଗୁ ହେବ। ଏହି ୨୦ଟି ଜିଲ୍ଲାରେ ବସ, ଅଟୋ ଓ ଟାକ୍ସି ପରିବହନକୁ ଅନୁମତି ଦିଆଯାଇଛି । ଇନ୍ ଡୋର ଓ ଆଉଟଡୋର ସୁଟିଂକୁ ମଧ୍ୟ ଅନୁମତି ମିଳିଛି। ସାପ୍ତାହିକ ହାଟ ଓ ମାର୍କେଟ ଓ ସେଲୁନ ଖୋଲିବାକୁ ଅନୁମତି ଦିଆଯାଇଛି । ତେବେ ମଲ, ବିଉଟି ପାର୍ଲର ବନ୍ଦ ରହିବ ।ଏହି ଜିଲ୍ଲାଗୁଡିକରେ କୋଭିଡ୍ ନିୟମ ସହ ବସ୍ ଓ ଟ୍ୟାକ୍ସି ଆଦିରେ ସିଟ୍ ଅନୁସାରେ ନିର୍ଦ୍ଧାରିତ ସଂଖ୍ୟକ ଯାତ୍ରୀଙ୍କୁ ଅନୁମତି ମିଳିବ। ଅନ୍ୟପକ୍ଷରେ, କ୍ୟାଟେଗୋରୀ –ବି ରେ ଥିବା ୧୦ଟି ଜିଲ୍ଲା ହେଲା ନୟାଗଡ଼, ପୁରୀ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ମୟୁରଭଞ୍ଜ, ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦ୍ରାପଡ଼ା। ଏସବୁ ଜିଲ୍ଲାରେ ସପ୍ତାହାନ୍ତ ସଟଡାଉନକୁ ପୂର୍ବଭଳି ଲାଗୁ ରହିବ ଓ ସକାଳ ୬ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କଟକଣାକୁ କୋହଳ କରାଯାଇଛି । ଏସବୁ ଜିଲ୍ଲାରେ ବସ ପରିବହନ ଉପରେ କଟକଣା ଜାରି ରହିବ। ଏସବୁ ଜିଲ୍ଲାରେ ଚା ଓ ଉଠା ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି । ତେବେ ମଲ, ବିଉଟି ପାର୍ଲର ବନ୍ଦ ରହିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।। ରାଜ୍ୟରେ ପୂର୍ବଭଳି ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ବନ୍ଦ ରହିବ। ଏଥିସହ ବିବାହ ଓ ଶୁଦ୍ଧିକ୍ରିୟା ପାଇଁ ପୂର୍ବଭଳି ନୀତି ନିୟମ ଲାଗୁ ରହିବ। ଲକ୍ ଡାଉନ୍ ସମୟରେ ଟୀକାକରଣ ଓ ଟେଷ୍ଟିଂ କାର୍ଯ୍ୟକ୍ରମ ଉପରେ କୌଣସି କଟକଣା ରହିବ ନାହିଁ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଗଜପତି, ଗଂଜାମ, ଝାରସୁଗୁଡ଼ା, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକନାଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କରେ ପୂର୍ବ ପର୍ଯ୍ୟାୟ ଲକଡାଉନ୍ ବେଳକୁ ସଂକ୍ରମଣ ହାର ୫ ଶତକଡ଼ାରୁ ତଳକୁ ଖସିଥିଲା। ଇତି ମଧ୍ୟରେ ଅନୁଗୁଳ, ଢେଙ୍କାନାଳ ଏବଂ କେନ୍ଦୁଝର ଆଦି ୩ ଟି ଜିଲ୍ଲାରେ କୋଭିଡ୍ ନିୟମର ସଠିକ୍ ଅନୁପାଳନ ଯୋଗୁ ସଂକ୍ରମଣ ହାର ୫ ଶତକଡ଼ା ତଳକୁ ଖସିଛି। କେଣୁ ଏସବୁ ଜିଲ୍ଲାକୁ ବର୍ଗ-କ(କାଟେଗୋରୀ-ଏ) ଅନ୍ତର୍ଭୁକ୍ତ କରାଯାଇଛି। ନୟାଗଡ଼, ପୁରୀ, କଟକ, ଖୋର୍ଦ୍ଧା, ଭଦ୍ରଖ, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂପୁର ଓ ଯାଜପୁର ଆଦି ୧୦ଟି ଜିଲ୍ଲାକୁ ବର୍ଗ-ଖ ଅନ୍ତର୍ଭୁକ୍ତ କରାଯାଇଛି ।ବର୍ଗ-କ ଜିଲ୍ଲାମାନଙ୍କରେ ସମସ୍ତ ପ୍ରକାର ଆବଶ୍ୟକୀୟ ଦ୍ରବ୍ୟ ଦୋକାନ ସକାଳ ୬ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଖୋଲା ରହିବ । କିନ୍ତୁ ସପିଂ ମଲ୍, ସ୍ପା, ବିଉଟି ପାର୍ଲର, ସୁଇମିଂ ପୁଲ୍ ଆଦି ବନ୍ଦ ରହିବ। ଏହି ଜିଲ୍ଲା ମାନଙ୍କରେ ସପ୍ତାହନ୍ତ ସଟ୍-ଡାଉନ୍ ହେବ ନାହିଁ। ସାଧାରଣ ଯାତ୍ରୀବାହି ବସ୍ କେବଳ ଏହି ଜିଲ୍ଲାମାନଙ୍କରେ ଚାଲି ପାରିବ। କିନ୍ତୁ ବସ୍ରେ ସିଟ୍ ଅନୁସାରେ ଲୋକ ଯାତ୍ରା କରିପାରିବେ। ୨ ଜଣ ପାସେଞ୍ଜରଙ୍କୁ ନେଇ ଅଟୋ ଓ ଟ୍ୟାକ୍ସି ଆଦି ଘରୋଇ ଯାନ ଚାଲି ପାରିବ। ଆଉଟଡୋର ସୁଟିଂ, ସାପ୍ତାହିକ ବଜାର ଆଦି ଖୋଲିବ, କିନ୍ତୁ ବଜାର ହାଟରେ ଦୋକାନୀମାନେ କୋଭିଡ୍ ନିୟମ ଅନୁସାରେ ଦୂରତା ରଖି ବସିବେ।ବର୍ଗ-ଖ ଅନ୍ତର୍ଭୁକ୍ତ ଜିଲ୍ଲାରେ ସଂକ୍ରମଣ ହାର କମୁଥିଲେ ମଧ ୫ ଶତକଡ଼ାରୁ ଅଧିକ ରହିଛି। ତେଣୁ ଏସବୁ ଜିଲ୍ଲାରେ କଟକଣା ବର୍ଗ-କ ଜିଲ୍ଲାମାନଙ୍କ ଠାରୁ ଅଧିକ ରହିବ। ସମସ୍ତ ଆବଶ୍ୟକୀୟ ପଦାର୍ଥ ଦୋକାନ ସକାଳ ୬ଟାରୁ ଦିନ ୨ ପର୍ଯ୍ୟନ୍ତ ଖୋଲା ରହିବ। ସପିଂ ମଲ୍, ସ୍ପା, ବିଉଟି ପାର୍ଲର, ସୁଇମିଂ ପୁଲ୍ ଆଦି ବନ୍ଦ ରହିବ। ପୂର୍ବପର୍ଯ୍ୟାୟ ଲକଡାଉନ୍ ଥିବା ସମସ୍ତ କଟକଣା ଏହି ସବୁ ଜିଲ୍ଲାମାନଙ୍କରେ ଲାଗୁ ରହିବ। ବର୍ଗ-ଖ ୧୦ ଟି ଜିଲ୍ଲାରେ ଶନିବାର ଏବଂ ରବିବାର ଦିନ ସପ୍ତାହନ୍ତ ସଟଡାଉନ୍ ପୂର୍ବ ପର୍ଯ୍ୟାୟ ଲକଡାଉନ୍ ପରି ଜାରି ରହିବ । ସାପ୍ତାହିକ ଏବଂ ଦୈନିକ ହାଟ, ସାଧାରଣ ଯାତ୍ରୀବାହି ବସ୍ ଚଳାଚଳ ଆଦି ପୂର୍ବପରି ବନ୍ଦ ରହିବ। ଜୁଲାଇ ୧୬ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ସଂଧ୍ୟା ୬ରୁ ସକାଳ ୬ ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଜାରି କରାଯାଇଛି । ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଂଟର, ପ୍ରଦର୍ଶନୀ, ମେଳା, ସିନେମାହଲ୍, ମଲ୍ଟିପ୍ଲେକ୍ସ, ଜିମ୍, ପାର୍କ, ଥଏଟର, ଯାତ୍ରା, ବାର୍ , ଅଡିଟୋରିଅମ୍, ଦୋଳି, ମୀନା ବଜାର, ଏକତ୍ର ହେବା, ହଲ୍, ସମସ୍ତ ପ୍ରକାର ସାମାଜିକ, ଧାର୍ମିକ ବା ରାଜନୈତିକ ସଭାସମିତି, ବିବାହ ଓ ବ୍ରତ ଆଦି ପାଇଁ ଶୋଭାଯାତ୍ରା ଓ ଉତ୍ସବ, ମନ୍ଦିର ଓ ଧର୍ମାନୁଷ୍ଠାନ ଆଦିରେ ସାଧାରଣ ଦର୍ଶନ ବନ୍ଦ ରହିବ। ତେବେ ମନ୍ଦିର, ମସଜିଦ୍ ଓ ଗୁରୁଦ୍ୱାର ଓ ଚର୍ଚ୍ଚ ଆଦିରେ ପୂର୍ବ ପର୍ଯ୍ୟାୟଭଳି ସିମୀତ ପୂଜକଙ୍କୁ ନେଇ ଦୈନିକ ନୀତି ଚାଲୁ ରହିବ। ସାରା ରାଜ୍ୟରେ ସାଇକେଲ୍ ମରାମତି, ଯାନବାହନ ମରାମତି, କଳକାରଖାନା, ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ, ଦ୍ରବ୍ୟ ପରିବହନ, କୃଷି, ମତ୍ସ୍ୟ ଚାଷ ଓ ପଶୁପାଳନ ସମ୍ବନ୍ଧିତ ଦୋକାନ ଏବଂ କାମକୁ କଟକଣା ମୁକ୍ତ କରାଯାଇଛି। ସେହିପରିର ମିଠା ଦୋକାନୀ, ଠେଲାଗାଡ଼ି, ଉଠାଦୋକାନୀ ମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ୟବସାୟ କରିପାରିବେ। ତେବେ ଗ୍ରାହକ କେବଳ ଖାଦ୍ୟ କିଣି ଘରକୁ ନେଇ ପାରିବେ। କେହି ଦୋକାନରେ ବସି ବା ସେଠାରେ ଠିଆ ହୋଇ ଖାଇ ପାରିବେ ନାହିଁ । ରାସ୍ତାକଡ଼ ଢାବା କେବଳ ଖାଦ୍ୟ ପାର୍ସଲ ଦେବା ପାଇଁ ଖୋଲା ରହିବ । ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ୍ ଯୋଗାଣ, ଟେଲିକମ୍, ଅଗ୍ନିଶମ ସେବା, ଅନ୍ୟାନ୍ୟ ମୌଳିକ ଏବଂ ଜରୁରୀ କାଳୀନ ସେବା ଆଦି ପୂର୍ବପରି ଚାଲୁ ରହିବ । ବିଭିନ୍ନ ପ୍ରକାର ଦ୍ରବ୍ୟର ହୋମ୍ ଡେଲିଭରି, ଇ-କମର୍ସ, ସମ୍ବାଦ ସଂଗ୍ରହ ଓ ପରିବେଷଣ କାର୍ଯ୍ୟରେ ନିୟୋଜିତ ଗଣ-ମାଧ୍ୟମ, ପେଟ୍ରୋଲ୍ ପମ୍ପ, ପେଟ୍ରୋଲିୟମ୍ ଗ୍ୟାସ୍, କୋଲ୍ଡ ଷ୍ଟୋର୍ ଆଦି ଖୋଲାହେବ । ବ୍ୟାଙ୍କ, ଏ.ଟି.ଏମ୍, ଋଣ ସମବାୟ ସମିତି ଆଦି ଖୋଲା ରହିବ । ତେବେ ଏହି ସବୁ କାର୍ଯ୍ୟାଳୟ ସର୍ବନିମ୍ନ କର୍ମଚାରୀଙ୍କୁ ନେଇ ଚାଲିବ। ଅନ୍ୟମାନେ 'ୱାର୍କ ଫ୍ରମ୍ ହୋମ୍' ବ୍ୟବସ୍ଥାରେ କାମ କରିବେ । କଟକଣା କୋହଳ ସମୟରେ ଏକ ଦୋକାନରୁ ଅନ୍ୟ ଦୋକାନ ମଧ୍ୟରେ ନିର୍ଦ୍ଧାରିତ ଦୂରତା ବଜାୟ ରଖିବା, ଦୋକାନ ଭିତରେ ବା ସାମ୍ନାରେ ଭିଡ଼ ନହେବା ଆଦିକୁ ସଂପୃକ୍ତ ଦୋକାନୀ ଏବଂ ବଜାର କମିଟି ନିଶ୍ଚିତ କରାଇବେ। ଏଥିପାଇଁ ଦୋକାନୀ ଓ ବଜାର କମିଟି ଦାୟୀ ରହିବେ। ନିଜର କର୍ମଚାରୀ ବା ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ବଜାର କମିଟି ଭୋଭିଡ଼୍ ନିୟମ ଅନୁପାଳନ ନିଶ୍ଚିତ କରାଇବେ । ଉଭୟ ଦୋକାନୀ ଏବଂ ଗ୍ରାହକ ଉପଯୁକ୍ତ ବ୍ୟବଧାନ ରଖିବେ ଏବଂ ସଠିକ୍ ଭାବେ ମାସ୍କ ପିନ୍ଧିବେ । ଏଥିରେ ଅବହେଳା ହେଲେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ବା ପୌରାଂଚଳ କମିଶନର ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ।କରୋନା ସ୍ଥିତି ପରିଚାଳନାରେ ଗ୍ରାମ ପଂଚାୟତମାନଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ । ନିଜ ଅଂଚଳରେ କରୋନା ପ୍ରତିରୋଧ ବ୍ୟବହାର ବିଷୟରେ ସଚେତନା ସୃଷ୍ଟି, ବାହାରୁ ଆସୁଥିବା ଲୋକଙ୍କ ବିଷୟରେ ସୂଚନା ପ୍ରଦାନ, ସଂକ୍ରମଣ ସର୍ବେକ୍ଷଣ, ଘରୋଇ ପୃଥକବାସରେ ରହିଥିବା ଲୋକମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଦୃଷ୍ଟି, ଆବଶ୍ୟକସ୍ଥଳେ ଡାକ୍ତରଖାନାକୁ ସ୍ଥାନାନ୍ତରକରଣ, କର୍ତ୍ତୃପକ୍ଷଙ୍କୁ କୋଭିଡ୍ ନିୟମ ଉଲଙ୍ଘନ ସମ୍ବନ୍ଧିତ ସୂଚନା ପ୍ରଦାନ ଆଦି ବିଷୟରେ ଗ୍ରାମ ପଂଚାୟତ ସରପଂଚ ଓ ୱାର୍ଡ଼ ମେମ୍ବର ମାନଙ୍କ ସକ୍ରିୟ ସହାୟତା ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ମହାପାତ୍ର କହିଥିଲେ ।

## ରଥଖଳା ହାଲଚାଲ୍ : ରଥ କନା କଟା ଚାଲିଛି

ପୁରୀ, ୩୦।୬(ପି.ଏନ): ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ଅବଧି ପୂର୍ବରୁ ଶେଷ ହୋଇଯିବାର ସମ୍ଭାବନା ରହିଛି । ବିଶ୍ୱକର୍ମା ମହାରଣା, ରୂପକାର ସେବାୟତ ଓ ଭୋଇ ସେବାୟତଙ୍କ ଅକ୍ଳାନ୍ତ ପରିଶ୍ରମରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ପାରାଭାଡ଼ି ନିର୍ମାଣ ପରେ ଖପୁରି ବସିବ । ଖପୁରୀ ପରେ ଓଲଟ ଶୁଆ ଓ କଳସ ବାଡିଆ ହେବ । ରଥରେ ସିଂହାସନ, ପ୍ରଭା ଓ ସିଂହାସନ ସମ୍ମୁଖ ବେଦିରେ ପଟା ବାଡିଆ କାର୍ଯ୍ୟ ଜାରୀ ରହିଛି । ପ୍ରତି ରଥର ଚାରୋଟି ଲେଖାଏଁ ସମୁଦାୟ ୧୨ଟି ଦ୍ୱାରବେଢ଼ା କାର୍ଯ୍ୟ ଶେଷ ହୋଇଛି । ରୂପକାର ସେବାୟତ ମାନେ କୋଣଗୁଜ, ପଟାଗୁଜରେ ରଙ୍ଗ ଦେବା ସହ ଚିତ୍ର ଆଙ୍କୁଛନ୍ତି । ଏହା ସହ ରଷିପଟାରେ ରଙ୍ଗ ହେଉଛି । ନାଟଗୋଡ଼ରେ ରଙ୍ଗ ଚାଲିଛି । ଦୋଳବେଦି ପରିସର ସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ବେଦି ଓ ସିଂହାସନ ପାଇଁ କଂଟା ନିର୍ମାଣ କରୁଛନ୍ତି । ଏଥିସହ ଦ୍ୱାରବେଢ଼ା କଂଟା, ଭୋଇ ଦଣ୍ଡା କଂଟା ନିର୍ମାଣ କାର୍ଯ୍ୟ ଚାଲିଛି । ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ମହଲାରେ ଦରଜି ସେବକ ମାନେ ରଥ କନା କାଟିବାରେ ନିମଗ୍ନ ରହିଛନ୍ତି । ପ୍ରତି ରଥର ଚାରୋଟି ଦ୍ୱାରବେଢ଼ା ରଥ କନା କଟା ହୋଇଛି । ବେଢ଼ା କନା କଟାଯାଇ ସିଲେଇ କାର୍ଯ୍ୟ ଜାରୀ ରହିଛି । ପ୍ରତି ରଥର ବତାକନା କାଟିବା ପାଇଁ ଦାଗ ଦିଆଯାଇ ଆଜି କଟା କାର୍ଯ୍ୟ ଆରମ୍ଭ ହୋଇଛି । ତିନି ରଥର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଦକ୍ଷିଣ ମୋଡ଼ ହୋଇ ସିଂହଦ୍ୱାରରେ ଲାଗିବ । ରଥ ଗଡ଼ିବା ପୂର୍ବରୁ ପୂର୍ତ୍ତ ବିଭାଗ ଇଞ୍ଜିନିୟର ମାନେ ଏହାର ଫିଟନେସ୍ ସାର୍ଟିଫିକେଟ୍ ପ୍ରଦାନ କରିବେ ।

## ଗୋଟିଏ ଦିନରେ ୩୩୭୧କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୦।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୩୭୧ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯,୦୬,୪୨୯କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୮୭୪୩୦୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୧୪୨୨ରହିଛି । ଆଜି ଚିହ୍ନଟ ହୋଇଥିବା ୩୩୭୧ ଜଣଙ୍କ ମଧ୍ୟରୁ ୧୯୨୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୪୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୫୩୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୯୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୫୮ ଜଣ, ବରଗଡ଼ରୁ ୩୫ ଜଣ, ଭଦ୍ରକରୁ ୧୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୯, କଟକରୁ ୪୬୮ ଜଣ, ଦେବଗଡ ଜିଲ୍ଲାରୁ ୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୮ ଜଣ, ଗଜପତି ଜିଲ୍ଲାରୁ ୧୨ , ଗଞ୍ଜାମରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୩୫ ଜଣ, ଯାଜପୁରରୁ ୨୧୦ ଜଣ, ଝାରସୁଗୁଡ଼ାରୁ ୧୫ ଜଣ, କଳାହାଣ୍ଡିରୁ ୧୧ ଜଣ, କନ୍ଧମାଳ ଜିଲ୍ଲାରୁ ୨୯ ଜଣ. କେନ୍ଦ୍ରାପଡ଼ାରୁ ୨୧୯ ଜଣ, କେନ୍ଦୁଝରରୁ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୩୦ ଜଣ, କୋରାପୁଟରୁ ୫୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୮୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୨୨ ଜଣ, ନବରଙ୍ଗପୁରରୁ ୩୪ ଜଣ, ନୟାଗଡ଼ରୁ ୧୩୫ ଜଣ, ନୂଆପଡ଼ାରୁ ୮ ଜଣ, ପୁରୀରୁ ୧୯୩ ଜଣ, ରାୟଗଡ଼ାରୁ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୮ ଜଣ, ସୋନପୁରରୁ ୨୫ ଜଣ, ସୁନ୍ଦରଗଡ଼ରୁ ୨୨ ଜଣ ଓ ଷ୍ଟେଟ୍ ପୁଲରୁ ୯୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୧୦୮ ସହ ମିଶିଲା ୧୦୨ ଆମ୍ବୁଲାନ୍ସ ସେବା

ଭୁବନେଶ୍ୱର, ୩୦।୬(ପି.ଏନ): ପୂର୍ବରୁ ଗର୍ଭବତୀ ଏବଂ ନବଜାତକ ଶିଶୁ ମାନଙ୍କ ପାଇଁ ଉପଲବ୍ଧ ଥିବା ୧୦୨ ଆମ୍ବୁଲାନ୍ସ ସେବାକୁ ୧୦୮ ନମ୍ବର ସହ ମିଶ୍ରଣ କରାଯାଇଛି । ଏ ସଂପର୍କରେ ସୂଚନା ଦେଇ ଓଡିଶାରେ ୧୦୮ ଆମ୍ବୁଲାନ୍ସ ପ୍ରକଳ୍ପ ମୁଖ୍ୟ,ସବ୍ୟସାଚୀ ବିଶ୍ୱାଳ କହିଛନ୍ତି ଯେ, 'ସରକାରଙ୍କ ଦ୍ୱାରା ଆମ୍ବୁଲାନ୍ସ ସେବା ପାଇଁ ଏକକ ୧୦୮ ନମ୍ବର କରାଯିବା ଅତି ଉତମ ପଦକ୍ଷେପ । ଏହା ଦ୍ୱାରା ଗର୍ଭବତୀଙ୍କ ଠାରୁ ନେଇ ବିଭିନ୍ନ ରୋଗୀ ନିକଟସ୍ଥ ସରକାରୀ ହସ୍ପିଟାଲକୁ ଯିବାକୁ ହେଲେ କେବଳ ୧୦୮ ନମ୍ବରକୁ ହିଁ କଲ କରିବେ। ୧୦୨ କଲ ସେଣ୍ଟର ଆବଶ୍ୟକତା ଆଗକୁ ନଥିବା ଦୃଷ୍ଟିରୁ ଏହାକୁ ବନ୍ଦ କରିବା ପ୍ରକ୍ରିୟା ଧିରେ ଧିରେ ଆରମ୍ଭ ହୋଇଯାଇଛି ।

## ରାଜଧାନୀରେ ୯୦ ହଜାର ପାର୍ କଲା କରୋନା ସଂକ୍ରମଣ

ଭୁବନେଶ୍ୱର, ୩୦।୬(ପି.ଏନ): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ପୁଣିଥରେ ବୃଦ୍ଧି ପାଇଛି। ଆଜି ଦୈନିକ ସଂକ୍ରମଣ ୪୦୦ ପାର୍ କରିଛି। ଏଥିସହ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୦ ହଜାର ଟପିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ବୁଧବାର ଦିନ ଆଉ ୪୧୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୩୦ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ୨୮୭ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୩୭୬ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୨୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରି ଓ ପାତ୍ରପଡାରୁ ୧୫ ଜଣ ଲେଖାଏଁ ,ଆଇଆରସି ଭିଲେଜରୁ ୧୧ ଜଣ ,ନୟାପଲ୍ଲୀ , ୟୁନିଟ୍ ୬ ଓ ସାମନ୍ତରାପୁରରୁ ୯ ଜଣ ଲେଖାଏଁ ,ବରମୁଣ୍ଡା,ରସୁଲଗଡ ଓ ଶୈଳଶ୍ରୀବିହାରରୁ ୮ ଜଣ ଲେଖାଏଁ , ଝାରପଡା ଓ ୟୁନିଟ୍ ୪ରୁ ୭ ଜଣ ଲେଖାଏଁ , ଚନ୍ଦ୍ରଶେଖରପୁର ,ଲକ୍ଷ୍ମୀସାଗର, ଜୟଦେବବିହାର , ଡୁମଡୁମା, ୟୁନିଟ୍ ୮, ଓ ଟଙ୍କାପାଣିରୋଡ୍ ରୁ ୬ ଜଣ ଲେଖାଏଁ , ଭିଏସଏସ୍ ନଗର,ସତ୍ୟନଗର, ବଡଗଡ, ଜାଗମରାଓ କଳିଙ୍ଗନଗରରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ସେହିପରି ପଟିଆରୁ ୧୪ , ଖଣ୍ଡଗିରିରୁ ୯ , ନହରକଂଟା ଓ ମୈତ୍ରୀବିହାରରରୁ ୭ ଜଣ ଲେଖାଏଁ, ଶାସ୍ତ୍ରୀନଗର, ନୟାପଲ୍ଲୀ ଓ କାନନ ବିହାରରୁ ୬ ଜଣ ଲେଖାଏଁ ଲୋକାଲ କେସ୍ ରହିଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୦୨୨୨ କୁ ବୃଦ୍ଧି ପାଇଛି।

## ମେଟ୍ରିକ ରେଜଲ୍ଟରୁ ବଂଚିତ ଦୃଷ୍ଟିହୀନ ଛାତ୍ରଛାତ୍ରୀ : ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ପରେ ବି ନିରାଶରେ ଫେରିଲେ ତିନି ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀ

କେନ୍ଦୁଝର, ୩୦।୬(ପି.ଏନ): ସାରା ଦେଶ ଓ ରାଜ୍ୟ ରେ କରୋନା ମହାମାରୀ କାୟା ବିସ୍ତାରକୁ ଦୃଷ୍ଟିରେ ରଖି ମେଟ୍ରିକ ଛାତ୍ର ଛାତ୍ରୀ ମାନଙ୍କର ବିନା କାଗଜ କଲମରେ ପରୀକ୍ଷା ଫଳ ପ୍ରକାଶ ପାଇଲା । ଏଥିରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ ମଧ ଫଳକୁ ନେଇ ଅନେକ ସ୍କୁଲର ଛାତ୍ରଛାତ୍ରୀ ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ହେଲେ ସମସ୍ତେ ଦୃଷ୍ଟିହୀନ ଛାତ୍ର ଛାତ୍ରୀଙ୍କ କଥା ଭୂଲି ଗଲେ ଓ ତାଙ୍କୁ ଅଣଦେଖା କଲେ। ଫଳରେ ମେଟ୍ରିକ ପରୀକ୍ଷା ଦେଇ ମଧ ସେମାନଙ୍କର ଫଳ ପ୍ରକାଶ ପାଇଲା ନାହିଁ। ଏହାକୁ ନେଇ କେନ୍ଦୁଝର ମନୋଜ ମଞ୍ଜରୀ ଶିଶୁ ଭବନ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅନେକ ସରକାରୀ ଅଧିକାରୀଙ୍କୁ ଓ ମନ୍ତ୍ରୀଙ୍କୁ ଗୁହାରୀ କରିବା ପରେ ମଧ ଅଦ୍ୟାବଧି ଫଳ ଘର ଶୂନ । ଆମକୁ ସ୍ପେଶାଲ ପିଲା ବୋଲି କହୁଛନ୍ତି ହେଲେ ଆମ ଭବିଷ୍ୟତ ସହିତ ଖେଳୁଛନ୍ତି, ଆମକୁ ସାଧାରଣ ପିଲାଙ୍କ ଠାରୁ ହୀନ ଦୃଷ୍ଟିରେ ଦେଖାଯାଉଛି । ଆମେ ଦଶ ବର୍ଷ ଧରି ସ୍କୁଲରେ ପଢିଛୁ । ନବମ ଶ୍ରେଣୀରେ ପାଠ ପଢିଛୁ। ଭଲ ନମ୍ବର ମଧ ରଖିଛୁ। ଏପରିକି ନବେ ପ୍ରତିଶତ ନମ୍ବର ରଖିଛୁ। ସରକାର ଆମ କଥା ବୁଝିବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସୃଷ୍ଟି କରିଛନ୍ତି ହେଲେ ସେ ଆମକଥା ବୁଝିଲେ ନାହିଁ । ସାଧାରଣ ପିଲାଙ୍କର ମେଟ୍ରିକ ରେଜଲ୍ଟ ବାହାରିଲା ହେଲେ ଆମର ଫଳ ବାହାରିଲା ନାହିଁ। ଏମିତି କିଛି କୋହଭରା କଣ୍ଠରେ କହିଛନ୍ତି କେନ୍ଦୁଝର ମନୋଜ ମଞ୍ଜରୀ ଶିଶୁ ଭବନର ଦୃଷ୍ଟୀ ହୀନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ । ସେମାନଙ୍କ କହିବାନୁଶାରେ, ପରୀକ୍ଷା ଦେବାକୁ ସେମାନେ ଫର୍ମ ପୂରଣ କରିଥିଲେ, ହେଲେ ସେମାନଙ୍କର ପରୀକ୍ଷା ବାତିଲ୍ ହେଲା । କିନ୍ତୁ, ସାଧାରଣ ପିଲାଙ୍କ ଭଳି ସେମାନଙ୍କର ପରୀକ୍ଷା ଫଳ ପ୍ରକାଶ ପାଇଲା ନାହିଁ। ସେମାନେ ଅନେକ ପଦାଧିକାରୀଙ୍କୁ ଗୁହାରୀ କରି କରି ଥକି ପଡିଲେଣି ହେଲେ ତାଙ୍କ କଥା କେହି ଶୁଣିବା ଦିଗରେ କେହି ଆଗ୍ରହ ପ୍ରକାଶ କରୁନାହାଁନ୍ତି । ସେମାନେ କରେସପଣ୍ଡେଟଂ କୋର୍ସରେ ପରୀକ୍ଷା ଦେଉଥିବାରୁ ତାଙ୍କୁ ସବୁଠାରୁ ନାସ୍ତି ବାଣୀ ଶୁଣିବାକୁ ମିଳୁଛି ବୋଲି ସେମାନେ କହୁଛନ୍ତି। ସେମାନଙ୍କ ବିଦ୍ୟାଳୟ ଗୁଡ଼ିକୁ କାହିଁକି ଶିକ୍ଷା ବିଭାଗ ଅଧିନକୁ ନିଆ ଯାଉନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ସବୁଆଡୁ ବିଫଳ ହୋଇ ଫେରିବା ପରେ ଶେଷରେ ସେମାନେ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଗୁହାରୀ ଜଣାଇଥିଲେ ସତ ହେଲେ ସେ ମଧ ତାଙ୍କୁ ସାହାଯ୍ୟ କରି ପାରିବେ ନାହିଁ ବୋଲି କହି ଫେରାଇ ଦେଇଛନ୍ତି ବୋଲି କହିଛନ୍ତି ଶର୍ମିଷ୍ଠା ମୁଣ୍ଡା , ପବିତ୍ର ମହାକୁଡ ପ୍ରମୁଖ। ଫଳରେ ସେମାନେ ସବୁଠାରୁ ନିରାଶ ହୋଇ ଫେରିବା ପରେ ଦୁଃଖରେ ମ୍ରିୟମାଣ ହୋଇ ପଡିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠେ ଏହି ନୀରିହ ଅସହାୟ ଦୃଷ୍ଟିହୀନ ମାନଙ୍କ କଥା ବୁଝିବ କିଏ? କିଏ ଦେବ ଏମାନଙ୍କୁ ନ୍ୟାୟ ? ଏହା ଏବେ ସମସ୍ତଙ୍କ ପାଇଁ ଏକ ବଡ ପ୍ରଶ୍ନ ହୋଇ ଛିଡା ହୋଇଛି। କିଏ ଦେବ ଏହାର ଉତର ? ଏହି ଦୃଷ୍ଟିହୀନ ସ୍କୁଲର ଜଣେ ଦୃଷ୍ଟିହୀନ ଶିକ୍ଷକଙ୍କର କହିବା କଥା ହେଉଛି ଏହି ମେଟ୍ରିକ ପରୀକ୍ଷା ଫଳ ପ୍ରକାଶ ନପାଇବାକୁ ନେଇ ଛାତ୍ର ଛାତ୍ରୀ ମାନେ ବିଶେଷ ମର୍ମାହତ । ତେଣୁ ସରକାର ଏଥିରେ ହସ୍ତେକ୍ଷପ କରି ସେମାନଙ୍କୁ ନ୍ୟାୟ ଦେବା ନିହାତି ଆବଶ୍ୟକ ବୋଲି କହିଛନ୍ତି ଦୃଷ୍ଟିହୀନ ଶିକ୍ଷକ ଅନନ୍ତ ନାଥ ଶର୍ମା । ଅବଶ୍ୟ ଏ ସମ୍ପର୍କରେ କିଛି ମତ ଦେବାକୁ ମନା କରିଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍



## ଜୋକ୍ସ

ଟିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଟିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ୱଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ୱା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ପର୍ଯ୍ୟବେକ୍ଷକ ମହାନଗର

# ପୁଣି ଥରେ ପଦାକୁ ଆସିଲା ଆମେରିକାର ଅସଲ ରୂପ

----------ଡ. ସମନ୍ୱୟ ନନ୍ଦ----------



ଆମେରିକା ସମେତ ବିଭିନ୍ନ ପାଶ୍ଚାତ୍ୟ ଦେଶମାନେ ବିଭିନ୍ନ ଦେଶମାନଙ୍କୁ କଣ କରିବା ଉଚିତ ବା କଣ କରିବା ଅନୁଚିତ ତାକୁ ନେଇ ବିଭିନ୍ନ ସମୟରେ ଜ୍ଞାନ ବା ପ୍ରବଚନ ଦେଇଥାନ୍ତି । ଆମେରିକା ବିଭିନ୍ନ ଦେଶ ବିଶେଷ ଭାବରେ ବିକାଶଶୀଳ ଦେଶମାନଙ୍କୁ ମାନବିକ ଅଧିକାର, ଧାର୍ମିକ ସ୍ୱାଧୀନତା ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରବଚନ ଦେଇଥାଏ । ଏପରି କରି ସେ ଏକପ୍ରକାର ବାର୍ତା ଦେଇଥାଏ ଯେ ଆମେରିକା ସମଗ୍ର ବିଶ୍ୱରେ ମାନବିକତା ପ୍ରତି ସମ୍ପୂର୍ଣ ଭାବେ ସମର୍ପିତ ଓ ସେ ସବୁବେଳେ ନୈତିକତାର ପାଳନ କରିଥାଏ । କିନ୍ତୁ ବାସ୍ତବିକତା ଏହାଠାରୁ ସମ୍ପୂର୍ଣ ଭିନ୍ନ । ଆମେରିକା କୌଣସି ଦୃଷ୍ଟିରୁ ନୈତିକ ମୂଲ୍ୟବୋଧ ଆଧାରରେ କାମ କରି ନ ଥାଏ ବରଂ ଏହାର ସମ୍ପୂର୍ଣ କାର୍ଯ୍ୟକଳାପ ଅନୈତିକ ଓ ଅମାନବୀୟ ହୋଇଥାଏ । ଅନ୍ୟ ଶବ୍ଦରେ କହିବାକୁ ଗଲେ ଆମେରିକା ଅନ୍ୟ ବିକାଶଶୀଳ ଦେଶମାନଙ୍କୁ ଯେଉଁ ପ୍ରବଚନ ବା ଜ୍ଞାନ ଦେଇଥାଏ ତାକୁ ସେ ନିଜେ ପାଳନ କରି ନଥାଏ ବରଂ ଏହାଠାରୁ ସମ୍ପୂର୍ଣ ଓଲଟା କାମ କରିଥାଏ । ହେଲେ ଆମେରିକା ଓ ଅନ୍ୟ ଦେଶମାନେ ବିକାଶଶୀଳ ଦେଶମାନଙ୍କୁ କାଠଗଡାରେ ଠିଆ କରାଇଥାନ୍ତି ।

ବର୍ତମାନ ସମ୍ପୂର୍ଣ ବିଶ୍ୱ କୋଭିଡ-୧୯ ସଂକଟ ଦେଇ ଗତି କରୁଛି । ମାନବିକତା ସଂକଟରେ ରହିଛି । ତେଣୁ ଏହି ପରିସ୍ଥିତିରେ ମାନବିକତା ଦୃଷ୍ଟିରୁ ସମସ୍ତେ ସମସ୍ତଙ୍କର ସହଯୋଗ କରି ଏହି ସଂକଟରୁ ବାହାରିବାକୁ ଚେଷ୍ଟା କରିବାର ନିତାନ୍ତ ଆବଶ୍ୟକତା ରହିଛି । ଅନ୍ୟପକ୍ଷରେ କରୋନା ସଂକଟ କାଳରେ ଭାରତ ନିଜେ କୋଭିଡ ଭ୍ୟାକ୍ସିନ ତିଆରି କରିବା ସହ ବିଭିନ୍ନ ଦେଶକୁ ଏହି ଭ୍ୟାକ୍ସିନ ପ୍ରଦାନ କରିଛି । ଭାରତ ଭଳି ଦେଶ ଅନ୍ୟ ଦେଶମାନଙ୍କୁ କରୋନା ଟୀକା ପ୍ରଦାନ କରିବେ ତାହା କେହି କେବେ ବିଶ୍ୱାସ କରି ନ ଥିଲେ । ତେଣୁ ଆମେରିକା ଭଳି ତଥାକଥିତ ବିକଶିତ ଦେଶମାନଙ୍କୁ ଏହା ହଜମ ନ ହେବା ସ୍ୱାଭାବିକ । ତେବେ ଭାରତ ତିଆରି କରିଥିବା ଭ୍ୟାକ୍ସିନ ପାଇଁ କଂଚାମାଲ ବିଭିନ୍ନ ଦେଶରୁ ଆଣିବାକୁ ପଡିଥାଏ । ଆମେରିକା ଭ୍ୟାକ୍ସିନ ତିଆରି କରିବାକୁ କଂଚାମାଲ ପ୍ରଦାନ କରିବା ଉପରେ ପ୍ରତିବନ୍ଧକ ଲଗାଇଥିଲା । ଭାରତ ସରକାର କରୋନା ସ୍ଥିତିକୁ ନେଇ ଗୁରୁତର ସ୍ଥିତି କାରଣରୁ ଏହି ପ୍ରତିବନ୍ଧକ ହଟାଇବାକୁ ବାଇଡେନ ପ୍ରଶାସନକୁ ଅନୁରୋଧ କରିଥିଲା । ହେଲେ ଭାରତର ଏହି ଅନୁରୋଧକୁ ଆମେରିକା ପ୍ରତ୍ୟାଖ୍ୟାନ କରିଦେଇଛି । ଆମେରିକା ସରକାରଙ୍କ ପ୍ରବକ୍ତା କହିଛନ୍ତି ଯେ ଆମେରିକାର ନାଗରିକଙ୍କ ପ୍ରତି ତାଙ୍କ ସରକାରଙ୍କର ଦାୟିତ୍ୱ ରହିଛି । ଏପରି କହି ସେ ଭାରତର ଅନୁରୋଧକୁ ଅସ୍ୱୀକାର କରି ଦେଇଛନ୍ତି । ଗତବର୍ଷର କଥା ଆମେ ମନେପକାଇବା । ଆମେରିକାରେ ଗତବର୍ଷ କରୋନା ଭାଇରସର ଭୟଙ୍କର ପ୍ରକୋପରେ ଥିଲା । ଶହ ଶହ ଆମେରିକୀୟ ଲୋକ ପ୍ରତିଦିନ ପ୍ରାଣ ହରାଉଥିଲେ । ସେତେବେଳେ ଭାରତ ହାଇଡ୍ରୋକ୍ସିକ୍ଲୋରୋକ୍ୱିନ ଔଷଧ ରପ୍ତାନୀ ଉପରେ କଟକଣା ଜାରି କରିଥିଲେ । ହେଲେ ଆମେରିକା ଯେତେବେଳେ ତା'ର ଦେଶର ଲୋକମାନଙ୍କର ଜୀବନ ରକ୍ଷା ପାଇଁ ଉକ୍ତ ଔଷଧ ଭାରତକୁ ମାଗିଲା, ସେତେବେଳେ ଭାରତ ଏହାର ରପ୍ତାନୀ ଉପରେ କଟକଣା ହଟାଇ ଆମେରିକାକୁ ଏହି ଔଷଧ ରପ୍ତାନୀ କରିଥିଲା ।




ଭାରତ ବିପଦ ସମୟରେ ଆମେରିକାର ସାହାଯ୍ୟ କଲା । କେବଳ ଆମେରିକାର କାହିଁକି ସମସ୍ତ ଦେଶ, ସେ ଧନୀ ଦେଶ ହୁଅନ୍ତୁ ବା ଗରୀବ ଦେଶ ସମସ୍ତଙ୍କର ସହାୟତା କରି ଆସିଛି । ଏହି ସଂକଟ କାଳରେ ମାନବିକତାର ରକ୍ଷା ପାଇଁ ଯାହା କରାଯାଇପାରେ ଭାରତ ତାହା କରି ଆସିଛି । ହେଲେ ଆମେରିକାର ବାଇଡେନ ପ୍ରଶାସନ ଭାରତକୁ ଭ୍ୟାକ୍ସିନ ପାଇଁ କଂଚା ମାଲ ପ୍ରଦାନ କରିବ ନାହିଁ ବୋଲି ଘୋଷଣା କରିଛି । ଆମେରିକା ସରକାରଙ୍କର ଏହି ନିଷ୍ପତି ଆମେରିକାର ବାସ୍ତବିକ ସ୍ୱରୂପକୁ ପୁଣି ଥରେ ପଦାରେ ପକାଇଛି । ଆମେରିକା ପ୍ରତିଦିନ ଅନ୍ୟ ଦେଶମାନଙ୍କୁ ଯେଉଁ ନୈତିକତାର ପାଠ ପଢାଇଥାଏ ତାହା କେତେ ପୋଲା ତାହା ମଧ୍ୟ ପ୍ରମାଣିତ କରୁଛି । ଆମେରିକାର ଦୋହରାପଣକୁ ଏହି ଘଟଣା ସ୍ପଷ୍ଟ କରୁଛି । ଯଦିଓ ଆମେରିକା କହିଛି ଯେ ନିଜ ଦେଶର ଲୋକମାନଙ୍କ ପାଇଁ ଭ୍ୟାକ୍ସିନ ଲଗାଇବାକୁ ଏପରି ନିଷ୍ପତି ନେଇଛି ତେବେ ଗଣମାଧ୍ୟମରେ ଯେଉଁ ରିପୋର୍ଟ ପ୍ରକାଶିତ ହୋଇଛି ତାହା ଅନୁସାରେ ଆମେରିକାରେ ଆବଶ୍ୟକତା ଠାରୁ ଢେର ଅଧିକ ଭ୍ୟାକ୍ସିନ ଉପଲବ୍ଧ ରହିଛି । ଏହାର ଅର୍ଥ ହେଲା ଆମେରିକା ଯାହା କହୁଛି ଯେ ସେ ତାଙ୍କ ନାଗରିକମାନଙ୍କ ପାଇଁ ଏପରି ନିଷ୍ପତି ନେଇଛି ତାହା ସତ୍ୟ ନୁହେଁ । ଏହାର ଅନ୍ୟ ଉଦ୍ଦେଶ୍ୟ ରହିଛି ।

ଏଠାରେ ଏକ ଗୁରୁତ୍ୱପୂର୍ଣ ବିଷୟ ଉପରେ ଆଲୋଚନା କରିବା । ଆମେରିକା ସମେତ ବିଭିନ୍ନ ପାଶ୍ଚାତ୍ୟ ଦେଶ ଆରଏସଏସ ଓ ବିଜେପିକୁ ନେଇ ଅପପ୍ରଚାର କରିଥାନ୍ତି । ସେମାନେ ତ ବିଜେପିକୁ ହିନ୍ଦୁ ନ୍ୟାସନାଲିଷ୍ଟ ପାର୍ଟି ବୋଲି କହିଥାନ୍ତି । କେବଳ ଆମେରିକା କାହିଁକି ବ୍ରିଟେନ ଓ ଅନ୍ୟ ପାଶ୍ଚାତ୍ୟ ଦେଶର ବିବିସି ପରି ଗଣମାଧ୍ୟମଗୁଡିକ ଭାରତରେ ହିନ୍ଦୁ ନ୍ୟାସଲିଷ୍ଟ ପାର୍ଟିର ସରକାର ରହିଥିବା ପ୍ରଚାର କରିଥାନ୍ତି । ହେଲେ ସେହି ହିନ୍ଦୁ ନ୍ୟାସନାଲିଷ୍ଟ ପାର୍ଟି ଓ ଏହା ନେତୃତ୍ୱରେ ଗଠିତ ସରକାର କେବଳ ତା ଦେଶର ଲୋକମାନଙ୍କର ନୁହେଁ ବରଂ ସମସ୍ତ ମାନବିକତା ଓ ସମସ୍ତ ଗରିବ ଦେଶମାନଙ୍କର ଲୋକମାନଙ୍କର ସ୍ୱାସ୍ଥ୍ୟାବସ୍ଥା କଥା ଚିନ୍ତାକରି ସେମାନଙ୍କୁ ଟୀକା ପହଂଚାଇବା ପ୍ରୟାସ ଜାରି ରଖିଛି । ହିନ୍ଦୁ ନ୍ୟାସନାଲିଷ୍ଟ ସରକାର ହିନ୍ଦୁତ୍ୱର ଉଦାତ ବିଚାର 'ସର୍ବେ ଭବନ୍ତୁ ସୁଖୀନଃ ନୀତି' ଆଧାରରେ କାମ କରୁଛି । ଏହାଠାରୁ ବିଡମ୍ବନା ଆଉ କ'ଣ ଥାଇପାରେ ଯେ ଯାହାକୁ ହିନ୍ଦୁ ନ୍ୟାସନାଲିଷ୍ଟ ବୋଲି ସେମାନେ କହିଥାନ୍ତି ସେହି ସରକାର ସମଗ୍ର ମାନବିକତାର କଥା ଚିନ୍ତା କରୁଛି ଓ ନିଜକୁ ଅନ୍ତଃରାଷ୍ଟ୍ରୀୟବାଦୀ ବୋଲି ଦାବି କରୁଥିବା ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ଦେଶ କେମିତି ଅନ୍ୟ ଦେଶର ସଂକଟଗ୍ରସ୍ତ ଲୋକମାନେ ଟୀକା ପାଇ ନ ପାରିବେ ସେ ନେଇ ଷଡଯନ୍ତ୍ର କରୁଛନ୍ତି ।

ଭାରତରେ ଆମେରିକାର ଏକ ବଡ ଲବି କାମ କରିଥାଏ । ସେମାନେ ବାରମ୍ବାର ପ୍ରତ୍ୟେକ କଥାରେ ଆମେରିକାର ଦେଉଥିବା ପ୍ରବଚନକୁ ଜୋରସୋରରେ କହିଥାନ୍ତି । ଆମେରିକା ଆରଏସଏସ, ବିଜେପି ବିରୁଦ୍ଧରେ କ'ଣ କହିଲା ତାହା ପ୍ରଚାର କରିଥାନ୍ତି । ନିକଟରେ କଂଗ୍ରେସର ବରିଷ୍ଠ ନେତା ଏକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ କାର୍ଯ୍ୟକ୍ରମରେ ଭାରତରେ ଯାହାସବୁ ଘଟୁଛି ତାକୁ ନେଇ ଆମେରିକା କାହିଁକି ହସ୍ତକ୍ଷେପ କରୁନାହିଁ ବୋଲି ଗୁହାରୀ କରୁଥିବା ଦେଖିବାକୁ ମିଳିଥିଲା । ତେବେ ଏହି ଆମେରିକା ସମର୍ଥକ ଲବି ମଧ୍ୟ ଏହି ମାମଲାରେ ଚୁପ ରହିଛି । ମାନବିକ ଅଧିକାରର ଭାଷଣ ଦେଉଥିବା ଆମେରିକାର ଅମାନବୀୟ ନିଷ୍ପତି ବିଷୟରେ ସେମାନେ ମଧ୍ୟ କିଛି କହୁନାହାନ୍ତି । ଆମେରିକା ବିଶୁଦ୍ଧ ଭାବେ ଏକ ବେପାରୀ ଦେଶ । ଆମେରିକା ଯାହା କରିଛି ସେଥିରେ କିଛି ନୂଆ କଥା ନାହିଁ । ଏପରି ଅତୀତରେ ସେ ବାରମ୍ବାର କରି ଆସିଛି । ତେଣୁ ବାଇଡେନ ନେତୃତ୍ୱାଧୀନ ଆମେରିକା ଯାହା କରୁଛି ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିଛି ଲୋକ ସବୁବେଳେ ଆମେରିକା କଥାରେ ପ୍ରଭାବିତ ଥିବା ଦେଖାଯାଆନ୍ତି । ଏହି ଘଟଣା ପରେ ଆଶା କରିବା ଉଚିତ ଯେ ଏହି ଆମେରିକା ଦ୍ୱାରା ପ୍ରଭାବିତ ରହୁଥିବା ଲୋକମାନଙ୍କର ଆଖି ଖୋଲିବ ।

# ପେଟ ପାଇଁ ଶିଶୁ ଆଜି ରାସ୍ତାରେ...

କରୋନା ଭାଇରସ୍ ବିଶ୍ୱର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଭାରତ ମଧ୍ୟ ଏଥିରୁ ବାଦ ପଡିନାହିଁ । ହଜାର ହଜାର ସଂଖ୍ୟାରେ ଲୋକ ଚାକିରି ହରାଇଛନ୍ତି । ଲକ୍ଷ ଲକ୍ଷ ଶ୍ରମିକ ମୂଲ ହାରାଇ ଘରେ ବସିଛନ୍ତି । ଅନେକଙ୍କ ରୋଜଗାର ଛଡାଇ ନେଇଛି ମହାମାରୀ କରୋନା । ପିଲାମାନେ ପାଠ ପଢିବାକୁ ମଧ୍ୟ ଯାଉନାହାଁନ୍ତି । ସ୍କୁଲ କଲେଜ ଆଦି ବନ୍ଦ ରହିଛି । ଏପରି ସ୍ଥଳେ ଅନେକ କମ୍ ବୟସ ପିଲା ରୋଜଗାରର ବିଭିନ୍ନ ପନ୍ଥାକୁ ଆପଣାଉଥିବା ଦେଖିବାକୁ ମିଳୁଛି । ତେଣୁ ସ୍କୁଲ ନଯାଇ ସେମାନେ ଅର୍ଥ ଉପାର୍ଜନ କରୁଥିବା ନଜରକୁ ଆସିଛି । ଫଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି । ମହାମାରୀ ପୂର୍ବରୁ ମଧ୍ୟ ଦେଶରେ ଲକ୍ଷ ଲକ୍ଷ ଶିଶୁ ଶିକ୍ଷାରୁ ବଞ୍ଚିତ ହେଉଥିଲେ । ଏକ ରିପୋର୍ଟରୁ ଜଣାଯାଏ, ଭାରତରେ ୫.୬୦ କୋଟିରୁ ଅଧିକ ପିଲା ସ୍କୁଲଠାରୁ ଦୂରରେ ଅଛନ୍ତି । ଯାହାକି ବାଂଲାଦେଶ, ଇଣ୍ଡୋନେସିଆ, ମାଲେସିଆ, ଫିଲିପାଇନ୍ସ, ଥାଇଲ୍ୟାଣ୍ଡ ଓ ଭିଏତନାମରେ ସ୍କୁଲ ଯାଉ ନ ଥିବା ମୋଟ ପିଲାଙ୍କ ତୁଳନାରେ ଦୁଇଗୁଣରୁ ଅଧିକ ହେବ । ସ୍କୁଲ ଯାଉନଥିବା ପିଲାଙ୍କ ମଧ୍ୟରୁ ପାଖାପାଖି କୋଟିଏ ପିଲା ମୁଖ୍ୟ ଶ୍ରମିକ ଅଥବା ନାମମାତ୍ର ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି ।



ଆମକୁ ମନେରଖିବାକୁ ହେବ ଯେ, ଶିଶୁମାନେହିଁ ଦେଶର ଭବିଷ୍ୟତ । ପ୍ରଗତିର ମୂଳଦୁଆ । ଯେଉଁ ଦେଶର ମୂଳଦୁଆ ଯେତେ ମଜଭୁତ୍ ସେ ଦେଶ ସେତେ ଶକ୍ତ ଓ ଉନ୍ନତ । ତେଣୁ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷା ଦେବା ପ୍ରତ୍ୟେକ ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ । ଏହି କଥାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ସାରା ବିଶ୍ୱରେ ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଇଥାଏ । ସେହିପରି ବିଭିନ୍ନ ଦେଶରେ ଭିନ୍ନଭିନ୍ନ ସମୟରେ ଶିଶୁ ଦିବସ ମଧ୍ୟ ପାଳନ କରାଯାଏ । ଉଦ୍ଦେଶ୍ୟ ହେଲା ଶିଶୁକୁ ବଞ୍ଚିବାର ଅଧିକାର, ନିରାପତ୍ତା ଅଧିକାର, ଶିକ୍ଷା ଅଧିକାର ଓ ନିଜର ମତାମତ ପ୍ରକାଶ କରିବାର ଅଧିକାର ଦେବା ସହ ତା'ର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ କରାଇ ତାକୁ ଏକ ଉତ୍ତମ ନାଗରିକ ଓ ସୁଯୋଗ୍ୟ ଦାୟାଦ ରୂପେ ଗଢିବା । ଏହିସବୁ ପ୍ରାଥମିକ ମୌଳିକ ଅଧିକାରଗୁଡିକ ମଧ୍ୟରୁ ଶିକ୍ଷା ଅଧିକାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ଏହି ଅଧିକାରଟି ଶିଶୁମାନଙ୍କୁ ଶ୍ରମକ୍ଷେତ୍ରରୁ ବାହାରକୁ ଆଣି ବିଦ୍ୟାଳୟ ପରିସରଭୁକ୍ତ କରାଇପାରିବ ଯଦ୍ୱାରା ନିଜର, ପରିବାରର, ସମାଜ ତଥା ଦେଶର ହିତ ସାଧନ କରିପାରିବ ।

ଏକଥା ସତ ଯେ, ଆନ୍ତର୍ଜାତୀୟ ସ୍ତରଠାରୁ ଆରମ୍ଭକରି ଜାତୀୟସ୍ତର ଓ ବିଭିନ୍ନ ରାଜ୍ୟରେ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଅନେକ ଆଇନ ପ୍ରଣୟନ କରାଯାଇଛି, ବିଭିନ୍ନ ଯୋଜନା ରୂପାୟନ ହୋଇଛି । ଏସବୁ ସତ୍ତ୍ୱେ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ପୁଷ୍ଟିଯୁକ୍ତ ଆହାର ଓ ଶିକ୍ଷା ଆଦି ପ୍ରସଙ୍ଗ ଅବହେଳିତ ହୋଇଆସିଛି । ଶିଶୁଟି ଯଦି ଦୁଇଓଳି ଦୁଇମୁଠା ପେଟପୂରା ଖାଦ୍ୟ ଖାଇବାକୁ ପାଇବ ନାହିଁ ଓ ଦି' ଅକ୍ଷର ପାଠ ପଢିବାର ସୁଯୋଗ ପାଇବ ନାହିଁ, ତାହାହେଲେ ସେ ଶିଶୁ ଶ୍ରମିକ ହେବାକୁ ବାଧ ହେବ । କିନ୍ତୁ କ୍ଷୋଭର ବିଷୟ ଏହି ଯେ, ଏତେସବୁ ଆଇନ କାନୁନ, ବିଧିବ୍ୟବସ୍ଥା ଥାଇ ମଧ୍ୟ ଆମ ଦେଶରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି । ଫଳରେ ପେଟପାଟଣା ପାଇଁ ବହୁସଂଖ୍ୟାରେ ଶିଶୁ ବିଭିନ୍ନ କ୍ଷେତ୍ରରେ ଦୁଃଖ, ଦୁର୍ଦ୍ଦଶା, ଶୋଷଣ ଓ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ପେଟ ଚାଖଣ୍ଡକ ପାଇଁ କିଏ ହୋଟେଲ, ଗ୍ୟାରେଜ୍ ତ' କିଏ ପୁଣି ବିଡି ବଳିବା, ଖଣିରେ ଇଟା ଭାଙ୍ଗିବା ଭଳି ବିପଦସଂକୁଳ କାମକରୁଛନ୍ତି । ଆଉ ପୁଣି କିଏ ବ୍ୟବସାୟ ପ୍ରତିଷ୍ଠାନ, ଘରୋଇ ଚାକର ଭାବେ କାମ କରୁଛନ୍ତି । ଏପରିକି କେତେକ ରାସ୍ତାରୁ ବା ଅଳିଆଗଦାରୁ ଭଙ୍ଗା ଟିଣ, ଲୁହା, ପ୍ଲାଷ୍ଟିକ୍ ଜରି ଇତ୍ୟାଦି ଗୋଟାଇ ଗୁଜୁରାଣ ମେଣ୍ଟାଇଥାନ୍ତି । ଏକ ହିସାବ ଅନୁଯାୟୀ ସମଗ୍ର ବିଶ୍ୱରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୧୫୨ନିୟୁତ ଥିବାବେଳେ ଆମ ଦେଶରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୧,୦୧,୨୮,୬୬୬ ଏବଂ ଆମ ରାଜ୍ୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୩,୩୪,୪୧୬ ରହିଛି ।

ଶିକ୍ଷାକୁ ସାର୍ବଜନୀନ, ମାଗଣା ଓ ବାଧ୍ୟତାମୂଳକ କରିବାପାଇଁ କେନ୍ଦ୍ର ସରକାର ୨୦୦୯ ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଆମ ରାଜ୍ୟରେ ଏହା ୨୦୧୦ ମସିହା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେଉଛି । ଏହି ଆଇନ କାର୍ଯ୍ୟ କରିବାର ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏ ଦିଗରେ ଆମର ଅଗ୍ରଗତି ସନ୍ତୋଷଜନକ ହୋଇପାରିନାହିଁ । ଯେଉଁ ଶିଶୁମାନେ ମଧ୍ୟାହ୍ନଭୋଜନ ଆକର୍ଷଣରେ ବିଦ୍ୟାଳୟକୁ ଆସନ୍ତି, ପାରିବାରିକ ଦାରିଦ୍ର୍ୟ କାରଣରୁ ସେହି ବିଦ୍ୟାଳୟ ଶିକ୍ଷା ପରେ ପାଠପଢା ଛାଡି ଦେଇଥା'ନ୍ତି । ଆମ ରାଜ୍ୟରେ ସର୍ବଶିକ୍ଷା ଯୋଜନା ୨୦୦୧-୨୦୦୨ ମସିହାରୁ ଆରମ୍ଭ ହେଲାଣି । ଏଥିପାଇଁ ସ୍କୁଲରେ ମାଗଣା ପୁସ୍ତକ, ପୋଷାକ ଓ ମଧ୍ୟାହ୍ନ ଭୋଜନ ଦିଆଯାଉଛି । ତଥାପି ଆମ ରାଜ୍ୟରେ ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ବିଦ୍ୟାଳୟ ବାହାରେ ରହିଯାଉଛନ୍ତି । ସ୍କୁଲରେ ଉପସ୍ଥାନ ସଂଖ୍ୟା ବଢିଥିଲେ ମଧ୍ୟ ଅଧାରୁ ଅନେକ ଶିଶୁ ପାଠ ଛାଡିବା ଦେଖାଯାଉଛି । ସବୁ ଉଦ୍ୟମ ସତ୍ତ୍ୱେ ଏବଂ ସ୍ୱାଧୀନତାର ୭୩ ବର୍ଷ ପରେ ବି ବିଶ୍ୱର ଏକ ତୃତୀୟାଂଶ ନିରକ୍ଷର ଲୋକ ଆମ ଦେଶରେ ଅଛନ୍ତି । ଏହାର କାରଣ ଓ ନିରାକରଣ ସମ୍ପର୍କରେ ତର୍ଜମା କରିବାର ଅଛି ।



ଶିଶୁ ଶ୍ରମିକ ବ୍ୟବସ୍ଥାର ଜନନୀ ହେଉଛି ଦାରିଦ୍ର୍ୟ । ଅର୍ଥାତ୍ ଦାରିଦ୍ର୍ୟ ଦୂର ନହୋଇପାରିଲେ ଯେତେ ଯୋଜନା କଲେବି ତାହା ଫଳପ୍ରସୂ ହୋଇପାରିବ ନାହିଁ । ଏକ ଆକଳନ ଅନୁଯାୟୀ ଦେଶର ୭୭ ଭାଗ ଲୋକ ଦୈନିକ ୨୦ ଟଙ୍କା ବି ଆୟ କରିପାରୁନାହାନ୍ତି । ମିଳିତ ଜାତିସଂଘର ସହସ୍ରାବ୍ଦୀ ଲକ୍ଷ୍ୟରେ କୁହାଯାଇଥିଲା ୨୦୧୫ ସୁଦ୍ଧା ଦାରିଦ୍ର୍ୟ, କ୍ଷୁଧା ଓ ରୋଗ ବିରୋଧରେ କାର୍ଯ୍ୟକାରୀ ବ୍ୟବସ୍ଥା ଗ୍ରହଣ କରାଯିବ । ମାତ୍ର ଅଦ୍ୟାବଧି ଏହି ଲକ୍ଷ୍ୟ ପୂରଣ ହୋଇପାରିନାହିଁ । ଦାରିଦ୍ର୍ୟ ହେତୁ ଦେଶର ସାକ୍ଷରତା ହାର ୭୫ ପ୍ରତିଶତ ତଳେ ରହିଛି । ୧୦ ବର୍ଷ ବୟସର ଶିଶୁଙ୍କ ମଧ୍ୟରେ ଅର୍ଦ୍ଧେକ ପ୍ରାରମ୍ଭିକ ପର୍ଯ୍ୟାୟରେ ପାଠପଢାର ସୁଯୋଗ ପାଆନ୍ତି ନାହିଁ । ୧୦ ଭାଗରୁ ଏକ ଭାଗ ଶିଶୁ କଲେଜ ପର୍ଯ୍ୟନ୍ତ ପହଞ୍ଚି ଥାଆନ୍ତି । ଏ ଦିଗରେ କିପରି ସୁଧାର ଆସିବ ସେ ଦିଗରେ ଚିନ୍ତା କରିବାକୁ ପଡିବ ଓ ସମସ୍ତ ଶିଶୁଙ୍କୁ ଶିକ୍ଷା ସୁଯୋଗ ଦେବାକୁ ହେବ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ମୁଖ୍ୟ ଆୟୁଧ ଓ ପ୍ରଗତିର ଚାବିକାଠି । ଏଣୁ, ଶିକ୍ଷା ଅଧିକାର ଆଇନ ବଳରେ ଶିଶୁ ଶ୍ରମିକମାନଙ୍କୁ ବିଦ୍ୟାଳୟ ପରିସରକୁ ଆଣିବା ପାଇଁ ନିର୍ଦ୍ଦିଷ୍ଟ ବ୍ୟବାସ୍ଥା କରାଯିବା ଜରୁରୀ ।

ଏଥିସହିତ ଦେଶର ଗରିବ ଲୋକ ଯେତିକି ରୋଜଗାର କରନ୍ତି ତା'ର ୮୦ ପ୍ରତିଶତ ଖାଦ୍ୟ ପାଇଁ ବ୍ୟୟ କରିଥାନ୍ତି । ତେଣୁ, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସେମାନଙ୍କର ସାମର୍ଥ୍ୟ ରହେନାହିଁ । ଯଦ୍ୱାରା ଦେଶରେ ୪୨ ପ୍ରତିଶତ ଶିଶୁ ପୁଷ୍ଟିହୀନତାର ଶିକାର । ଅର୍ଥାତ୍ ଏମାନଙ୍କ ଓଜନ ବୟସ ଅନୁସାରେ ସ୍ୱାଭାବିକ ଓଜନଠାରୁ ଯଥେଷ୍ଟ କମ୍ । ଦେଶର ପ୍ରତି ଏକ ହଜାର ଶିଶୁଙ୍କ ମଧ୍ୟରୁ ୫୩ ଜଣ ଶିଶୁଙ୍କର ଅକାଳ ମୃତ୍ୟୁ ଘଟୁଛି । କେବଳ ସେତିକି ନୁହେଁ ଦେଶରେ ପ୍ରତିଦିନ ୬ ହଜାର ଶିଶୁ ମୃତ୍ୟୁବରଣ କରୁଛନ୍ତି । ଏହା ଏକ ଜାତୀୟ ଲଜ୍ଜା । ଆମ ରାଜ୍ୟ କଥା ଆହୁରି ତଦ୍ରୂପ । ଏସବୁ କାରଣରୁ ଶିଶୁ ସମ୍ପଦ ବିଡମ୍ବିତ ଅବସ୍ଥାରେ ରହିଛି । ଯେଉଁମାନେ ଶିଶୁ ଶ୍ରମିକ ହେଉଛନ୍ତି ସେହି କୋମଳମତି ଶିଶୁ ନିର୍ଯ୍ୟାତନା ତଥା ଶୋଷଣ-ପୀଡନର ଶିକାର ହେଉଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ଶିଶୁବିକ୍ରି ଓ ଶିଶୁ ଚାଲାଣ ଭଳି ସ୍ପର୍ଶକାତର ପ୍ରସଙ୍ଗ ତଥା କଳଙ୍କିତ ଘଟଣା ଲୋକଲୋଚନକୁ ଆସୁଛି । ଶିଶୁ ଶ୍ରମିକମାନଙ୍କ ମଧ୍ୟରୁ ୫୩ ପ୍ରତିଶତ ଶିଶୁ ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ଯେଉଁସବୁ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ନିଯୁକ୍ତି ଦେବାପାଇଁ ଆଇନଗତ ଭାବେ ନିଷିଦ୍ଧ କରାଯାଇଛି ସେସବୁ କ୍ଷେତ୍ରରେ ଆଇନକୁ ଉଲଘଂନ କରି ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଉଛି । ଏଥିରୁ ଜଣାପଡୁଛି ଶିଶୁ ଶ୍ରମିକ ନିରୋଧ ଆଇନ କେବଳ ନାମକୁ ମାତ୍ର ।

ୟୁନିସେଫ ଦ୍ୱାରା ପ୍ରସ୍ତୁତ ଏକ ତଥ୍ୟ ଅନୁଯାୟୀ କରୋନା ସଂକ୍ରମଣଜନିତ ଆର୍ଥିକ ଦୁଃସ୍ଥିତି କାରଣରୁ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡିକରେ ଏହି ବର୍ଷ ଶେଷ ସୁଦ୍ଧା ଯେତିକି ନୂଆ ଗରିବ ପରିବାର ସୃଷ୍ଟି ହେବେ ସେଥିରେ ୮୬ ନିୟୁତ ଶିଶୁ ଦାରିଦ୍ର୍ୟ ମୁହଁକୁ ଠେଲି ହୋଇଯିବେ । ଏମାନଙ୍କ ସଂଖ୍ୟା ମିଶିଲେ ଏବର୍ଷ ଶେଷ ବେଳକୁ ପୃଥିବୀରେ ଦରିଦ୍ର ପରିବାରର ଶିଶୁମାନଙ୍କ ସଂଖ୍ୟା ୯୭୨ନିୟୁତ ହୋଇଯିବ । କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ତାଲା ବନ୍ଦ ଭଳି ପଦକ୍ଷେପ ପୃଥିବୀର ସବୁ ରାଷ୍ଟ୍ରରେ ନିଆଯାଇଥିବା ହେତୁ ଆର୍ଥିକ ଦୁଃସ୍ଥିତି ଉଗ୍ରରୂପ ଧାରଣ କରିଛି । ତେଣୁ ଏହି ପିଢିର ଶିଶୁମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ ବୋଲି ୟୁନିସେଫ କହିଛି । ଏପରିକି କରୋନା ମହାମାରୀ ଆଉ କିଛିଦିନ ବଳବତ୍ତର ରହିଲେ ପ୍ରତିବର୍ଷ ବିଶ୍ୱରେ କୋଡିଏ ଲକ୍ଷରୁ ଅଧିକ ମୃତଶିଶୁ ଜନ୍ମ ନେବାର ଆଶଙ୍କା ରହିଥିବା ଚେତାବନୀ ଶୁଣାଇଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ୟୁନିସେଫ୍ । ବିଶେଷ କରି ଭାରତ ପରି ଜନବହୁଳ ଓ ବିକାଶମୁଖୀ ରାଷ୍ଟ୍ରରେ ଶିଶୁ ମାନଙ୍କ ଭବିଷ୍ୟତ ଉଦ୍‌ବେଗଜନକ ଅଟେ । ଏଥିପାଇଁ ସବୁ ସ୍ତରରେ ମିଳିତ ପ୍ରୟାସ ଲୋଡା ।

**ହିମାଂଶୁଶେଖର ଆଚାର୍ଯ୍ୟ, ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ- ୯୩୩୭୨୨୧୯୨୪**

## ମନୋଜ ଦାସଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ



ଭୁବନେଶ୍ୱର (ପିଏନ୍)- ଗତକାଲି ବିଶିଷ୍ଟ ଉପନ୍ୟାସିକ, କବି, ଲେଖକ ତଥା ପଦ୍ମଭୂଷଣରେ ଭୂଷିତ ସାହିତିକ ମନୋଜ ଦାସଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । ମୋର ଜଣେ ଭଲ ବନ୍ଧୁ ଓ ଶୁଭେଚ୍ଛୁ ହିସାବରେ ମନୋଜ ଦାସଙ୍କୁ ହରାଇ ମୁଁ ମର୍ମାହତ । ମନୋଜ ଦାସଙ୍କ ବିୟୋଗ କେବଳ ମୋର ନୁହେଁ ଆମ ରାଜ୍ୟ ଓ ସମଗ୍ର ଦେଶ ପାଇଁ ଅପୁରଣୀୟ କ୍ଷତି । ସ୍ୱର୍ଗତଃ ମନୋଜ ଦାସଙ୍କ ସର୍ବପ୍ରଥମ ଦୁଇଭାଷୀ ଓଡ଼ିଆ ଲେଖକ ଏବଂ ଉଭୟ ଇଂରାଜୀ, ଓଡ଼ିଆ କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସ ଲେଖି ପ୍ରସିଦ୍ଧି ଲାଭ କରିଛନ୍ତି । ଯାହା ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିଛି ଓ ରହିବ । ସାହିତିକ ତଥା ଶିକ୍ଷାବିତ ମନୋଜ ଦାସ ନିଜର ସାଧନା ଓ ସିଦ୍ଧି ପାଇଁ ବହୁ ପୁରସ୍କାର ଓ ସମ୍ମାନ ସାଂଉଟିଛନ୍ତି । ସାହିତ୍ୟ କ୍ଷେତ୍ରରେ ଉତ୍ସର୍ଗୀକୃତ ପାଇଁ ସ୍ୱର୍ଗତ ମନୋଜ ଦାସ ପଦ୍ମଭୂଷଣ, ପଦ୍ମଶ୍ରୀ, ସରସ୍ୱତୀ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡେମିର ଫେଲୋସିପ, ଅତିବଡ଼ି ଜଗନ୍ନାଥ ସମ୍ମାନ ଭଳି ଅନେକଗୁଡ଼ିଏ ସରକାରୀ ଓ ବେସରକାରୀ ସର୍ବୋଚ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ସ୍ୱର୍ଗତଃ ମନୋଜ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ।

## ମନୋଜ ଦାସଙ୍କ ମୃତ୍ୟୁରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଭୁବନେଶ୍ୱର (ପିଏନ୍): କାଳଜୟୀ ସାହିତ୍ୟ ସ୍ରଷ୍ଟା , ଜଣେ ବିଦ୍ୱାନ, ପ୍ରଖ୍ୟାତ ଲେଖକ, କବି ଏବଂ ଉଚ୍ଚକୋଟୀର ମାନବତାର ମୂଲ୍ୟବୋଧକୁ ବହନ କରିଥିବା ଓଡିଶାର ଜଣେ ମହାନ କୃତି ସନ୍ତାନ ମନୋଜ ଦାସଙ୍କ ମୃତ୍ୟୁରେ ପ୍ରାକ୍ତନ ସାଂସଦ ତଥା ବର୍ଷିଆନ ସିପିଆଇ(ଏମ୍) ନେତା ଶିବାଜୀ ପଟ୍ଟନାୟକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ନିଜର ଆଦ୍ୟ ଯୌବନରେ ଓଡିଶାର ଛାତ୍ର ଫେଡେରେସନ୍‌ର ସାଧାରଣ ସମ୍ପାଦକ ଯୁବ ଫେଡେରେସନ୍‌ର ବିଶ୍ୱସ୍ତରୀୟ ପ୍ରତିନିଧି ଭାବେ ଇଣ୍ଡୋନେସିଆରେ ଅନୁଷ୍ଠିତ ଯୁବ ସମ୍ମିଳନୀରେ ଯୋଗଦେବା, 'ଆଗାମୀ' ପତ୍ରିକାର ସମ୍ପାଦକ ଏବଂ ପ୍ରଗତିଶୀଳ ସାହିତ୍ୟ ପତ୍ରିକା 'ଦିଗନ୍ତ'ର ସମ୍ପାଦକ ଭାବେ ନିଷ୍ଠାର ସହ ନିଜର ଦାୟିତ୍ୱ ପାଳନ କରିଥିଲେ । ମନୋଜ ଦାସ ଯୁବ ବୟସରୁ ହିଁ ମାର୍କ୍ସବାଦ ଦର୍ଶନ ପ୍ରତି ଆକୃଷ୍ଟ ହୋଇ କମ୍ୟୁନିଷ୍ଟ ଆନ୍ଦୋଳନ ସହିତ ସଂଶ୍ଳିଷ୍ଟ ହୋଇଥିଲେ । ପରବର୍ତ୍ତୀ ସମୟରେ ଯଦିଚ ଆଧାତ୍ମିକ ଦର୍ଶନରେ ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପିତ କରିଥିଲେ., ମାତ୍ର ଜୀବନର ଶେଷ ପର୍ଯ୍ୟନ୍ତ ମଣିଷର ଭାଷାକୁ କହିବା, ବୁଝିବା ଏବଂ ଲେଖିବା କାମ ନିରବଚ୍ଛିନ୍ନ ଭାବେ କରି ଚାଲିଥିଲେ । ତାଙ୍କର ମୃତ୍ୟୁରେ ଓଡିଶା ଜଣେ ଶ୍ରେଷ୍ଠ ସାହିତ୍ୟିକ, ପ୍ରଜ୍ଞାପୁରୁଷ ଏବଂ ଅମଳିନ ପ୍ରତିଭାଙ୍କୁ ହରାଇଲା । ବ୍ୟକ୍ତିଗତ ଭାବେ ମୁଁ ଜଣେ ଆତ୍ମୀୟ ଅତ୍ୟନ୍ତ ବନ୍ଧୁବତ୍ସଳ, ଦୀର୍ଘଦିନର ବନ୍ଧୁଙ୍କୁ ହରାଇଲି ।

## କେନ୍ଦ୍ରାପଡା ଜିଲ୍ଲା ପାଇଁ କୋଭିଡ କଟକଣା ଜାରିକଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା (ପିଏନ୍): କୋଭିଡ ମହାମାରୀ ଦ୍ୱିତୀୟ ଲହର ଦୃତ ସଂକ୍ରମଣ ରୋକିବା ନିମିତ୍ତ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିଛନ୍ତି । ସେହି ଆଧାରରେ କେନ୍ଦ୍ରାପଡା ଜିଲ୍ଲାରେ କୋଭିଡ ନିୟମ ଅନୁପାଳନ ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶାନୁଯାୟୀ ଯାତ୍ରା, ରଙ୍ଗମଞ୍ଚ, ବିବାହ ଶୋଭାଯାତ୍ରା ଓ ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିଷିଦ୍ଧ କରାଯାଇଛି । ଏହି ନିଷେଧାଦେଶକୁ ଅବମାନନା କରୁଥିବା ବ୍ୟକ୍ତି ବା ସଂସ୍ଥା ଗୁଡିକ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସିନେମାହଲ ଓ ଥିଏଟର ୫୦ପ୍ରତିଶତ ଦର୍ଶକରେ କୋଭିଡ ନିୟମ ଅନୁପାଳନ ପୂର୍ବକ ଖୋଲାଯାଇପାରିବ । ବିବାହ ଉତ୍ସବରେ ୫୦, ଶବସଂସ୍କାର ଓ ଶୁଦ୍ଧିକ୍ରିୟାରେ ୨୦ରୁ ଅଧିକ ସାମିଲ କରାଯାଇପାରିବ ନାହିଁ । ବିବାହ ଓ ଶୁଦ୍ଧିକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କ ତାଲିକା ସଂପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟରେ ୨୪ଘଣ୍ଟା ପୂର୍ବରୁ ଦାଖଲ ହେବା ଆବଶ୍ୟକ । ଉତ୍ସବ ସ୍ଥଳର ସୁଦୃଶ୍ୟ ସ୍ଥାନରେ ୧୦ଫୁଟ ଦୂରତାରୁ ପଢିହେବା ଭଳି ସେହି ତାଲିକାଟି ଲଗାଯିବ । ତାଲିକାରେ ନାମ ନଥିବା ବ୍ୟକ୍ତି ସେହି ସ୍ଥାନରେ ଉପସ୍ଥିତ ଥିଲେ ଆମନ୍ତ୍ରଣ କରିଥିବା ବ୍ୟକ୍ତି ଓ ସ୍ଥାନ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆମନ୍ତ୍ରିତ ବ୍ୟକ୍ତିମାନଙ୍କର ଥର୍ମାଲ ସ୍କାନିଂ,ହାତଧୋଇବା, ସାନିଟାଇଜ ହେବା ଓ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା ବ୍ୟବସ୍ଥା ଆମନ୍ତ୍ରଣ କରୁଥିବା ବ୍ୟକ୍ତି ବା ସ୍ଥାନର ମାଲିକ କରିବେ । ଧାର୍ମିକ ଅନୁଷ୍ଠାନ ଗୁଡିକର ମୁଖ୍ୟ ସେମାନଙ୍କ ଅନୁଷ୍ଠାନକୁ ଯାଇଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ ବ୍ୟବସ୍ଥା କରିବେ । କେବଳ ପରିବାର ଲୋକଙ୍କୁ ନେଇ ଜନ୍ମଦିନ, ବ୍ରତୋପନୟନ, ଏକୋଇଶା, ବାର୍ଷିକୀ ଆଦି ଉତ୍ସବ ନିଜ ଘରେ ବିନା ଭୋଜି ଭାତରେ କରାଯିବ । ହାଟ, ବଜାର ଓ ମାଛ ମାର୍କେଟ ପ୍ରଭୃତି ସ୍ଥାନରେ ଦୋକାନରୁ ଦୋକାନର ଦୂରତା ୩୦ଫୁଟ ରହିବା ସହ ବିକ୍ରେତା ଓ କ୍ରେତା ଉଭୟ ୬ଫୁଟ ବ୍ୟବଧାନରେ କାରବାର କରିବେ ଓ ବାଧ୍ୟତାମୂଳକ ମାସ୍କ ପରିଧାନ କରିବେ । ସଂପୃକ୍ତ ଅଞ୍ଚଳର ତହସିଲଦାର ଓ ଭାରପ୍ରାପ୍ତ ଥାନା ଅଧିକାରୀ ଏ ସଂକ୍ରାନ୍ତରେ ସ୍ଥାନ ନିରୂପଣ କରିବେ । ସପିଂମଲ ଗୁଡିକ ସୀମିତ ଗ୍ରାହକଙ୍କୁ ନେଇ ଖୋଲି ପାରିବେ । ମଲର ମାଲିକମାନେ ଆସୁଥିବା କ୍ରେତାମାନଙ୍କର ଶରୀର ତାପମାତ୍ରା ସ୍କ୍ରିନିଂ କରିବା ସହ ସଠିକ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ପ୍ରତି ଧ୍ୟାନ ଦେବେ । ହୋଟେଲ ବା ଜଳଖିଆ ଦୋକାନରେ ଟେବୁଲରେ ବସି ଖାଇବା ବ୍ୟବସ୍ଥା ରହିବ ନାହିଁ । କେବଳ ପାର୍ସଲରେ ଖାଦ୍ୟ ବିକ୍ରୟ କରାଯାଇପାରିବ । ମଲ ଆଗରେ ଭିଡ ନହେବା ଦିଗରେ ମାଲିକମାନେ ଦୃଷ୍ଟି ଦେବେ । ବ୍ୟବସାୟ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ବାଧ୍ୟତାମୂଳକ ମାସ୍କ ପରିଧାନ କରିବେ । ଦୋକାନ ମାଲିକ ଓ ବ୍ୟବସାୟୀ ସଙ୍ଘ କର୍ମକର୍ତ୍ତାଙ୍କର ଏହା ଉତ୍ତରଦାୟିତ୍ୱ ରହିବ । ଦୋକାନକୁ ଆସୁଥିବା ସମସ୍ତ ବ୍ୟକ୍ତି ସଠିକ ଭାବେ ମାସ୍କ ପିନ୍ଧିବା ଓ ୬ଫୁଟ ଦୂରତା ରକ୍ଷା କରିବା ଦିଗରେ ସଂପୃକ୍ତ ଦୋକାନ ମାଲିକ ଦୃଷ୍ଟି ଦେବା ସହ ସ୍ଥାନ ନିରୂପଣ କରିବେ । ଦୋକାନ ପ୍ରବେଶ ପୂର୍ବରୁ ଗ୍ରାହକମାନଙ୍କ ପାଇଁ ହାତଧୋଇବା, ସାନିଟାଇଜର ଓ ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା ସଂପୃକ୍ତ ଦୋକାନି କରିବେ । ଦୋକାନ ଭିତରେ ଅଧିକ ଗହଳିକୁ ବରଦାସ୍ତ କରାଯିବ ନାହିଁ । ଏଭଳି ହେଲେ ସଂପୃକ୍ତ ଦୋକାନିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆବଶ୍ୟକସ୍ଥଳେ ସେମାନଙ୍କ ଦୋକାନକୁ ବନ୍ଦ କରାଯିବା ସହ ଲାଇସେନ୍ସ ରଦ୍ଦ କରାଯିବ । ଦୈନିକ ହାଟ, ବଜାର ଓ ମାଛ ମାର୍କେଟରେ ସଂପୃକ୍ତ ବ୍ୟବସାୟୀମାନେ ବାରିକେଡ କରି ବ୍ୟବସାୟ କରିବେ । ୬ଫୁଟ ଦୂରତାରେ ଗ୍ରାହକମାନେ ଛିଡା ହେବା ନିମିତ୍ତ ସ୍ଥାନ ନିରୂପଣ କରିବେ । ହୋଟେଲରେ ରହୁଥିବା ବ୍ୟକ୍ତିମାନଙ୍କ ବ୍ୟତିତ ବାହାର ଲୋକଙ୍କୁ ଅନୁମତି ଦିଆଯିବ ନାହିଁ କିମ୍ବା ଟେବୁଲରେ ବସି ଖାଇବାର ଅନୁମତି ନାହିଁ । ମାତ୍ର ହୋଟେଲ ମାଲିକ ଅନଲାଇନରେ ଖାଦ୍ୟ ଯୋଗାଇଦେଇପାରିବେ । ସେହିପରି ରାସ୍ତାକଡରେ ଖାଦ୍ୟ ଦୋକାନୀମାନେ ଦୋକାନ ଆଗରେ ଖାଇବାକୁ ନଦେଇ କେବଳ ପାର୍ସଲ ଦେଇପାରିବେ । ଯାତ୍ରୀବାହୀ ଡଙ୍ଗାଗୁଡିକ ୫୦ପ୍ରତିଶତ ଯାତ୍ରୀଙ୍କୁ ନେଇ ଚଳାଚଳ କରିବେ । ସମସ୍ତ କ୍ଷେତ୍ରରେ କୋଭିଡ ନିୟମ କଡାକଡି ଭାବେ ଅନୁପାଳିତ ହେବ । ଏଥିରେ ବ୍ୟତିକ୍ରମ କରୁଥିବା ବ୍ୟକ୍ତି ବା ସଂସ୍ଥାଗୁଡିକ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କେନ୍ଦ୍ରାପଡା ଜିଲ୍ଲାର ଜନସାଧାରଣ କୋଭିଡ ନିୟମ ଅନୁପାଳନ ପୂର୍ବକ ଜିଲ୍ଲାରେ କୋଭିଡ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଛନ୍ତି ।

## ୬୫ହଜାର ଲିଟର ରନ୍ଧାମଦ ଜବତ: ୨ଗିରଫ



କେନ୍ଦ୍ରାପଡ଼ା (ପିଏନ୍): ଅବକାରୀ ବିଭାଗ ପକ୍ଷରୁ ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଛପାଲୀ ଗ୍ରାମର ଲାଲମୋହନ ଖିଲାରଙ୍କଠାରୁ ୩୦ହଜାର ଲିଟର ରନ୍ଧାମଦ ଜବତ କରାଯାଇଥିବା ବେଳେ କାଉଶପାଳ ଗ୍ରାମର ରାଜେଶ୍ୱର ଖିଲାରଙ୍କ ଠାରୁ ୩୫ହଜାର ଲିଟର ରନ୍ଧାମଦ ଜବତ କରାଯାଇ ଉଭୟ ମଦ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକ୍ଷକ ରଜତ ପ୍ରହରାଜଙ୍କଠାରୁ ସୂଚନା ମିଳିଛି ।

## କରୋନା ଟିକା ପାଇଁ ରକ୍ତ ଅଭାବ ଏକ ଗୁଜବ



ଭୁବନେଶ୍ୱର (ପିଏନ୍): କରୋନା ଟିକା କରଣ ଅଭିଯାନ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଅଭିଯାନ ବାଧାପ୍ରାପ୍ତ ହେବ ବୋଲି ଯେଉଁ ଆଶଙ୍କା ସୃଷ୍ଟି କରାଯାଉଛି ତାହା ମିଥ୍ୟ ଓ ଏକ ବଡ଼ ଗୁଜବ । ଆଗକୁ ରକ୍ତର ଅଭାବ ଆଦୌ ହେବନାହିଁ, ଏଭଳି ମିଥ୍ୟା ଗୁଜବକୁ ବିଶ୍ୱାସ ନକରିବାକୁ ଓଡିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ପ୍ରତିଷ୍ଠାତା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଅନୁରୋଧ କରିଛନ୍ତି । ଆମ ରାଜ୍ୟରେ ସାଢେ ୪ କୋଟି ଲୋକ ଥିବା ବେଳେ ମାତ୍ର ସାଢେ ୪ ଲକ୍ଷ ୟୁନିଟ ରକ୍ତର ଆବଶ୍ୟକତା ରହିଛି । ଯାହାକି ଲୋକସଂଖ୍ୟାର ମାତ୍ର ଏକ ପ୍ରତିଶତ । ଯେଉଁମାନେ ରକ୍ତଦାନ କରିପାରିବେ ନାହିଁ ୧୮ ବର୍ଷରୁ କମ ଓ ୬୫ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ଛାଡିଦେଲେ ମଧ୍ୟ ଏହା ଦୁଇ ପ୍ରତିଶତ ଭିତରେ ରହୁଛି । ଗତ ଦୁଇ ମାସ ଭିତରେ କରୋନା ଟିକା ମାତ୍ର ୧୦ ପ୍ରତିଶତ ଲୋକଙ୍କୁ ଦିଆଯାଇ ପାରିଛି । ଟିକା ଫେଜ ମ୍ୟାନରରେ ଦିଆଯାଉଥିବା ବେଳେ ସେହିଭଳି ଫେଜ ମ୍ୟାନରରେ ଲୋକ ରକ୍ତଦାନ କରି ପାରିବେ । ତେଣୁ ରକ୍ତଦାନ କରିବା ପାଇଁ ସବୁବେଳେ ଏକ ପ୍ରତିଶତରୁ ଅଧିକ ଲୋକ ଉପଲବ୍ଧ ହେବେ । ଏସ୍‌ସିବି ରକ୍ତଭଣ୍ଡାର ଅଧିକାରୀ ପ୍ରଫେସର ଡାକ୍ତର ପଙ୍କଜ ପରିଡା ତଥ୍ୟ ଭିତରକୁ ନଯାଇ ଏଭଳି ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିଥିବା ମନେହେଉଛି । ତେଣୁ ପ୍ରଫେସର ପରିଡାଙ୍କ ସହିତ ସମସ୍ତଙ୍କୁ ଅନୁରୋଧ ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ଅଯଥାରେ ବିଭ୍ରାନ୍ତିକର ତଥ୍ୟ ଗଣମାଧ୍ୟମରେ ଦେଇ ସାଧାରଣ ଲୋକଙ୍କ ମନୋବଳ ଅଧିକ ନ ଭାଙ୍ଗନ୍ତୁ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଜୁଲାଇ ୦୧**

# ବୁଦ୍ଧଂ ଶରଣଂ ଗଚ୍ଛାମି

ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁଚିନ୍ତା, ବହୁ ବିଶ୍ୱାସ ଓ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ । ବସ୍ତୁତଃ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା କୌଣସି ଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା । ଏଣୁ ଭାରତୀୟ ଆଧିପତ୍ୟକୁ ଜୈନ ଦର୍ଶନ ଯେଭଳି ଭାବରେ ସାଂଖ୍ୟ, ଯୋଗ ସେହିପରି ବିଶ୍ୱକଲ୍ୟାଣ ହେଉଛି 'ସର୍ବଜନ ହିତାୟ, ସତ୍ୟରେ ଏ ସଂସ୍କୃତି ଏ ଏଠାରେ ବେଶ୍ ଲକ୍ଷଣୀୟ ଦର୍ଶନରେ ବେଦର ଅସ୍ୱୀକାର କରି ବୌଦ୍ଧ ଓ ଜନାଦୃତ; ଅନୁରୂପ ନ୍ୟାୟ, ବୈଶେଷିକ ଓ ପ୍ରାଧାନ୍ୟଲାଭ କରିଥାଏ । ଏହାର ମୂଳମନ୍ତ୍ର । ସର୍ବଜନ ସୁଖାୟ' ବିଶ୍ୱାସ ରଖେ । ପରିପ୍ରେକ୍ଷୀରେ କହିରଖେ;


ଡକ୍ଟର ମନୋରଞ୍ଜନ ବିଷୋୟୀ

ଯେତେବେଳେ ଧାର୍ମିକ ତଥା ସାଂସ୍କୃତିକ ଭାବଧାରାକୁ ନେଇ ବିଭିନ୍ନ ବାଦାନୁବାଦ ଓ ମତବାଦ ମୁଣ୍ଡ ଟେକି ଉଠିଥିଲା, ସେତେବେଳେ ବୌଦ୍ଧଧର୍ମ ଓ ସଂସ୍କୃତିର ଆବିର୍ଭାବ ହୋଇଥିଲା । ମସ୍କରୀ ଗୋପଳ ନାମକ ଧର୍ମଗୁରୁଙ୍କ 'ସଂସାର ବିଶୁଦ୍ଧି ମାର୍ଗ' ଠାରୁ ଆରମ୍ଭ କରି ପୂର୍ଣ୍ଣ କାଶ୍ୟପଙ୍କ 'ଅକ୍ରିୟାବାଦ', ପକୁଧ କାଚ୍ଛାୟନଙ୍କ 'ଅଶ୍ୱାଶତବାଦ', ଚାର୍ବାକ୍‌ଙ୍କ 'ବିକ୍ଷେପବାଦ' ଭଳି ଦର୍ଶନ ଆମ ସାଂସ୍କୃତିକ ପୃଷ୍ଠଭୂମିକୁ ଆଚ୍ଛନ୍ନ କରି ରଖିବା ସହ ସନାତନବାଦୀ ବ୍ରାହ୍ମଣ ପଣ୍ଡିତମାନଙ୍କ ବୈଦିକ ପରମ୍ପରା ମାନବ ସମାଜକୁ ଜଟିଳତର କରି ରଖିଥିଲା । ଏସବୁ ଧର୍ମ ଓ ମତବାଦ ପରସ୍ପର ବିରୋଧି ଥିଲେ ହେଁ; ପ୍ରତ୍ୟେକ ଆର୍ଯ୍ୟ ପରମ୍ପରାଭିତ୍ତିକ ବୋଲି ଯୁକ୍ତି ବାଢ଼ିବା ଫଳରେ ଏକ ସାଂସ୍କୃତିକ ସଂକଟର ସମୟ ଆସି ଉପନୀତ ହୋଇଥିଲା । ଏଭଳି ଏକ ସଂକଟର ସନ୍ଧିକ୍ଷଣରେ ଗୌତମବୁଦ୍ଧଙ୍କର ଆର୍ବିଭାବ ।

ଏ ପରିପ୍ରେକ୍ଷୀରେ କହିରଖେ, ସେ ସମୟରେ ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା । ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ୍ୟ ତତ୍ପର ନଥିଲେ । ତେଣୁ ଲୋକମୁଖରେ କଥିତ ପ୍ରାକୃତ ଭାଷା ଏଠାରେ ପ୍ରଚଳିତ ଥିଲା । ଗୌତମ ବୁଦ୍ଧ ମଧ୍ୟ ପ୍ରାକୃତ ଭାଷାକୁ ଧର୍ମପ୍ରଚାରର ମାଧ୍ୟମ ଭାବରେ ଗ୍ରହଣ କରିଥିଲେ । ଫଳସ୍ୱରୂପ ଗୌତମ ବୁଦ୍ଧଙ୍କ ଲବ୍ଧ ସତ୍ୟ ଲୋକାନୁଭବର ସ୍ତରକୁ ଆସି ପାରିଥିଲା । କ୍ରମେ ଗୌତମ ବୁଦ୍ଧ ପ୍ରତିଷ୍ଠିତ ହେଲେ । ପ୍ରାକୃତ ଭାଷା ମଧ୍ୟ ପ୍ରତିଷ୍ଠିତ ହେବା ସହ ବୁଦ୍ଧଙ୍କ ପ୍ରଚାରିତ ଧର୍ମ ମଧ୍ୟ ରାଜଧର୍ମ ହେବାକୁ ଆରମ୍ଭ କରିଥିଲା । ଅଙ୍ଗୁଳିମାଳା ଦସ୍ୟୁ, ଶାକ୍ୟ ରାଜପରିବାରର ନାପିତ ଉପାଳି, ବୈଶାଳୀର ଜନପଦ-ବଧୂ, ନର୍ତ୍ତକୀ ଅମ୍ବାପାଲି, ସମ୍ରାଟ ପ୍ରସେନଜିତ ଓ ବିମ୍ବିସାର ଆଦି ସମସ୍ତେ ଏ ଧର୍ମ କୋଳରେ ଆଶ୍ରୟ ନେଇଥିଲେ । ବହୁ ଧର୍ମରେ ପ୍ରଚଳିତ ଥିବା ଜଟିଳ ତତ୍ତ୍ୱରୁ ବୁଦ୍ଧ ଚାରୋଟି ସତ୍ୟ ଆବିଷ୍କାର କରିଥିଲେ । ଯଥା- (୧) ଦୁଃଖ ସତ୍ୟ (୨) ଏହାର କାରଣ ସତ୍ୟ (୩) ଏହାର ନିରୋଧ ହୋଇପାରିବା କଥାଟା ସତ୍ୟ (୪) ଏହି ଦୁଃଖ-ନିରୋଧର ଉପାୟ ମଧ୍ୟ ସତ୍ୟ । ଏଠି ପ୍ରଶ୍ନ ଉଠେ ଦୁଃଖ ପୁଣି କ'ଣ ? ଏହାର ମଧ୍ୟ ଉତ୍ତର ଦେବାକୁ ଯାଇ ଗୌତମ ବୁଦ୍ଧ ଉଲ୍ଲେଖ କରିଛନ୍ତି- ସଂସାର ସହିତ ସମ୍ପର୍କରୁ ଦୁଃଖର ଜାତ । ଯଥା- ଜନ୍ମ, ବୃଦ୍ଧାବସ୍ଥା, ରୁଗ୍ଣାବସ୍ଥା, ମୃତ୍ୟୁ, ଇପ୍‌ସିତ ବସ୍ତୁଟିର ଅପ୍ରାପ୍ତି । କାରଣ ଇନ୍ଦ୍ରିୟ ଜନିତ ସୁଖର ବସ୍ତୁଟି ଅପସରି ଗଲେ ଦୁଃଖ ଆସିଥାଏ । ବୁଦ୍ଧଙ୍କ ମତରେ - ଜୀବନ ପ୍ରତି ଅତ୍ୟଧିକ ମୋହ ମଣିଷକୁ ସଂସାର ପ୍ରତି ଆକୃଷ୍ଟ କରାଏ । ତେଣୁ ସେ ବାରମ୍ବାର ଏ ସଂସାରରେ ଜନ୍ମ ନେଇ ଦୁଃଖ ଭୋଗ କରିଥାଏ । ଅତଏବ ଦୁଃଖ ହେଉଛି- ମଣିଷର ନିଜର ସୃଷ୍ଟ କାମନା ଓ ବାସନାରୁ ସମ୍ଭୂତ । ଏହାର ବିନାଶରେ ଦୁଃଖର ବିନାଶ । ଏହି କାମନା ଓ ବାସନାର ବିନାଶ ଲାଗି ଗୌତମ ବୁଦ୍ଧ ଏକ ପନ୍ଥା ଦେଖାଇଥିଲେ । ଯାହା ଅଷ୍ଟାଙ୍ଗ ମାର୍ଗ ଭାବେ ପ୍ରସିଦ୍ଧ । ଏଥିରେ ସମ୍ୟକ ଦର୍ଶନ, ଉତ୍ତମ ଅଭୀପ୍‌ସା, ଉତ୍ତମ କଥା, ଉତ୍ତମ ସ୍ୱଭାବ, ଉତ୍ତମ ମାର୍ଗ, ଉତ୍ତମ କର୍ମ, ଉତ୍ତମ ଚିନ୍ତା, ଉତ୍ତମ ସମାଧିସ୍ଥ ଆନନ୍ଦ ଲାଭ କରିବାକୁ ହୋଇଥାଏ । ଏହି ଅଷ୍ଟାଙ୍ଗ ମାର୍ଗରେ ଗତି କଲେ ସତ୍ୟର ସନ୍ଧାନ ପାଇବା ସହ ଦୁଃଖକୁ ଚିହ୍ନଟ କରି ସେଥିରୁ ମୁକ୍ତି ପାଇବାର ପଥ ପରିଷ୍କାର ହେବ । ଏହି ମୁକ୍ତି ହିଁ ହେଉଛି ନିର୍ବାଣ । ଏହି ନିର୍ବାଣ ପାଇବାକୁ ବୁଦ୍ଧ ଚାରିଗୋଟି ମାର୍ଗ ଦର୍ଶାଇଥିଲେ । ଯଥା- ୧. ସୋତାପତ୍ତିମାଗ୍‌ଗ, ୨. ସକଦାଗାମି ମାଗ୍‌ଗ, ୩. ଅନାଗାମି ମାଗ୍‌ଗ, ୪. ଅର୍ହତ ମାଗ୍‌ଗ । ଅର୍ଥାତ୍ ଯେଉଁ ବ୍ୟକ୍ତି ବୁଦ୍ଧଙ୍କ ବାଣୀ ଓ ଅନୁଶାସନକୁ ଶ୍ରଦ୍ଧା ଓ ଭକ୍ତିର ସହିତ ଗ୍ରହଣ କରନ୍ତି; ସେମାନେ ହେଲେ ସୋତାପତ୍ତି ମାଗ୍‌ଗ । ଯେଉଁମାନେ ସକଦାଗାମି ମାଗ୍‌ଗର ଅନୁବର୍ତ୍ତୀ ସେମାନଙ୍କୁ ଅତି କମ୍‌ରେ ସାତଥର ଜନ୍ମଗ୍ରହଣ ପରେ ନିର୍ବାଣ ମିଳିଥାଏ । ଅନାଗାମି ମାଗ୍‌ଗ ଅନୁବର୍ତ୍ତୀ ବ୍ୟକ୍ତିଙ୍କୁ ଆଉ ଏ କାମ, କ୍ରୋଧମୟ ସଂସାରକୁ ଆସିବାକୁ ପଡ଼ିନଥାଏ । ଅର୍ହତମାଗ୍‌ଗ ହେଉଛି ସର୍ବଶ୍ରେଷ୍ଠ । ସେମାନଙ୍କ ସକଳ କାମନାର ବିନାଶ ଘଟିଥାଏ । ସେମାନେ ଦେହତ୍ୟାଗ ପରେ ନିର୍ବାଣ ଲାଭ କରିଥାନ୍ତି । ଏ ପରିପ୍ରେକ୍ଷୀରେ କହିରଖେ କୌଣସି ଏକ ନିର୍ଦ୍ଦିଷ୍ଟ ପନ୍ଥା ଗ୍ରହଣ କରିବାକୁ ବାଧ୍ୟବାଧକତା ନଥିଲା । ଯାହାକୁ ଯେଉଁ ପନ୍ଥା ସୁବିଧା ହେଲା ସେ ନିର୍ବାଣ ନିମନ୍ତେ ସେହି ପନ୍ଥା ଚୟନ କରିପାରୁଥିଲା । ଫଳତଃ ଏହି ଧର୍ମ ବାସ୍ତବବାଦୀ ଦୃଷ୍ଟିକୋଣ ଯୋଗୁଁ ଅଳ୍ପ ସମୟ ଭିତରେ ଜନପ୍ରିୟ ଧର୍ମର ମାନ୍ୟତା ଲାଭ କରିପାରିଥିଲା । ଏହି ଧର୍ମ ବା ବୌଦ୍ଧ ସଂସ୍କୃତିର ଭିତ୍ତି ଥିଲା- ବୁଦ୍ଧ, ଧର୍ମ ଓ ସଂଘ । ଏହାକୁ ତ୍ରିରତ୍ନ ବୋଲି କୁହାଯାଏ । ପ୍ରତ୍ୟେକ ଉପାସକଙ୍କୁ ଏହି ତିନୋଟିର ଶରଣ ନେବାକୁ ହୋଇଥାଏ । ସେମାନେ କହିଥାନ୍ତି- "ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି ।" ଖୁବ୍ ଲୋକପ୍ରିୟତା ହାସଲ କରିଥିବା ବୌଦ୍ଧଧର୍ମର ଶୃଙ୍ଖଳାରେ ଅବକ୍ଷୟ ବିଶେଷକରି ବୁଦ୍ଧଙ୍କ ମୃତ୍ୟୁ ପରେ ପରିଲକ୍ଷିତ ହୋଇଥିଲା । ସଂଘ ମଧ୍ୟରେ ବିଭାଜନର ସୂତ୍ରପାତ ଘଟିଥିଲା । ଶେଷରେ ବୌଦ୍ଧମାନେ ଥେରବାଦୀ ଓ ମହାସାଙ୍ଘିକ ଭାବେ ଦୁଇଟି ଗୋଷ୍ଠୀ ହୋଇଗଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବୌଦ୍ଧଧର୍ମର ବିଧିବଦ୍ଧ ଭାବେ ହୀନଯାନ ଓ ମହାଯାନ ନାମକ ଦୁଇ ଗୋଷ୍ଠୀ ଗଢ଼ି ଉଠିଥିଲା । ଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ବିଶ୍ୱ କଲ୍ୟାଣ ହିଁ ଥିଲା ଏହି ବୌଦ୍ଧ ସଂସ୍କୃତିର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖିଥିଲା ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ସଂପର୍କ: ୮୮୯୫୧୪୧୭୨୭

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଧର୍ମ ଅର୍ଜନ କର ନା ଧନ

ଝିପି ଝିପି ବର୍ଷା ପଡୁଥିଲା । ଗୋପିନାଥ ବାବୁ ବାରଣ୍ଡାରେ ଠିଆ ହୋଇ ଦେଖୁଥିଲେ । ଜଣେ ଠେଲାବାଲା । ତା ଟ୍ରଲି ଧରି ରିକ୍ସାରେ କିଛି ପନିପରିବା ରଖି ଦୁଆର ଦୁଆର ବୁଲୁଥିଲା । ତାକୁ ଦେଖି ବାବୁଙ୍କ ମନରେ ଦୟା ଆସିଲା । ଆଉ ସେ ପଚାରିଲେ ଏ କରୋନା ସମୟରେ ଭିଜି ଭିଜି କାହିଁକି ପରିବା ବିକୁଛୁ । ବେମାର ପଡ଼ି ଯିବୁ ଯେ । ଲୋକଟା ଟିକେ ହସି ଦେଇ କହିଲା । ହଁ ଆଜ୍ଞା ମୁଁ ଏ କଥା ଜାଣେ ହେଲେ ଏ ଲକ୍ ଡାଉନ ଓ ସଟଡାଉନରେ କେହି ହାଟ ବଜାରକୁ ବାହାରୁ ନାହାଁନ୍ତି ଆମ ରାଜନଗର ର ପାଳ ଗୁଡ଼ିକ ବୁଡ଼ି ଗଲାଣି । ଆଉ କେଇଟା ଦିନରେ ପରେ ପଚି ଷଡ଼ି ଏଗୁଡ଼ିକ ନଷ୍ଟ ହୋଇଯିବ । ଯଦି ଏ ପନିପରିବା ବିକି ଦେଇ ପଇସା ନ କମାଏ । ମୋ ଘର ଚଳିବ କେମିତି ଆଜ୍ଞା ? ତା କଥା ଶୁଣି ଗୋପିନାଥ ବାବୁଙ୍କ ମୁହଁ ବନ୍ଦ ହୋଇଗଲା । କଥାଟା ନିରାଟ ସତ ଥିଲା । ତା ନହୋଇ ଥିଲେ କ୍ଷେତ ବାଡ଼ିରେ ଲୋକ ଏବେ ବି କାମ କରୁଛନ୍ତି । କିଏ କଖାରୁ, କାକୁଡ଼ି, ଜହ୍ନି, ଛଞ୍ଚୁଣା ମନ୍ଦା ପାଖରେ ଭାଡ଼ି କରୁଛି ତ । ଆଉ କେହି ପଖିଆ ଢାଙ୍କି କା ପ୍ଲାଷ୍ଟିକ୍ ଜରିରେ ଶରୀର ଢାଙ୍କି ହୋଇ ରୁଆ ଓପଡ଼ା କାମରେ ଲାଗିଛନ୍ତି । ସେମାନେ ସମସ୍ତେ ବୋଧେହୁଏ ଜାଣନ୍ତି ଏ କରୋନା ସମୟରେ ଥଣ୍ଡା ଶର୍ଦ୍ଦି ଓ ଜ୍ୱରରୁ ନିଜକୁ ବଞ୍ଚାଇରଖିବା ଦରକାର । ପେଟର ଭୋକ ଓ ସତ ଉପାୟରେ ଧନ ଅର୍ଜନ କରିବା ମାଧ୍ୟମ ଏହାକୁ ମାନି ନେଇ ଥିଲେ । ତେଣୁ ସେମାନେ ଏପରି କାର୍ଯ୍ୟ କରିବାକୁ ଉତ୍ସାହି । ଏ କରୋନା ମହାମାରୀ କେତେ ଲୋକଙ୍କ ଜୀବନ ନେଲାଣି । ଆଖିରୁ ଲୁହ ସୁଖୁନି । ଦେବାଳୟ ସ୍କୁଲ, କଲେଜ, ହାଟ ବଜାର ସବୁ ବନ୍ଦ । ଏପରି ସ୍ନାନ ପୂର୍ଣ୍ଣମାରେ ଦେବ ଦର୍ଶନ ବି ହୋଇ ପାରିଲାନି । ସରକାର କୋଭିଡ଼ ନିୟମ କଡ଼ାକଡ଼ି କରିବା ସଙ୍ଗେ ସଙ୍ଗେ ଟିକା ଦେବା ପାଇଁ ମଧ୍ୟ ସୁବନ୍ଦୋବସ୍ତ କରିଛନ୍ତି । କାଳିଆ, ଆର୍ଶିବାଦ ଓ ଗୋପାଳନ କାରୀମାନଙ୍କ ପାଇଁ ଉନ୍ନୟନ ଯୋଜନା ମାନ କାର୍ଯ୍ୟକାରୀ କରାଗଲାଣି । ହେଲେ କଣ ହେବ । କରୋନାର କ୍ଷୟ କ୍ଷତି ଭରଣା କରିବା ବଡ଼ ସମୟ ସାପେକ୍ଷ । ଏପରି ଅନେକ କିଛି ଅମିମାଂସିତ ପ୍ରଶ୍ନର ସମାଧାନ କରିବାରେ ଲାଗିଥିଲେ ଗୋପିନାଥ ବାବୁ । ତାଙ୍କ ମନ ଭିତରେ ଆନ୍ଦୋଳିତ ହେଉଥାଏ ଏହାର ସମାଧାନର ମାର୍ଗ । ହଠାତ୍ ନାତି ଟୋକାଟା ପାଟି କରି ଉଠିଲା ଜେଜେ ବାପା ଟିଭି ଦେଖିବ ଆସ । ତା ଡ଼ାକ ଶୁଣି ବାବୁ ଡ୍ରଇଂରୁମ ଭିତରକୁ ପସିଗଲେ । ତାଙ୍କ ନଜର ପଡ଼ିଲା କରୋନା ନକଲି ଔଷଧ ବିକ୍ରେୟତାଙ୍କ କାରନାମା । ଆଖିକୁ ବିଶ୍ୱାସ କରି ପାରୁନଥିଲେ । ତାଙ୍କ କାନ କଣ ଠିକ୍ ଶୁଣୁଛି ଏହା ଉପରେ ବି ତାଙ୍କର ସନ୍ଦେହ ହେଉଥିଲା । ଶିକ୍ଷିତ ମଣିଷ ପଇସା ପାଇଁ ଅନ୍ୟମାନଙ୍କ ଜୀବନ ସହିତ ଖେଳିପାରେ । କରୋନା କେତେ ପଇସା ବାଲା ଲୋକଙ୍କୁ ଦୁନିଆର ଆରପାରିକୁ ନେଇଗଲା । ସେଥିରୁ କଣ ସେମାନେ ଶିଖି ପାରିଲେନି ? ପଇସା କଣ ଏ ଦୁନିଆରେ ସର୍ବସ୍ୱ । ହରି ସାରଙ୍କ ସେହି କଥା ପଦକ ମନେ ପଡ଼ିଲା ।

"ବାଲ୍ୟ କାଳୁ
ଧର୍ମ ଧନ ମୁଁ ସଞ୍ଚିବି
ଏ ଜୀବନ ଅନିଶ୍ଚିତ ।
କେତେ ବେଳେ ଆସି ମୃତ୍ୟୁ କାଳ ମୋର
ହୋଇଯିବ ଉପସ୍ଥିତ ।"

ତେବେ ଏତେ ପରିମାଣର ପଇସା ଲୋଭ କାହିଁକି ହେଉଛି । ପାର୍ଥିବ ଭୋଗ ଲାଳସା ଦିନକୁ ଦିନ ବଢି ଚାଲିଛି । ମଣିଷ ପ୍ରଗତି ପଥରେ ଆଗେଇବା ନାଁରେ ମାନବିକତା ହରାଇ ବସିଲାଣି । ସୁଉଚ୍ଚ ପ୍ରାସାଦ, ବିଦେଶୀ ଗାଡ଼ି, ଆଧୁନିକ ବେଶ ପୋଷାକ, ଉଚ୍ଚକୋଟିର ଆସବା ପତ୍ର, ପ୍ରସାଧନ ସାମଗ୍ରୀ, ମୋବାଇଲ, ଏୟାର କଣ୍ଡିସନ୍ ରୁମ, ଲାବଟପ୍ ଆଦି ବହୁଳ ପରିମାଣରେ ବ୍ୟବହାର ହେଲାଣି । କେତେକ ନିତ୍ୟାନ୍ତ ଜରୁରୀ ଥିବା ବେଳେ ଆଉ କେତେକ ଆଭିଜାତ୍ୟର ଚାକଚକ୍ୟ ପରିଚୟ ରୂପେ ବ୍ୟବହାର କରାଯାଏ । ସେଥିପାଇଁ ବୋଧେ ମନୁଷ୍ୟକୁ ଖର୍ଚ୍ଚ କରିବାକୁ ପଡୁଛି ବହୁଳ ପରିମାଣ ଟଙ୍କା ପଇସା । ଆସନ୍ତୁ ଜାଣିବା ଏହାର କାରଣ ଓ ନିରାକରଣ ଉପାୟ । ଅସତ ଉପାୟରେ ଅଧିକ ଧନ ଠୁଳ କରୁଥିବା ବ୍ୟକ୍ତି ଚାହେଁ ରାତା ରାତି ବଡ଼ଲୋକ ହୋଇଯିବ । ସମାଜରୁ ମାନ ସମ୍ମାନ ଅତି ସହଜରେ ପାଇପାରିବ । ତା ନାଆଁ ଆଗରେ ବାବୁ, ସାହେବ, ଜୀ, ହଜୁର, ମାଲିକ୍ ଆଦି ଲାଗିବ । ଆଉ ସେ ରାଜା ମହାରାଜା ପରି ଜୀବନକୁ ଉପଭୋଗ କରିବ । ଆଉ ତାକୁ ମିଳିବ ସ୍ୱର୍ଗ ଇନ୍ଦ୍ରଭୁବନର ମହାଆନନ୍ଦ । ତାହାର କାରଣ ଏହି ପ୍ରକାର -:

(୧) ବିଳାସମୟ ଜୀବନ ଶୈଳୀ :- ଆକାଶ ଛୁଆଁ କୋଠା, ଏସି ରୁମ, ବିଦେଶୀ ମଟର ଗାଡ଼ି, ଆଧୁନିକ ବେଶ ପୋଷାକ । ବିଦେଶୀ କଣ୍ଟିନେଣ୍ଟାଲ ଖାଦ୍ୟ, ପାନୀୟ ବ୍ୟବହାର, ଘର ସରଞ୍ଜାମ, ଆସବା ପତ୍ର ସବୁ କିଛି ପାଇପାରିବ । ତାର ପିଲାମାନଙ୍କୁ ବିଦେଶରେ ଉଚ୍ଚ ଶିକ୍ଷା ପ୍ରଦାନ କରିପାରିବ । ଦାସ ଦାସୀଙ୍କ ସେବା ରେବାରେ କମ ରହିବନି ।

(୨) ବସ୍ତୁବାଦୀ ଚିନ୍ତାଧାରା :- ଅକଳନ ଧନ ସମ୍ପତ୍ତି ଠୁଳ କରି ଦେଶ ବିଦେଶର ଶ୍ରେଷ୍ଠ ଧନୀ ରୂପେ ବିବେଚିତ ହେବା । ନାନା ପ୍ରକାର କମ୍ପାନୀ ଓ ଅର୍ଥ ରୋଜଗାରୀ ସଂସ୍ଥାମାନ ଗଠନ କରିବା । ଦେଶ ବିଦେଶର ବ୍ୟାଙ୍କ ମାନଙ୍କ ଅଧିକ ଟଙ୍କା ସଞ୍ଚୟ କରିବା । ବସ୍ତୁବାଦୀ ଚିନ୍ତାଧାରାର ବ୍ୟକ୍ତିମାନଙ୍କର ମାନସିକତା ଅଟେ ।


ଅକ୍ଷୟ ପଣ୍ଡା

(୩) ଅନୁକରଣ ପ୍ରଭାବ :- ମୁଁ ଅନ୍ୟମାନଙ୍କ ସୁନ୍ଦର ପିନ୍ଧିବି ଭଲରେ ରହିବି, ଭଲ ଖାଇବି । ସେଥିପାଇଁ ସେମାନେ ସମାଜ ପ୍ରତିଷ୍ଠିତ ଅଭିନେତା, ଅଭିନେତ୍ରୀ, ଶିଳ୍ପପତି ମାନଙ୍କର ଜୀବନ ଶୈଳୀ, ବେଶପୋଷାକ, ଗାଡ଼ିମଟର ଓ ବଙ୍ଗଳାର ଅନୁକରଣ କରିଥାନ୍ତି । ସେଥିପାଇଁ ସେମାନଙ୍କର ଅଧିକରୁ ଅଧିକ ଟଙ୍କା ଆବଶ୍ୟକ ପଡ଼େ ।

(୪) ଅନ୍ୟ ମାନଙ୍କ ସହିତ ତୁଳନା :- ଏଥିରେ କୁହାଯାଇ ପାରେ ।
"ମଣିଷ ଧନୀ ହେବା ପାଇଁ ପସନ୍ଦ କରେ ନାହିଁ ।
ସେ ଅନ୍ୟ ମାନଙ୍କ ଠାରୁ ଅଧିକ
ଧନୀ ହେବାକୁ ଚାହେଁ ।"
ଏ ମତବାଟି ଅର୍ଥନୀତିର ଜନକ ଆଡ଼ାମସ୍ମିଥ୍ କହିଥିଲେ । ବ୍ୟକ୍ତି ବିଶେଷ ଅନ୍ୟମାନଙ୍କ ସହିତ ତୁଳନା କରି ନିଜର ଧନ ବଢାଇବାକୁ ଚାହେଁ । ତେଣୁ ସେମାନେ ନୀତି ଅନୀତିର ସୀମାରେଖା ଡେଇଁ ଅସତ ଉପାୟରେ ଧନ ସଂଗ୍ରହଣ କରନ୍ତି ।

(୫) ନୈତିକ ମୂଲ୍ୟବୋଧର ଅଭାବ :- ମଣିଷ ମନରୁ ନୈତିକତାର ପତନ ଘଟିଲେ ବିପଦ ମାଡ଼ି ଆସେ । ସେ କଥାକୁ ବିଚାର କରିପାରେନା । କାମ, କ୍ରୋଧ, ମାୟା, ମୋହରେ ପଡ଼ି ନାନା ପ୍ରକାର କୁକର୍ମ କରେ । ତା ମନ ଭିତରୁ ଉଭେଇ ଯାଏ ଦୟା, ଶାନ୍ତି ଓ କ୍ଷମା ।

(୬) ଆତ୍ମ ସଂଜମତାର ଅଭାବ :- ଗୌତମ ବୁଦ୍ଧ କହିଥିଲେ କାମନାର ବିନାସ ଦୁଃଖର ବିନାସ । ଅଳ୍ପରେ ସନ୍ତୁଷ୍ଟ ହୁଅ । ଲୋଭରୁ ପାପ । ଆଉ ପାପରୁ ମୃତ୍ୟୁ ହୁଏ । ପଞ୍ଚ ଇନ୍ଦ୍ରିୟକୁ ସଂଜମରେ ରଖିପାରିଲେ ମନୁଷ୍ୟ ଜୀବନ ଧନ୍ୟ ହେବ । ଅମାବାସ୍ୟା ପରେ ପୂର୍ଣ୍ଣିମା ଆସେ । ପ୍ରତ୍ୟେକ ଜୀବନରେ ସୁଖ ଦୁଃଖ ଅଛି । ଦୁଃଖ ପରେ ସୁଖ ନିଶ୍ଚୟ ଆସିବ । ଆତ୍ମ ସଂଜମ କରି ଅପେକ୍ଷା କର ନିଜ ସମୟକୁ ।

(୭) ଅସତ ମାର୍ଗ ଓ ବହୁଳ ଧନ :- ଏହାର ମାର୍ମିକ ଅର୍ଥ ଜଳ ବିହୁନେ ସୃଷ୍ଟି ନାଶ । ଜଳ ବହୁଳେ ସୃଷ୍ଟି ନାଶ । ଅଧିକ ଧନ ବିପଦର କାରଣ ହୁଏ । କେତେ ଅସତ ମାର୍ଗରେ ଧନ ଠୁଳ କରିବାକୁ ଚେଷ୍ଟା କରନ୍ତି । ସେଥିପାଇଁ ତୁଳସୀ ସ୍ତବକରେ କବିବର ରାଧାନାଥ ରାୟ କହିଥିଲେ ।

"ବରଷା କାଳ ଅଟେ ଉଭିଦ ମିତ୍ର
ମାତ୍ର ପଙ୍କଜ ମଲା ନୋହେ ବିଚିତ୍ର
ଜଳ ଗହଳ ହେଲା ତା ପକ୍ଷେ ଯମ
ଅତି ସମ୍ପଦ ବାବୁ ମହା ବିପଦ ।"

ଏହାର ସମାଧାନର ମାର୍ଗ ଅତି ସହଜ ଅଟେ ।

ଚଣ୍ଡାଶୋକ ଧର୍ମାଶୋକ ରେ ପରିଣତ ହୋଇଥିଲା । ଆମ ସମାଜକୁ ପରିବର୍ତ୍ତନ କରିବା ପାଇଁ ପାପକୁ ଘୃଣା କରିବା ପରିବର୍ତ୍ତେ ତାର ମନରୁ ପାପକୁ ଦୂର କରିବାକୁ ଚେଷ୍ଟା କରନ୍ତୁ । ସେଥିପାଇଁ ପ୍ରତ୍ୟେକ ମା' ତା ସନ୍ତାନକୁ ସତପଥ ଦେଖାଇ ପାରିବେ । ପତ୍ନୀ ତା ପତିକୁ ଗୁରୁ ତାର ଶିଷ୍ୟକୁ ଠିକ୍ ମାର୍ଗ ଦେଖାଇ ପାରିବେ । ନୈତିକ ମାନଦଣ୍ଡର ଉନ୍ନତି ହେଲେ ସମାଜର ପ୍ରଗତି ହେବ । ଏଥିରେ ମଧ୍ୟ ଦଣ୍ଡର ଭୟ ରହିଲେ ଅପରାଧି ଅପରାଧ କରିବାକୁ ଡ଼ରିବ । ମାତ୍ର ସମ୍ପୂର୍ଣ୍ଣ ଅପରାଧ ମୁକ୍ତ ହୋଇପାରିବ ନାହିଁ । ସେପରି ଏକ ସମାଜ ଗଢିବାକୁ ହେଲେ ମାତା ପିତା ପରିବାରର ସଦସ୍ୟ ଓ ଗୁରୁ ଗୁରୁଜନ ମାନଙ୍କର ସତମାର୍ଗ ଦର୍ଶନ ଆବଶ୍ୟକତା ରହିଛି । ଗୋପିନାଥ ବାବୁ ମଜ୍ଜାରେ ନାତିକୁ କହିଲେ କିଛି ହୁଅ ନ ହୁଅ । ଏକ ଭଲ ମଣିଷଟିଏ ହୁଅ । ନିଜ ପାଇଁ ବା ନିଜ ପରିବାର ପାଇଁ ଭଲ କାମ କରିବା ସହିତ ଦେଶ ଜାତି ପାଇଁ ଭଲ କାମ କର ।

ଆଳି, ଲୋକାପଡ଼ା
ମୋ - ୯୩୩୭୪୯୨୩୦୭

# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ

ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ । ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ । ପୃଥ୍ୱୀରାଜ,ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ,ବକ୍‌ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଳାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ । ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ,ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି ।ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବଳରାମ ଦେବଙ୍କ ପରେ ହ୍ରିଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ । ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ । ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ । ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ) । ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ । ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ ।ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ୍ୟ ସମ୍ବଲପୁରରେ ରହୁଥିଲେ । ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ । ସେମୋନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ । ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ୍ୟ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ । ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ । ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ । ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ । ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ । ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ । ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ । ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତି ଓ ପୃଥ୍ୱୀ । ପୃଥ୍ୱୀଙ୍କ ତିନୋଟି ପୁଅଥିଲେ । ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ । ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ । ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ । ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ । ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଳ ସାଏ, ମେଦିନୀ ସାଏ,ଭଉଣୀ ଅଞ୍ଜନା ।ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେଓ୍ୱାନ୍ ଆକବର ରାୟ ରାଜସୂପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ । ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା । ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରି ଥିଲେ । ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ । ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ । ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ । ୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ । ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ । ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତ୍ତାଇଥିଲେ । ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ । ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା । ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ । ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ । ଇଂରେଜମାନେ ରାଣୀ ମୋହନ କୁମାରୀକୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ । ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା । ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା । ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଲା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଆସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ । ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ । ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ । ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା । ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ । ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ । ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ । ୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା । ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ । ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା । ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତୃପକ୍ଷ କରାଇଥିଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ଜ୍ୱଳିତ ହେଲା । ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା । ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ । ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ । ଘଂଚବନାନୀ, ଗିରିଶୃଙ୍ଗଙ୍କୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ । ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ତ୍ୱେ ଇଂରେଜମାନେ ଧରିପାରିନଥିଲେ । ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ମାତ୍ର କିଛି ଫଳ ହେଲାନାହିଁ । ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ । ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ ।

୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତୁପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ । ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ ।


ଅକ୍ଷୟ କୁମାର ରାଉତ

ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫




# ଉଡାନ୍ ପ୍ଲାଟଫର୍ମରେ କୋଭିଡ -୧୯ର ଦ୍ୱିତୀୟ ଲହର ସମୟରେ ସମଗ୍ର ଭାରତରେ ୧.୫ କୋଟି 'କୋଭିଡ୍ ସେଫ୍ଟି ଏସେଂଶିଆଲ' ବିକ୍ରି ହୋଇଛି

ଭୁବନେଶ୍ୱର: ଭାରତର ସର୍ବବୃହତ ବିଜନେସ୍ ଟୁ ବିଜନେସ୍ (ଭ୨ଭ) ଇ-କମର୍ସ ପ୍ଲାଟଫର୍ମ ହେଉଛି 'ଉଡାନ' । ଆଜିର ଏହି ମହାମାରୀର ଦ୍ୱିତୀୟ ଲହର ସମୟରେ ଉଡାନ ପ୍ଲାଟଫର୍ମରେ ବିକ୍ରି ହୋଇଥିବା କୋଭିଡ୍ ସେଫ୍ଟି ଏସେଂଶିଆଲ ଗୁଡ଼ିକର ବିବରଣୀ ଦିଆଜାଇଛି । କମ୍ପାନୀ ପ୍ରାୟ ୧.୫ କୋଟି କୋଭିଡ୍ ସେଫ୍ଟି ଏସେଂଶିଆଲ କ୍ୟାଟରିଂକୁ ୫୦୦୦ ପିନ କୋଡ୍ ମଧ୍ୟରେ ୨୩,୦୦୦ ରୁ ଅଧିକ ଅର୍ଡରରେ ୪୦୦ ରୁ ଉର୍ଦ୍ଧ୍ୱ ବିକ୍ରେତାଙ୍କୁ ବିକ୍ରି କରିଛି । ପ୍ଲାଟଫର୍ମରେ ପ୍ରୋଟେକ୍ଟିଭ୍ ମାସ୍କ, ଫେସ୍ ସିଲ୍ଡସ୍ ଏବଂ ପିପିଏ ସୁଟ୍ ଭଳି ଆଇଟମ ଗୁଡିକର ଚାହିଦା ୫ଗୁଣା ବୃଦ୍ଧି ପାଇଛି ।କୋଭିଡ୍ -୧୯ ର ଦ୍ୱିତୀୟ ଲହର ସହିତ ଭାରତ ମୁକାବିଲା କଲା ବେଳେ ଉଡାନ୍ ସମଗ୍ର ଦେଶରେ ଖୁଚୁରା ବ୍ୟବସାୟୀ ମାନଙ୍କୁ କୋଭିଡ୍ ସୁରକ୍ଷା ଅତ୍ୟାବଶ୍ୟକୀୟ ଯୋଗାଣର ନିୟମିତ ଏବଂ ନିରବଚ୍ଛିନ୍ନ ଯୋଗାଣ ସହିତ ସମର୍ଥନ କରିଛି । ଦ୍ୱିତୀୟ ଲହରରେ ୧.୧କୋଟିରୁ ଅଧିକ ପ୍ରତିରକ୍ଷା ମାସ୍କର ଚାହିଦା ଦେଖାଯାଇଥିଲା , ଯାହା ଏହାକୁ ପ୍ଲାଟଫର୍ମରେ ବିକ୍ରି ହୋଇଥିବା ସର୍ବ ବୃହତ ଆଇଟମ୍ ଭାବରେ ପରିଣତ କରିଛି । ଏହି ଅବଧି ମଧ୍ୟରେ, ପ୍ଲାଟଫର୍ମ ୭୫୦ ରୁ ଉର୍ଦ୍ଧ୍ୱ ସହର ଓ ସହର ର ଅନ୍ୟାନ୍ୟ ଜରୁରୀ ଜିନିଷ ମଧ୍ୟରେ ୧ ଲକ୍ଷରୁ ଅଧିକ ଫେସ୍ ସିଲ୍ଡ, ଅକ୍ସିମିଟର, ପିପିଇ ସୁଟ୍ ଏବଂ କିଟ୍, ଇନଫ୍ରାଡ୍ ଥର୍ମୋମିଟର ଏବଂ ଅମ୍ଳଜାନ ଏକାଗ୍ରତା ମଧ ପଠାଇଲା । ମାର୍ଚ୍ଚ ଠାରୁ ଦ୍ୱିତୀୟ ଲହରର ପ୍ରଭାବ ଧୀରେ ଧୀରେ ହ୍ରାସ ହେବା ପର୍ଯ୍ୟ' ଆସାମ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ବିହାର ରାଜ୍ୟକୁ ମୋଟ ୬୦ଲକ୍ଷ କୋଭିଡ ସୁରକ୍ଷା ଆବଶ୍ୟକତା ସାମଗ୍ରୀ ପଠାଯାଇଥିଲା । ଏହି ରାଜ୍ୟଗୁଡିକ ଉଦୟ ପ୍ଲାଟଫର୍ମରେ କୋଭିଡ୍ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସାମଗ୍ରିକ ଅର୍ଡର ଗୁଡିକର ୫୦ପ୍ରତିଶତରୁ ଅଧିକ ଥିଲା । ତେଜପୁର, ସିଭାସାଗର, ଧୁବ୍ରି, ଉତର ଲାଖୀପୁର (ଆସାମ) ଏବଂ ବାଲୁରଘାଟ, କୋଚ ବେହେରା (ପଶ୍ଚିମବଙ୍ଗ) ପରି କେତେକ ପର୍ଯ୍ୟାୟରେ ଦୁଇ ତିନୋଟି ସହରରେ ଅକ୍ସିମିଟର ଏବଂ ଫେସ୍ ମାସ୍କର ଅଧିକ ଚାହିଦା ଦେଖିବାକୁ ମିଳିଛି । ପ୍ଲାଟଫର୍ମରେ ଫେସ୍ ସିଅଲ୍ଡ ପାଇଁ ଅଧିକାଂଶ ଅର୍ଡର ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଏବଂ ଆସାମରୁ ଆସିଥିଲା । ତାମିଲନାଡୁ, ପଶ୍ଚିମବଙ୍ଗ, ବିହାର ଏବଂ ଉତରପ୍ରଦେଶ, ଆନ୍ଧ୍ରପ୍ରଦେଶରେ ଇନଫ୍ରାଡ୍ ଥର୍ମୋମିଟରର ସର୍ବାଧିକ ବିକ୍ରି ହୋଇଥିଲା । ପିପିଏ ସୁଟ୍ ଏବଂ କିଟ୍ ଚାହିଦାକୁ ଆଗେଇ ନେଉଥିବା ରାଜ୍ୟଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ, ପରେ ପଶ୍ଚିମବଙ୍ଗ, ଝାରଖଣ୍ଡ, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ରହିଛି ।ଏହି ଅବସରରେ ଉଦୟ ଭାସ୍କର, ମୁଖ୍ୟ- ଲାଇଫଷ୍ଟାଇଲ, ଇଲେକ୍ଟ୍ରୋନିକ୍ସ, ଜେନେରାଲ ମେରଚେନଣ୍ଡାଇଜ (ନନ-ଫୁଡ ବ୍ୟବସାୟ), ଉଡାନ କହିଛ' ଯେ, ' କୋଭିଡ -୧୯ ର ଦ୍ୱିତୀୟ ଲହରରେ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଖୁଚୁରା ବ୍ୟବସାୟୀଙ୍କ ଯୋଗାଣ-ଶୃଙ୍ଖଳା ଏବଂ ବିତରଣରେ ବ୍ୟାହତ ହେଉଥିଲା । ଏହି ଚ୍ୟାଲେଂ ସମୟ ଗୁଡିକରେ, ଆମେ ଆମର ପ୍ଲାଟଫର୍ମରେ କ୍ରେତାମାନଙ୍କୁ ସର୍ବୋତମ ମୂଲ୍ୟରେ କୋଭିଡ୍ ସୁରକ୍ଷା ଅତ୍ୟାବଶ୍ୟକ ସାମଗ୍ରୀର ନିୟମିତ, ନିରବଚ୍ଛିନ୍ନ ଏବଂ ଠିକ୍ ସମୟରେ ବିତରଣକୁ ସୁନିଶ୍ଚିତ କରିଥିଲୁ । ଗ୍ରାହକ କ୍ରମାଗତ ଭାବରେ ଆମର ଖୁଚୁରା ଅଂଶୀଦାର ମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିଲା ବେଳେ ଅର୍ଥନୈତିକ କାର୍ଯ୍ୟକଳାପ ମଧ ଜାରି ରହିଥିଲା ଯାହା ଏହି ସମୟ ମଧ୍ୟରେ ଅର୍ଥନୀତିର ଚଳାଇବା ଅତ୍ୟ' ଗୁରୁତ୍ୱପୂର୍ଣ୍ଣ ଥିଲା । ପ୍ଲାଟଫର୍ମରେ ଥିବା ଖୁଚୁରା ବ୍ୟବସାୟୀମାନେ ସେମାନଙ୍କ ଘର ଏବଂ ଦୋକାନର ସୁବିଧା ଠାରୁ ଉଡାନ ଆପରେ ଅର୍ଡର ଦେଇ ଡୋର୍ - ଷ୍ଟେପ୍ ବିତରଣରୁ ଉପକୃତ ହୋଇଥିଲେ । ଉଡାନ୍ ଏହାର ଶକ୍ତିଶାଳୀ ଏବଂ ନିର୍ଭରଯୋଗ୍ୟ ଯୋଗାଣ-ଶୃଙ୍ଖଳା ଏବଂ ଲଜିଷ୍ଟିକ୍ ନେଟୱାର୍କ ମାଧ୍ୟମରେ ୯୦୦ରୁ ଅଧିକ ସହର ଏବଂ ୧୨୦୦୦ ପିନ୍ କୋଡରେ ଏହି ନିର୍ଦ୍ଦେଶ ଗୁଡିକୁ ପୂରଣ କଲା ।ଭ୨ଭ ବ୍ୟବଧାନରେ ସମସ୍ତ ବ୍ୟବସାୟର ଆବଶ୍ୟକତା ପାଇଁ ଉଡାନ୍ ହେଉଛି ଏକମାତ୍ର ସମାଧାନ । ଏହା ଦୋକାନୀ, କିରଣ, ରେଷ୍ଟୁରାଂଟ, ରାସ୍ତାଘାଟ ବିକ୍ରେତା, ରସାୟନ ବିଜ୍ଞାନୀ, କାର୍ଯ୍ୟାଳୟ, ଛୋଟ କାରଖାନା, ଇତ୍ୟାଦିକୁ ସମଗ୍ର ଦେଶରେ ବିକ୍ରେତା, ବ୍ରାଣ୍ଡ ଏବଂ ଉତ୍ପାଦକମାନଙ୍କ ସହିତ ସଂଯୋଗ କରି ସର୍ବୋତମ ମୂଲ୍ୟରେ ଉଚ୍ଚମାନର ଉତ୍ପାଦଗୁଡିକର ଉତ୍ସରୁ ଉତ୍ସ କରିବାକୁ ଇ-କମର୍ସର ସୁବିଧାକୁ ସକ୍ଷମ କରିଥାଏ । ଉଡାନ୍ ମାର୍କେଟିଂ ଏବଂ ବିକ୍ରୟ ପାଇଁ ସ୍ୱୀକୃତି ପ୍ରଦାନ କରେ ଏବଂ ଦକ୍ଷ, ସ୍ୱଚ୍ଛ ଓ ସୁବିଧାଜନକ କାରବାରକୁ ସହଜ କରିଥାଏ । ପ୍ଲାଟଫର୍ମର ସାସ୍ ଅଫର୍ ଆପ୍ ଆଧାରିତ ମୂଲ୍ୟ ପ୍ରଣାଳୀର ଉନ୍ନତ ମୂଲ୍ୟ ନିୟନ୍ତ୍ରଣ ପ୍ରଦାନ କରେ । ଉତ୍ପାଦ ତାଲିକା ବିଜ୍ଞାପନ ଏବଂ ଇନ୍-ଆପ୍ ବିଜ୍ଞାପନ ନିର୍ମାତା ମାନଙ୍କୁ ପ୍ଲାଟଫର୍ମରେ ସେମାନଙ୍କର ଧାର୍ଯ୍ୟ, ନିର୍ଦ୍ଦିଷ୍ଟ ଏବଂ ପ୍ରସ୍ତୁତ-କ୍ରୟ ଖୁଚୁରା ବ୍ୟବସାୟୀ ମାନଙ୍କ ନିକଟରେ ପହଂଚିବାକୁ ଉତ୍ସାହିତ କରେ । ଉଡାନ୍ ସମଗ୍ର ଭାରତରେ ଲକ୍ଷ ଲକ୍ଷ ଏମ୍ଏସ୍ଏମଇକୁ ସଂଯୋଗ କରେ ଏବଂ ଟେକ୍ନୋଲୋଜି ଗ୍ରହଣ କରି ସେମାନଙ୍କୁ ସେମାନଙ୍କର ବ୍ୟବସାୟ ବଢାଇବାରେ ସାହାଯ୍ୟ କରେ । ଏହା ଭାରତ ପାଇଁ ଅ'ଭୂକ୍ତ ବୈଷୟିକ ଉପକରଣ ନିର୍ମାଣ କରିଛି । ବ୍ରାଣ୍ଡ,ଖୁଚୁରା ବ୍ୟବସାୟୀ ଏବଂ ଉତ୍ପାଦକଙ୍କ ଆବଶ୍ୟକତାକୁ ପୂରଣ କରି ସେମାନଙ୍କୁ ସେମାନଙ୍କ ବ୍ୟବସାୟ ପରିଚାଳନା କରିବା ସହ ବ୍ୟବସାୟ ବଢାଇବା ପାଇଁ ଏକ ସ୍ତରୀୟ କ୍ରୀଡାକ୍ଷେତ୍ର ଯୋଗାଇଛି ।

# ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ଦେଶର ତୈଳ ଏବଂ ଗ୍ୟାସ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଓ ସେମାନଙ୍କ ଯୌଥ ଉଦ୍ୟୋଗ ସାହାଯ୍ୟରେ ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର ବୋଲି ଆଜି ଭିଡିଓ କନଫରେନ୍ସିଂ ଯୋଗେ ରାଷ୍ଟ୍ର ଉଦ୍ଦେଶ୍ୟରେ ୫୬ଟି ସିଏନଜି ଷ୍ଟେସନ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଲୋକାର୍ପିତ ସିଏନଜି ଷ୍ଟେସନ ଭାରତର ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ଗଠନ ଦିଗରେ ଥିବା ପ୍ରଚେଷ୍ଟାକୁ ସଶକ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳବାୟୁ ନ୍ୟାୟକୁ ନିଶ୍ଚିତ କରିବା ଓ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ସ୍ୱଚ୍ଛ ଇନ୍ଧନ ଯୋଗାଇଦେବା ପାଇଁ ଦୃଢ ନିଶ୍ଚିତ । ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଅନେକ ସିଏନଜି ଷ୍ଟେସନ ଲୋକାର୍ପିତ କରାଯାଇଛି । ସେ କହିଛନ୍ତି ଆଗାମୀ ଦିନରେ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରାଯିବା ପାଇଁ ଚେଷ୍ଟା କରାଯାଉଛି । ଦେଶର ୫ କୋଟି ଘରକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ପହଁଚାଇବାର ଲକ୍ଷ୍ୟ ରଖାଯାଇଛି । ସେହିପରି ସ୍ୱର୍ଣ୍ଣ ଚତୁର୍ଭୁଜରେ ୧୦୦ ଏଲ୍ଏନ୍ଜି ଷ୍ଟେସନ ପ୍ରତିଷ୍ଠା କରିବାକୁ ହୋଇଥିବା ଯୋଜନା ସ୍ୱଚ୍ଛ ଇନ୍ଧନ ବ୍ୟବହାରରେ ନୂଆ ମାପଦଣ୍ଡ ଆଣିବ । ଏହାସହ ସାରା ଦେଶରେ ୫୦୦୦ କମ୍ପ୍ରେସଡ୍ ବାୟୋ ଗ୍ୟାସ ପ୍ଲାଂଟ୍ ପ୍ରତିଷ୍ଠା କରିବା ଦିଗରେ ଭାରତ ସରକାର ଅଗ୍ରସର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଭାରତ ସରକାର ପ୍ରାକୃତିକ ଗ୍ୟାସକୁ ପ୍ରୋତ୍ସାହନ ଦେବା ଦିଗରେ କାମ କରୁଛନ୍ତି । ୨୦୩୦ ସୁଦ୍ଧା ପ୍ରାକୃତିକ ଗ୍ୟାସର ସେୟାରକୁ ବର୍ତମାନର ୬.୩ ପ୍ରତିଶତରୁ ୧୫ ପ୍ରତିଶତ କରାଯିବାର ଲକ୍ଷ୍ୟ ରଖାଯାଇଛି । ବର୍ତମାନ ଦେଶରେ ପ୍ରାୟ ୧୭ ହଜାର କିମି ଲମ୍ବ ଗ୍ୟାସ ପାଇପଲାଇନର ନିର୍ମାଣ କାମ ଚାଲୁଛି । ପରିବେଶ ସହଯୋଗୀ ଇନ୍ଧନ ଉପଲବ୍ଧ କରିବା ପାଇଁ ସିଜିଡି ନେଟୱାର୍କର ସଂପ୍ରସାରଣ କରାଯାଉଛି । ଘର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଏବଂ ସିଏନଜି ପରିବହନ କ୍ଷେତ୍ର ପାଇଁ ପ୍ରାକୃତିକ ଗ୍ୟାସ ଯୋଗାଯାଉଛି । କମ୍ପ୍ରେସଡ୍ ବାୟୋ-ଗ୍ୟାସ(ସିବିଜି) ଏବଂ ଜୈବଖତ ଉତ୍ପାଦନ କରି ଉଦ୍ୟମୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଚୀନ ଏବଂ ଆମେରିକା ପରେ ଦ୍ୱିତୀୟ ବୃହତମ ଜନସଂଖ୍ୟା ଆଧାରରେ ଭାରତ ତୃତୀୟ ସର୍ବବୃହତ ଉର୍ଜା ଉପଭୋକ୍ତା ରାଷ୍ଟ୍ର । ବିଶ୍ୱରେ ଅଧିକ ଉର୍ଜା ବ୍ୟବହାର କରିଥିବା କ୍ଷେତ୍ରରେ ଭାରତରେ ଉର୍ଜା ଉପଭୋକ୍ତା ଏବଂ ଉର୍ଜା ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦେଶର ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ଉର୍ଜା ବ୍ୟବସାୟରେ ନୂଆ ନିବେଶକଙ୍କ ପାଇଁ ନୀତି ସଂସ୍କାର ଅଣାଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ମାର୍କେଟିଂ କମ୍ପାନୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କାମ କରିବା ପାଇଁ ଆହ୍ୱାନ କରିଛନ୍ତି । ଏହା ଦ୍ୱାରା ଉର୍ଜା କ୍ଷେତ୍ରରେ ଅଧିକ ପ୍ରତିଯୋଗିତା ବଢ଼ିବ ଏବଂ ଉପଭୋକ୍ତାଙ୍କ ପାଇଁ ସଠିକ୍ ମୂଲ୍ୟ ନିର୍ଣ୍ଣୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡା, (ପିଏନ)- ପଟ୍ଟାମୁଣ୍ଡାଇ ପୋଲିସର ଅପାରଗତା ଓ ଅଭିଯୁକ୍ତ ସମ୍ବିତ୍ କୁମାର ସ୍ୱାଇଁଙ୍କ ଗିରଫ ଦାବି ନେଇ ପିଡିତଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଗରାପୁର ସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆ ଯାଇଥିଲା । ଦୀର୍ଘ ୨ ମାସ ତଳେ ଗାଡି ମଡାଇ ମାରିବାକୁ ଉଦ୍ୟମ କରିଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରା ଯାଇଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ପିଡିତ ପରିବାର ଧାରଣାରେ ବସିଥିଲେ । ଅଭିଯୋଗ ମୁତାବକ ଗତ ଜୁଲାଇ ମାସରେ ପଟ୍ଟାମୁଣ୍ଡାଇ ଥାନା ଅଧିନ ନରସିଂହପୁର ଗ୍ରାମର ବିଜୟ କୁମାର ସ୍ୱାଇଁଙ୍କ ପତ୍ନୀ ରଶ୍ମିତା ସ୍ୱାଇଁଙ୍କୁ ଏକ ପାରିବାରିକ ବିବାଦରେ ଆକ୍ରୋଷ ରଖି ଅଭିଯୁକ୍ତ ପୁତୁରା ସମ୍ବିତ୍ ସ୍ୱାଇଁ ଟଣାଓଟରା କରିବା ସହ ଅଶାଳୀନ ବ୍ୟବହାର ଦେଖାଇ ବାରୁ ବିଜୟ ଏହାର ପ୍ରତିବାଦ କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ବିଜୟ ଓ ରଶ୍ମିତା ଲୁନାରେ ଥାନାକୁ ଆସୁଥିବା ବେଳେ ସମ୍ବିତ୍ ଗାଡି ମଡାଇ ତାଙ୍କୁ ମାରିବା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ଏହି ଉଦ୍ୟମରେ ବିଜୟଙ୍କ ଗୋଡ ଗାଡି ଧକ୍କାରେ ଭାଙ୍ଗି ଯିବାରୁ ସେ ଦୀର୍ଘଦିନ ଧରି ଚିକିତ୍ସାଧିନ ଥିଲେ ।

# ୪ ମାସ ହେଲା ଆଣ୍ଠୁଏ ପାଣିରେ ପଶି ଘରକୁ ଯାଉଛନ୍ତି ଗ୍ରାମବାସୀ

କେନ୍ଦ୍ରାପଡା, (ପିଏନ)-କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଂଚଳ ଅନ୍ତର୍ଗତ ୧୧ ନମ୍ବର ୱାର୍ଡର ଗୋଛାୟତ ସାହି ଓ ମାଝିସାହି ବାସିନ୍ଦା ମାନେ ନିଜ ଘରକୁ ଯିବା ପାଇଁ ଆଣ୍ଠୁଏ ପାଣିରେ ଯାତାୟତ କରୁଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ବସ୍ତି ମୁଖ୍ୟ ରାସ୍ତାରୁ ଆରମ୍ଭ କରି ଏହି ସାହିକୁ ୨ ଫୁଟ ଉଚ୍ଚର ପାଣି ଜମି ରହୁଥିବାରୁ ଗ୍ରାମବାସୀ ମାନେ ବିଷାକ୍ତ ପରିବେଶ ଓ ଦୂଷିତ ଜଳରେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ପାଣି ନିଷ୍କାସନ ପଥକୁ ପାଖ ବସ୍ତିର ଲୋକମାନେ ଅବରୋଧ କରି ମାଟି ପକାଇ କଚା ପାଇଖାନା କରିଥିବାରୁ ଅଳିଆ ଆବର୍ଜନା ଓ ଜଳ ନିଷ୍କାସିତ ହୋଇ ନପାରି ଗାଁ ରାସ୍ତାରେ ପଚୁ ଥିବାରୁ ପରିବେଶ ଅତ୍ୟନ୍ତ ଦୂଷିତ ହୋଇ ଯାଇଛି । କେତେକ ଗ୍ରାମବାସୀଙ୍କ ଗୋଡରେ ଘା ହେବା ସହ ବିଭିନ୍ନ ସଂକ୍ରମଣ ରୋଗ ବ୍ୟାପୁଛି । ଏନେଇ ଗ୍ରାମବାସୀ ମାନେ ତହସିଲଦାର ଓ ପୌରକାର୍ଯ୍ୟାଳୟ ରେ ଅଭିଯୋଗ କଲେ ମଧ ଦୀର୍ଘ ୫ ମାସ ହେଲା କେହି ଆପତି ଶୁଣୁ ନାହାନ୍ତି । ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ନିରଞ୍ଜନ ମାଝି, ରାମଚନ୍ଦ୍ର ଗୋଛାୟତ, ରତ୍ନାକର ମାଝି, ନାରାୟଣ ଗୋଛାୟତ, ନିର୍ମଳ ଗୋଛାୟତ, ଗୋକୁଳ ଗୋଛାୟତ ଓ କାଙ୍ଗାଳି ମାଝି ପ୍ରମୁଖ ବହୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଏହାର ପ୍ରତିକାର ଦାବି କରିଛନ୍ତି ।

# ସମ୍ବଲପୁର ମଣ୍ଡଳର ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜିତ

ସମ୍ବଲପୁର,(ପିଏନ)- ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳର ରେଳବାଇ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଶାରୀରିକ ଓ ମାନିକ ସ୍ତରରେ ସୁସ୍ଥ ରଖିବା ପାଇଁ ୧୫ ଅଗଷ୍ଟରୁ ୨ ଅକ୍ଟୋବର - ୨୦୨୦ ପର୍ଯ୍ୟନ୍ତ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ଆୟୋଜନ କରାଯାଉଅଛି । ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗକୁ ବିଭିନ୍ନ ଦିନ ଗୁଡ଼ିକରେ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜନ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଅଛି ।୧୧ ସେପ୍ଟେମ୍ବର-୨୦୨୦ରେ ସମ୍ବଲପୁର ମଣ୍ଡଳର ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜନ କରାଯାଇଥିଲା । ଏହି ରନ୍‌ରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ଶ୍ରୀମତୀ ମଲ୍ଲିକ୍, ଉପାଧକ୍ଷା ସ୍ୱର୍ଣ୍ଣଲତା ପାତ୍ରଡୁ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ.ଭି.ଏସେ.ଏସ ପାତ୍ରଡୁ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ । ଉକ୍ତ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ରେଳବାଇ ଷ୍ଟାଡିୟମରୁ ବାହାରି ସମ୍ବଲପୁର ରେଳ ଷ୍ଟେସନ ପର୍ଯ୍ୟନ୍ତ ଆସିଥିଲା । ସାମାଜିକ ଦୂରତା ବଜାୟ ରଖି ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଅଘୋଷିତ ବିଦ୍ୟୁତ କାଟ ଓ ବିଲ୍ ଛାଡ଼ ଲାଗି କାର୍ଯ୍ୟାଳୟ ଘେରିଲେ

କୋରେଇ, (ପିଏନ)- ଯାଜପୁର ରୋଡ଼ ସବଡ଼ିଭିଜନ ଅଧିନସ୍ଥ ପାଣିକୋଇଲି ବିଦ୍ୟୁତ ସେକ୍ସନର ଦାୟିତ୍ୱହୀନତା ଓ କରୋନା ସହିତ ବନ୍ୟାରେ କ୍ଷତିଗ୍ରସ୍ଥ ହୋଇଥିବା ବଡ଼ବିରୁହାଁ ପଂଚାୟତ ଅଧିନସ୍ଥ ସୋଲପଟା ଗ୍ରାମର ଉପଭୋକ୍ତା ଗୁରୁବାର ଦିନ ପାଣିକୋଇଲି ବିଦ୍ୟୁତ ସେକ୍ସନକୁ ଘେରାଉ କରିଥିଲେ । ସେମାନଙ୍କର ଦାବି ମୁତାବକ କରୋନା ମହାମାରୀ ଯୋଗୁ ଜୀବିକା ହରାଇଥିବା ସହିତ ଚଳିତ ଖରସ୍ରୋତା ବନ୍ୟାରେ ତାଙ୍କର ଫସଲ ସମ୍ପୁର୍ଣ୍ଣ କ୍ଷତିଗ୍ରସ୍ତ ହୋଇଅଛି । ତା ଛଡ଼ା ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ ପ୍ରତିମାସରେ ତାଙ୍କୁ ବିଲ ଦିଆଯାଉନାହିଁ କିମ୍ବା ବିଦ୍ୟୁତ ବିଲ ଆଦାୟ କରିବା ଲାଗି କୌଣସି କର୍ମଚାରୀ ଉକ୍ତ ଗ୍ରାମକୁ ଯାଉନାହାନ୍ତି । ଫଳରେ ଗ୍ରାମବାସୀଙ୍କ ଉପରେ ବିଦ୍ୟୁତ ବିଲ ବାକି ରହିଛି । ଏହା ଉପରେ ବିଭାଗ ତରଫରୁ କୌଣସି ପୂର୍ବ ସୂଚନା ପ୍ରଦାନ କରାନଯାଇ କିମ୍ବା କୌଣସି ଅଧିକାରୀ ତାଙ୍କର ସମସ୍ୟା ଉପରେ ଦୃଷ୍ଟି ନିକ୍ଷେପ ନକରି ତରବରିଆ ଭାବେ ସମ୍ପୁର୍ଣ୍ଣ ଗ୍ରାମକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ । ଉପଭୋକ୍ତା ମାନେ ଚାଷ ଲାଗି ପୁନର୍ବାର ଅଂଟା ଭିଡୁଥିବା ବେଳେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଯୋଗୁଁ ବୋରିଂ ଗୁଡ଼ିକ ବନ୍ଦ ହୋଇଯାଇଥିଲା । ଏହା ସହିତ ପିଲାମାନଙ୍କ ପାଠପଢା ଓ ଗ୍ରାମରେ କରୋନା ପିଡ଼ିତ ହୋମ କ୍ୱାରେଟାଂଇନରେ ରହୁଥିବା ବ୍ୟକ୍ତି ମାନେ ବିଦ୍ୟୁତ କାଟ ଯୋଗୁଁ ନାନା ଅସୁବିଧାର ସମ୍ମୁଖିନ ହୋଇଥିଲା । ଏ ଦିଗରେ ସେମାନେ ବିଭାଗର ଅଧିକାରୀ ଓ ଅଂଚଳର ଲାଇନମ୍ୟାନଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ ସେମାନଙ୍କ ଠାରୁ କୌଣସି ଉତର ନମିଳିବାରୁ ସେମାନେ ଉତକ୍ଷିପ୍ତ ହୋଇ କାର୍ଯ୍ୟାଳୟ ଘେରାଉ କରିଥିଲେ । ଏହା ବ୍ୟତୀତ ବିଦ୍ୟୁତ ବିଭାଗ ତରଫରୁ ଲାଇନମ୍ୟାନଙ୍କ ସମେତ ବିଲ ଆଦାୟ ଓ ମିଟର ଲଗାଇବା ଲାଗି ଯାଉଥିବା ବ୍ୟକ୍ତି ମାନେ ତାଙ୍କୁ ଉତ୍କୋଚ ମାଗୁଥିବାର ଅଭିଯୋଗ ହୋଇଥିଲା । ଏ ଦିଗରେ ବିଭାଗ ତରଫରୁ ଉତ୍କୋଚ ମାଗିବା ନେଇ କୌଣସି ସ୍ପଷ୍ଟିକରଣ ଦିଆଯାଇନଥିବା ବେଳେ ସେମାନଙ୍କର ୭/୮ ମାସର ବିଦ୍ୟୁତ ବିଲ ବାକିଥିବା ଯୋଗୁଁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି ବୋଲି ପାଲଟା ଅଭିଯୋଗ କରିଥିଲେ । ସେମାନେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଥିଲେ ମଧ୍ୟ ବିଭାଗର କୌଣସି ଅଧିକାରୀ ସେମାନଙ୍କର ସମସ୍ୟା ସମାଧାନ କରିବା ଲାଗି ପହଂଚି ନଥିଲେ । ତେବେ କରୋନା ମହାମାରୀ ଯୋଗୁଁ ଦୀର୍ଘ ଛଅ ମାସ ହେଲା ରୋଜଗାର ହରାଇ ଘରେ ବସିରହିଥିବା ବେଳେ ବନ୍ୟା ସେମାନଙ୍କର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଏପରି ପରିସ୍ଥିତିରେ ବିଦ୍ୟୁତ ବିଭାଗ ପରିସ୍ଥିତିର ସାମନା କରିବା ଲାଗି ଉପଭୋକ୍ତାଙ୍କୁ ସହଯୋଗ କରିବା ପରିବର୍ତେ ସେମାନଙ୍କ ଉପରେ ଜୁଲମ କରିବା ବିଭାଗର ହିଟଲରୀ ଶାସନର ପରିଚୟ ଦେଉଛି । ତେଣୁ ଏ ଦିଗରେ ସରକାର ପଦକ୍ଷେପ ସ୍ୱରୁପ ବିଦ୍ୟୁତ ବିଲ ସମ୍ପୁର୍ଣ୍ଣ ଛାଡ଼ କରିବା କିମ୍ବା ପରିଶୋଧ ଲାଗି ସମୟ ଦେବା ସହିତ ଲୋଭୋଲଟେଜ ଓ ଉତ୍କୋଚ ସମସ୍ୟା ପ୍ରତି ଗୁରୁତ୍ୱାରୋପ ନକଲେ ଆଗାମୀ ଦିନରେ ଆଇନକୁ ହାତକୁ ନେବୁ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

# ବିଜେପିରେ ମିଶିଲେ ପଂଚାୟତ ସ୍ତରର କଂଗ୍ରେସ କର୍ମୀ

କେନ୍ଦ୍ରାପଡା, କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ଓ ଓସ୍ତପୁର ପଂଚାୟତର କଂଗ୍ରେସ କର୍ମୀମାନେ ବିଜେପିରେ ମିଶିଥିବା ବିଜେପି ପକ୍ଷରୁ ସୂଚନା ଦିଆ ଯାଇଛି । ବିଜେପି ମଣ୍ଡଳ ସଭାପତି ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ଦୁହୁରିଆ ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି କିଶୋର ପଣ୍ଡା ଓ ବିଧାୟକ ପାର୍ଥୀ ସୁନାକର ବେହେରାଙ୍କ ଉପସ୍ଥିତି ରେ କଂଗ୍ରେସ ଯୁବନେତା ମହେନ୍ଦ୍ର ସାହୁ, ପ୍ରତାପ ସାହୁ, ମାନସ ମହାନ୍ତି, ପ୍ରଦିପ ରାଉତ, ଅକ୍ଷୟ ସ୍ୱାଇଁ, ଗୋଲଖି ବାରିକ ପ୍ରମୁଖ ଏହି ଦୁଇ ପଂଚାୟତ ର ଯୁବକଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଥିଲେ ।

# ସ୍ୱାସ୍ଥ୍ୟ ଚିକିତ୍ସା ଓ ସାମାଜିକ ସୁରକ୍ଷାକୁ ମୌଳିକ ଅଧିକାର ଭାବେ ଗ୍ରହଣ କରିବାକୁ ଦାବୀ

ଭୁବନେଶ୍ୱର : କୋଭିଡ୍-୧୯ ସଂକ୍ରମଣ ପରିସ୍ଥିତିରେ ବିଶ୍ୱରେ ୪୦ ଲକ୍ଷ ଓ ଆମ ଦେଶରେ ପ୍ରାୟ ୪ ଲକ୍ଷ ମୃତ୍ୟୁ ହେବା ପରେ ସ୍ୱାସ୍ଥ୍ୟ ଚିକିତ୍ସା ଓ ସାମାଜିକ ସୁରକ୍ଷାକୁ ମୌଳିକ ଅଧିକାର ଭାବରେ ଗ୍ରହଣ କରିବା ପାଇଁ ସମ୍ବିଧାନ ସଂଶୋଧନ କରିବା ପାଇଁ ଗତ କାଲି ଅଖିଳ ଭାରତ ନିର୍ମାଣ, ଜଙ୍ଗଲ କର୍ମଚାରୀ ମହାସଂଘର ଜାତୀୟ ଭରଚ୍ୟୁଆଲ କାର୍ଯ୍ୟକାରୀ କମିଟିର ବୈଠକ ସଂଘର ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖା ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆଙ୍କ ପୌରାହିତରେ ଅନୁଷ୍ଠିତ ହୋଇ ଦାବୀ କରାଯାଇଛି । କୋଭିଡ୍ - ୧୯ କୁ ଏକ ଅକୁପେସ୍‌ନାଲ ରୋଗ ଭାବରେ ସ୍ୱୀକୃତି ଦେବା ଏବଂ ସାରା ଦେଶରେ କୋଭିଡ୍ - ୧୯ ରେ ମୃତ୍ୟୁ ବ୍ୟକ୍ତିମାନଙ୍କୁ ଜାତୀୟ ସରକାର କ୍ଷତି ପୂରଣ ଦେବା । କୋଭିଡ୍ - ୧୯ ସଂକ୍ରମଣ ସମୟର ଓ କ୍ୱାରେଣ୍ଟାଇନ୍ ପିରିୟଡ଼ର ସମସ୍ତ ଚିକିତ୍ସା, ଖର୍ଚ୍ଚ ଓ ମଜୁରୀ ଦେବା ପାଇଁ ଦାବୀ କରାଯାଇଛି । ଶ୍ରୀମତୀ ସୋନିଆ ଗାନ୍ଧୀ ଓ ଡକ୍ଟର ମନମୋହନଙ୍କ ନେତୃତ୍ୱରେ ୟୁପିଏ ସରକାର ସମୟରେ ସୂଚନା ଅଧିକାର, ଶିକ୍ଷା ଅଧିକାର, କାର୍ଯ୍ୟ ଅଧିକାର ଓ ଖାଦ୍ୟ ନିରାପତ୍ତା ଅଧିକାର ପରି ସମ୍ବିଧାନ ସଂଶୋଧନ କରି ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାର ଓ ସାମାଜିକ ସୁରକ୍ଷା ଅଧିକାର ପାଇଁ ଆଇନ ପ୍ରସ୍ତୁତ କରିବା ଓ ସମ୍ବିଧାନରେ ଏହି ଦୁଇଟି ଅଧିକାରକୁ ମୌଳିକ ଅଧିକାର ଭାବେ ଗ୍ରହଣ କରିବା ପାଇଁ ଦାବୀ କରାଯାଇଛି ।ସ୍ୱାସ୍ଥ୍ୟ ଚିକିତ୍ସାକୁ ମୌଳିକ ଅଧିକାର ଭାବେ ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇ.ଏଲ୍.ଓ) ସ୍ୱୀକୃତି ଦେବା ଏବଂ ଏହାକୁ ଆଇ.ଏଲ୍.ଓର କୋର କନ୍‌ଭେନସନ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବୀ କରାଯାଇଛି । ଏକ ପ୍ରସ୍ତାବରେ ତିନୋଟି କୃଷି ବିରୋଧି ଆଇନ, ବିଦ୍ୟୁତ ସଂଶୋଧନ ବୈଦ୍ଧିକ ଓ ୪ ଟି ଶ୍ରମ ବିରୋଧ ଲେବର କୋର୍ଡ଼ ଓ ରୁଲ୍‌ସକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବୀ କରାଯାଇଛି । ସୁପ୍ରିମ୍‌କୋର୍ଟର ଆଦେଶ ଅନୁଯାୟୀ ଆଗାମୀ ଜୁଲାଇ ୩୧ ତାରିଖ ମଧ୍ୟରେ ବାକି ଥିବା ସମସ୍ତ ନିର୍ମାଣ ଶ୍ରମିକ, ଅସଂଗଠିତ ଶ୍ରମିକ ଓ ପ୍ରବାସୀ ଶ୍ରମିକଙ୍କୁ ତୁରନ୍ତ ପଞ୍ଜିକରଣ କରିବା ପାଇଁ ଦାବୀ କରାଯାଇଛି । ଏହି ସଭାରେ ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘ ତରଫରୁ ଡ. ରାଜୀବ ଶର୍ମା, ପ୍ରେରଣା ପ୍ରସାଦ ଓ ଶାଖି ଅଗ୍ରୱାଲ, ପ୍ରବାସୀ ଶ୍ରମିକ ଓ ନିର୍ମାଣ ଶ୍ରମିକଙ୍କ ବିଷୟରେ ତଥ୍ୟ ଭିତ୍ତିକ ପ୍ରାମାଣିକ ପତ୍ର ଉପସ୍ଥାପିତ କରିଥିଲେ । କାର୍ଯ୍ୟକାରୀ କମିଟି ସଭାପତି ଚନ୍ଦ୍ରପ୍ରକାଶ ସିଂହ, ସାଧାରଣ ସଂପାଦକ - ଏସ୍.ଏସ୍. ପ୍ରକାଶନ୍, ଯୁଗ୍ମ ସଂପାଦକ - ଅମଜାଦ୍ ହାସନ୍ ଏବଂ ଓଡ଼ିଶାରୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସଂପାଦକ - କିଶୋର ଜେନା, ଉପସଭାପତି - ମଦନ ମୋହନ ଧଳ, ସଂପାଦକ - ସତ୍ୟବ୍ରତ ନାୟକ, ସଭାନେତ୍ରୀ - ପ୍ରଣତୀ ମିଶ୍ର, ଘନ ସବର, ମହେନ୍ଦ୍ର ମିଶ୍ର, ଫକିର ଚରଣ ଖଟୁଆ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ନିର୍ମାଣ ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ସହ ଶ୍ରମିକ ସଙ୍ଘ କର୍ମକର୍ତ୍ତାଙ୍କ ବୈଠକ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ମହେଶ୍ୱର ନାୟକଙ୍କ ଆହ୍ୱାନକ୍ରମେ ବୁଧବାର ପୂର୍ବାହ୍ନରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନଙ୍କୁ ନେଇ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ମାଣ ଶ୍ରମିକମାନେ ବିଭିନ୍ନ ସହାୟତା ପାଇଁ ଆବେଦନ କରିଥିବା ଫର୍ମ ଗୁଡିକ ବର୍ଷାଧିକକାଳ ଶ୍ରମ କାର୍ଯ୍ୟାଳୟରେ ପଡିରହିବା, ପଞ୍ଜୀକରଣ ପାଇଁ ଦୀର୍ଘବର୍ଷ ଧରି ପଡିରହିଥିବା ଆବେଦନପତ୍ର ଗୁଡିକର ଯାଞ୍ଚ କରାଯାଇ ତୁରନ୍ତ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ କରାଯିବା, ସାଇକେଲ ଓ ଯନ୍ତ୍ରପାତି ନିମନ୍ତେ ପଡିରହିଥିବା ଆବେଦନପତ୍ର ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରଭୃତି ବିଷୟରେ ଏହି ବୈଠକରେ ଆଲୋଚନା କରାଯାଇ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କ୍ଷମତା ପରିସର ମଧ୍ୟରେ ଥିବା ଦାବି ଗୁଡିକ ଆସନ୍ତା ସପ୍ତାହକ ମଧ୍ୟରେ ପୁରଣ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ନାୟକ ପ୍ରତିଶୃତି ଦେଇଛନ୍ତି । ଯେଉଁ ଦାବି ଗୁଡିକ ତାଙ୍କ ଦ୍ୱାରା ସମାଧାନ ହୋଇନପାରିବ ସେଗୁଡିକ ସମ୍ପର୍କରେ ଜିଲ୍ଲା ଉଚ୍ଚ ପଦାଧିକାରୀ ଏବଂ ପ୍ରମୁଖ ଶ୍ରମିକ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଆହୂତ କରାଯାଇ ସେଗୁଡିକର ସମାଧାନ କରାଯିବ ବୋଲି ଆୟୁକ୍ତ ଶ୍ରୀ ନାୟକ ପ୍ରତିଶୃତି ଦେଇଥିଲେ । ବୈଠକରେ ସହକାରୀ ଶ୍ରମ ଅଧିକାରୀ ଅଶୋକ ମୁର୍ମୁ, ଗ୍ରାମ୍ୟ ଶ୍ରମ ନିରୀକ୍ଷକ ଦେବାଶିଷ ଜେନା, ସଂଯୋଜକ ଚନ୍ଦନ ସିଂ, କେଶବ ସାହୁ, ସୋନାଲି ମହାନ୍ତି, କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଶ୍ରମିକ ସଂଗଠନ ମିଳିତ ମଞ୍ଚର ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘ ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ଆଇ.ଏନ.ଟି.ୟୁ.ସି.ର ମୁକ୍ତାର ଖାଁ, ଜଗତଜୀବନ ଦାଶ, ସି.ଆଇ.ଟି.ୟୁ.ର ବାବାଜୀ ଧଳ, ଏ.ଆଇ.ଟି.ୟୁ.ସି. ଶ୍ରମିକନେତା କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ସମସ୍ତ ଶ୍ରମିକ ସଂଗଠନର ନେତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିଶ୍ୱ ବିଦ୍ୟାଳୟରେ ରାଜନୀତିକରଣକୁ ବିରୋଧ କରି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ବିଶ୍ୱ ବିଦ୍ୟାଳୟରେ ରାଜନୀତି କରଣକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଓଡିଶା ସରକାରଙ୍କ ପ୍ରସ୍ତାବିତ ଓଡିଶା ବିଶ୍ୱ ବିଦ୍ୟାଳୟ ଆଇନ ସଂଶୋଧନ ଅଧିନିୟମ ୧୯୮୯ ଏବଂ ରେଭେନସା ବିଶ୍ୱ ବିଦ୍ୟାଳୟ ଆଇନ ୨୦୦୫ ପ୍ରତ୍ୟାହାର, ବିଶ୍ୱ ବିଦ୍ୟାଳୟ ଗୁଡିକର ସ୍ୱାଧିନତା କ୍ଷୁର୍ଣ୍ଣ କରିବା ଉଦ୍ଦେଶ୍ୟ ରାଜ୍ୟ ସରକାର ଙ୍କର ଥିବାରୁ ଭାରତୀୟ ଜନତା ଯୁବମୋର୍ଚ୍ଚା କେନ୍ଦ୍ରାପଡା ଶାଖା ତରଫରୁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରା ଯାଇଛି । ଏହା ସହ ରାଜ୍ୟ ସରକାରଙ୍କ ବିରୋଧରେ କର୍ମୀମାନେ ସ୍ଲୋଗାନ ଦେଇ ବିଶ୍ୱ ବିଦ୍ୟାଳୟର ସ୍ୱାଧରନତା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଯୁବମୋର୍ଚ୍ଚା ସଭାପତି ଦିଲିପ ଦାଶ ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସଂଶୋଧିତ ଅଧିନିୟମ କୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି । ନଚେତ୍ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।ଏହି ବିକ୍ଷୋଭ ପ୍ରଦର୍ଶନ କରିବା ସମୟରେ ଯୁବନେତା ଅଭିମନ୍ୟୁ ଗୋଛାୟତ, ନେହେରୁ ସାହୁ, ଦିଲିପ ଦାସ, ବିନ୍ଦୁ ସାଗର ଦାସ, ମୁକ୍ତିକାନ୍ତ ସ୍ୱାଇଁ, ସୁଦାମ ମଳିକ, ପ୍ରଶାନ୍ତ ସେଠୀ, ଜ୍ଞାନ ରଞ୍ଜନ ପ୍ରଧାନ, ବାସୁଦେବ ତ୍ରିପାଠୀ, ସନ୍ଦିପନି ଆର୍ଯ୍ୟ କୁମାର, ଅବିନାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରମିକଙ୍କୁ ରୋଜଗାର ଓ ସହାୟତା ପ୍ରଦାନ ପାଇଁ ବିଏମଏସର ଦାବି

କେନ୍ଦ୍ରାପଡା, (ପିଏନ)- କୋଭିଡ-୧୯ କରୋନା ମହାମାରୀ ପାଇଁ ଦୀର୍ଘ ୭ ମାସରୁ ଉର୍ଦ୍ଧ୍ୱ ହେବ ଜିଲ୍ଲାରେ ମଜଦୁର ମାନେ ବେରୋଜଗାର ହୋଇ ବସି ରହିଛନ୍ତି । ଏହି ବେରୋଜଗାରୀ ମଜଦୁର ମାନଙ୍କୁ ରୋଜଗାର ଓ ସହାୟତା ପ୍ରଦାନ ପାଇଁ ଭାରତୀୟ ମଜଦୁର ସଂଘ (ବିଏମଏସ) ତରଫରୁ ଦାବି କରାଯାଇଛି । ସଂଘର ସଭାପତି ପ୍ରଭାତ କୁମାର ପାଣିଙ୍କ ନେତୃତ୍ୱରେ ଶତାଧିକ ମଜଦୁର ମାନେ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ଦାବି କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ଗୁଡିକ ମଧ୍ୟରେ ସମସ୍ତ ପ୍ରବାସୀ ଶ୍ରମିକ ତଥା ବେକାର ଯୁବକ ଯୁବତୀ ମାନଙ୍କ ଦକ୍ଷତା ଅନୁଯାୟୀ ନିଯୁକ୍ତି, ଡାକ୍ତରଖାନା କର୍ମଚାରୀଙ୍କ ଭଳି ସମସ୍ତ ମହିଳା କରୋନା ଯୋଦ୍ଧା , ଅଙ୍ଗନବାଡି କର୍ମଚାରୀ, ଆଶା କର୍ମଚାରୀ ଓ ଆଶାସାଥୀ ଇତ୍ୟାଦିଙ୍କୁ ଦୈନିକ ୫୦୦ ଟଙ୍କା ପ୍ରଦାନ, ଉଠା ଦୋକାନୀ ଆଦି ସମସ୍ତ ଅନ ସଂଗଠିତ ଶ୍ରମିକଙ୍କୁ ତାଲା ବନ୍ଦ ସମୟରେ ମାସିକ ୨ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପ୍ରଭୃତି ଦାବି ଗୁଡିକ ରହିଛି ।ଏହି ଦାବିପତ୍ର ପ୍ରଦାନ ସମୟରେ ସଂପାଦକ ତଥା ଶ୍ରମିକ ନେତା ପ୍ରଶାନ୍ତ କୁମାର ପାଣି, ଫକିର ବାରିକ, ଅଞ୍ଜନା ରଣା, କାହ୍ନୁ ଚରଣ ବେହେରା, ମଧୁସ୍ମିତା ସାହୁ, ପ୍ରଦିପ ରାଉତ, ଆକାଶ ରଣା ପ୍ରମୁଖ ଉପସ୍ଥିତ ଥିଲେ ।




# ସ୍ୱାଧୀନ ଭାରତ ବନାମ ବିଖଣ୍ଡିତ ଉତ୍କଳ

ଇତିମଧ୍ୟରେ ଭାରତ ସ୍ୱାଧୀନତା ପ୍ରାପ୍ତିର ୬୫ବର୍ଷ ହୋଇଗଲା। ଏବେ ଆମେ ପରବର୍ତ୍ତୀ ସ୍ୱାଧୀନତା ଦିବସ ପାଳନକରିବାକୁ ଯାଉଛୁ। ଏହି ଅବସର ଗଣମାଧ୍ୟମରେ ପତ୍ରପତ୍ରିକାରେ ଖୁବ୍ ବଡ଼ ବଡ଼ ଅକ୍ଷରରେ ବିଭିନ୍ନ ରଂଗର ନାନାବିଧ ଚିତ୍ର ସହ ପ୍ରଗତିର ମାପକାଠିକୁ ଆତ୍ମ ଗୌରବ ସହ ପ୍ରକାଶ କରୁଅଛୁ। ଆମେ ମାନୁଛୁ ଯେ ଆମକୁ ଆଉ କୌଣସି ବାହାର ଶକ୍ତି ଶାସନ କରୁନାହାଁନ୍ତି କି କୋଉ ବାହ୍ୟ ଶକ୍ତି ଦ୍ୱାରା ପରିଚାଳିତ ନୋହୁଁ ଅର୍ଥାତ୍ ଆମର ସାର୍ବଭୌମତ୍ୱ ଅଛି; ଆମର ଗଣତନ୍ତ୍ର ଶାସନ, ଆମେ ଧର୍ମ ନିରପେକ୍ଷ ଇତ୍ୟାଦି ଇତ୍ୟାଦି। ପୁଣି କହୁଛୁ : ଏବେ ଆମେ କୃଷିରେ ଆତ୍ମନିର୍ଭରଶୀଳ, ଶିଳ୍ପରେ ପ୍ରଗତିଶୀଳ, ଦେହକୁ ଉନ୍ନତ ସ୍ୱାସ୍ଥ୍ୟ ସେବା, ଗାଁମାନଙ୍କୁ ବିଜୁଳି ସେବା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରତି ଗାଁକୁ ପିଚୁରାସ୍ତା, ଶିକ୍ଷାପାଇଁ ସର୍ବଶିକ୍ଷା ଯୋଜନା; ଗରିବ ଲୋକଙ୍କ ବାସଗୃହ ଯୋଗାଣରେ ଇନ୍ଦିରା ଆବାସ; ବି.ପି.ଏଲ୍‌ମାନଙ୍କ ପାଇଁ ରିହାତି ଦରରେ ନିୟନ୍ତ୍ରିତ ସାମଗ୍ରୀ ଯୋଗାଣ ଇତ୍ୟାଦି ବହୁତ କଥା ଦର୍ଶାଇ ବାହାଦୂରୀ ନେଉଛୁ। ସ୍ୱାଧୀନତା ଦିବସ ପାଳନ ଅବସରରେ ରାଷ୍ଟ୍ରମୁଖ୍ୟଙ୍କ ଠାରୁ ଆରମ୍ଭ କରି, ରାଜ୍ୟ ମୁଖ୍ୟଙ୍କୁ ଧରି ଗ୍ରାମ ମୁଖ୍ୟଙ୍କ ପର୍ଯ୍ୟନ୍ତ ବାର୍ତ୍ତା ଓ ଭାଷଣବାଜି ଚାଲିଛି : ଏଷା କଲୁ; ଏହା କରୁଛୁ ଏବଂ ତେଷା କରିବୁ। ଏହି ଭାଷଣ ବାଜି ଭିତରେ ଗୋଟିଏ କଥା ସୁସ୍ପଷ୍ଟ ଯେ ଆମକୁ ସେମିତି ଛିଡ଼ା ହେବାକୁ ଦିଅ। ଆମେ ପ୍ରଭୁଥାଉ, ତୁମେ ସେବକ ଥାଅ। ଏଇଟା ଖଟିଖିଆମାନଙ୍କର ସ୍ୱାଧୀନତା ନୁହେଁ; ଏବେ ସ୍ୱାଧୀନତା ପୂର୍ବରୁ "ଅପର୍ତ୍ତି ଏବଂ ଗୁରେଇ"ଙ୍କ ପରି ଅବହେଳିତମାନଙ୍କ ଠାରୁ ଲୋକେ ଅହୁରି ଦୟନୀୟ ଅବସ୍ଥାରେ ଅଛନ୍ତି। ପେଟକୁ ମୁଠାଏ ଦାନା ବିନା କିଏ କୋଉଠି ମରି ଶୋଉଛି, ଅସହାୟ ଶିଶୁଟିଏ ପଲିଥିନ ଗୋଟାଉଛି ନର୍ଦ୍ଦମା ଓ ଆବର୍ଜନା ପରିବେଶରୁ।



ଚିକିତ୍ସା ନାଁରେ ସେବା ମହଙ୍ଗା ଓ ଦୁର୍ଲ୍ଲଭ। ସେବା ନାଁରେ ଶୋଷଣ; ଶିକ୍ଷା ନାଁରେ ଅର୍ଦ୍ଧଶିକ୍ଷିତଙ୍କ ଚାଟଶାଳୀ, ଇନ୍ଦିରା-ଆବାସରେ ମୁଣ୍ଡ ଗୁଞ୍ଜୁ ନଗୁଞ୍ଜୁ ବହୁଛି ପାଣି; ବିପିଏଲ୍ ନାଁରେ ବେକାର ସୃଷ୍ଟି ଏବଂ ହଡ଼ପୀକରଣ; ନାରୀ ସୁରକ୍ଷା ନାଁରେ ଦିନ ଦ୍ୱି'ପହରେ ଧର୍ଷଣ ଏବଂ ହତ୍ୟା; ମୁଖରେ ବଦାନ୍ୟତାର ସ୍ୱର, ପକେଟ ଭିତରେ ଛୁରୀ, ତଳିପାରୁ ତୂଳିଯାଏଁ ସରକାରୀ ବା ବେସରକାରୀ ଅନୁଷ୍ଠାନ ହେଉ, ସେବା ସଂସ୍ଥା ହେଉ; ଆଗଥୁଅ; ତା'ପରେ କୁହ। କାମକଥା ପରେ ଦେଖାଯିବ।

ଏଇମାନେ ଯିଏ ହାତରେ ରାଜଦଣ୍ଡ ଧରିଛନ୍ତି, ସରକାରଙ୍କର ଗୁମାସ୍ତା ଗିରି କରନ୍ତି; ସରକାରଙ୍କ ତରଫରୁ କାର୍ଯ୍ୟନିର୍ବାହ କରନ୍ତି... ସେଇମାନେ ଯଥାର୍ଥରେ ସ୍ୱାଧୀନ। ସେମାନେ ସ୍ୱାଧୀନତ ଭାରତର ସନ୍ତାନ। ଆମେ ଯୋଉଁଠି ଅଛୁ ସେଇଠି। ଅଯଥାରେ ଖାଲି ସେମାନଙ୍କ କଥାରେ ଭୋଳ ହୋଇ ତାଙ୍କ ପାଳି ଧରୁଛୁ : ସ୍ୱାଧୀନ ଭାରତ କି ଜୟ। ଅମୁଖ ଡ଼ିମିକକି ଜୟ। ଏଗୁଡ଼ାକ ସେହି ଅପର୍ତ୍ତି ଗୁଡ଼େଇଙ୍କର ସ୍ୱପ୍ନ ଯାହା ସ୍ୱପ୍ନରେ ରହିଯାଉଛି। ଆମ ସ୍ୱଦେଶରେ ଆମେ ଏବେ ପରାଧୀନ। ଆଉ ଏକ ଆନ୍ଦୋଳନ ଦରକାର। ଏ ମାଟିର ପରଦେଶୀଙ୍କୁ ମୂଳୋତ୍ପାଡ଼ିତ ପାଇଁ ଭିନ୍ନ ଏକ ବିପ୍ଳବ ଅବଶ୍ୟମ୍ଭାବୀ।

ଏ ହେଲା ଜାତୀୟ ସ୍ତରର କଥା। ଏବେ ଆମେ ଓଡ଼ିଶା ଓ ଓଡ଼ିଆଙ୍କ କଥାକୁ ଆସିବା। ପରାଧୀନ ଭାରତର ଛିନ୍ନ ଅଞ୍ଚଳଗୁଡ଼ିକ ଏକତ୍ର ହୋଇ କଲେ ଅଖଣ୍ଡ ଭାରତ। ଅବଶ୍ୟ ଏହା ଧର୍ମକୁ ଭିତ୍ତିକରି ଇଂରେଜ କୂଟନୀତି ଯୋଗୁଁ ଦୁଇଖଣ୍ଡ ହେଲା। ଏହି ଅଖଣ୍ଡ ଭାରତର ଭାଷାକୁ ଭିତ୍ତିକରି ସ୍ୱାଧୀନତା ପୂର୍ବରୁ ଯେଉଁ ରାଜ୍ୟ ଗଠିତ ହୋଇଥିଲା, ସେମିତି ଏକ ରାଜ୍ୟ ହେଉଛି ଓଡ଼ିଶା ଯାହାକି ସ୍ୱାଧୀନ ଭାରତର ୧୧ତମ ରାଜ୍ୟ।

ଦେଶ ସ୍ୱାଧୀନ ଅର୍ଥାତ୍ ଅଗଷ୍ଟ ୧୫, ୧୯୪୭ ବେଳକୁ ବର୍ତ୍ତମାନ ଭାରତର ସମସ୍ତ ଅଂଶ ଭାରତର ଅଂଶ ବିଶେଷ ନଥିଲେ। ପରବର୍ତ୍ତୀ ସମୟରେ ସରକାରଙ୍କର ପ୍ରଚେଷ୍ଟାରୁ ହେଉ ଅଥବା କୌଣସି ଭୌଗୋଳିକ କାରଣରୁ ବଳପ୍ରୟୋଗ ଜନିତ କାରଣ ହେଉ, ଭାରତର ସଂପୂର୍ଣ୍ଣ ଏକତ୍ରୀକରଣ ହେଲା।

ଆମର ସ୍ୱାଧୀନ ଓଡ଼ିଶା ରାଜ୍ୟ "ଓଡ଼ିଶା', ଉତ୍କଳ ପ୍ରଦେଶ ଗଠନ ହୋଇଛି ୧୯୩୬ ଏପ୍ରିଲ୍ କହିଲାରୁ। ସ୍ୱାଧୀନ ଭାରତ ଗଠନର ସ୍ୱପ୍ନ ଗାନ୍ଧି, ନେହେରୁ... ଗୋପବନ୍ଧୁ ଇତ୍ୟାଦିଙ୍କର ବାସ୍ତବ ହେଲା ଅଥଚ ଏହାର ବହୁ ପୂର୍ବରୁ ଭାଷାକୁ ନେଇ ଗଠିତ ସ୍ୱାଧୀନ ଓଡ଼ିଶାର ନେତା ମଧୁସୂଦନ ଦାସ, ମହାରାଜ କୃଷ୍ଣଚନ୍ଦ୍ର ଦେବ, ଫକୀର ମୋହନ ସେନାପତି... ଇତ୍ୟାଦିଙ୍କର ସ୍ୱପ୍ନ ଏବେ ବି ଅଧୁରା ଅଛି। ଅଖଣ୍ଡ ବା ପୂର୍ଣ୍ଣାଙ୍ଗ ଓଡ଼ିଶା ଏବେ ବି ଅସଂପୂର୍ଣ୍ଣ। ପଲାସା, ଟେକ୍‌ଲି, ଜଳଂତର, ଇଚ୍ଛାପୁର, ବୁଡ଼ାରସିଂ, ତରଳା ଓ ପାରଳାଖେମୁଣ୍ଡିର ଅଧିକାଂଶ ଏବେ ଆନ୍ଧ୍ରରେ; ମଧ୍ୟ ପ୍ରଦେଶର ବସ୍ତର ପୂର୍ବାଂଶ ଫୁଲଝରେ, ଶରଣାଗଡ଼ ଓ ଯଶିପୁର, ଝାଡ଼ଖଣ୍ଡର ଷଢ଼େଇକଳା, ଖରସୁଆଁ ଏବଂ ସିଂହଭୂମି.... ବଙ୍ଗଳାରେ ଦକ୍ଷିଣ ମେଦିନାପୁର, ଛତିଶଗଡ଼ର ଅନେକ ଅଂଚଳ ଓଡ଼ିଶା ଅଧୁଷିତ।

ସଂପୂର୍ଣ୍ଣ ଉତ୍କଳର ସ୍ୱପ୍ନ କ'ଣ ମରିଯିବ ? ଆମର ଭାଇମାନେ ଅନ୍ୟ ଅଞ୍ଚଳରେ ପରାଧୀନ। ଓଡ଼ିଆର ସ୍ୱତନ୍ତ୍ରତା ହରାଇ ବସିଲେଣି ଓଡ଼ିଆମାନେ। ସେମାନେ ଯେ କେତେ ଅବହେଳିତ; ଅନ୍ତତଃ ସେ ଅଞ୍ଚଳ ଯିଏ ନବୁଲିଛି, ସେ ବୁଝିପାରିବ ନାହିଁ ସେମାନଙ୍କ ମନତଳର ଭାଷା। ଜାତି ଭାଇମାନଙ୍କୁ ଧରି ସୁଖ ବା ଦୁଃଖ ବଣ୍ଟାଯାଏ। ଭାଷା ଓ ଜାତିପ୍ରେମ କୌଣସି ଓଡ଼ିଆ କେବେବି ସହିପାରିବ ନାହିଁ ତାଙ୍କ କଥା। ମୁଁ ମୋ ଜାତିଭାଇକୁ ଛାଡ଼ି ମୁକ୍ତ କଣ୍ଠରେ କହିପାରିବି କି ( ?) ଜୟ ସ୍ୱାଧୀନ ଭାରତ, ଯେ ଯାଏଁ ଓଡ଼ିଶାର ଜୟ ନ ହୋଇଛି।

ଆମେ ଏ ବାବଦରେ ଭାରତ ସରକାରଙ୍କ ପାଖରେ ବାରମ୍ବାର ପ୍ରଶ୍ନ ରଖି ଆସୁଛୁ ଯେ ଆମ ଅଞ୍ଚଳ ଆମକୁ ଫେରାଇ ଦିଅ। ଓଡ଼ିଶା ସରକାରଙ୍କୁ ବାଧ କରୁଛୁ, ତୁମେ ଲଢ଼। ଆମେ ଗୁଡାଏ କାଗଜ କଲମରେ ଚିତ୍‌କାର କରୁଛ ଛାଡ଼; ଆମ ଜାଗା ଆମକୁ ଛାଡ଼।

ବୋଧହୁଏ ଭାରତ ସରକାର କହୁଛନ୍ତି; ଯାହା ହେବାର ହେଲାଣି, ଛାଡ଼। ଓଡ଼ିଶା ସରକାର ଭାବୁଛନ୍ତି : ଯଦି ନ ହେଉଛି, ଛାଡ଼। ଆମେ କହୁଛୁ : ଛାଡ଼ି ଦେବାକି ?

ଓଡ଼ିଶା ସରକାର (ଯିଏ ଯେତେବେଳେ ଆସନ୍ତୁ) ଖଣି ଯୋଜନା ପରିବେଶ ଯୋଜନା, ଶିକ୍ଷା ଯୋଜନା, କୃଷି ଯୋଜନା .... ଏମିତି ଯେତେ ଯୋଜନା ଅଛି, ସବୁ ଯୋଜନା ପାଇଁ ବ୍ଲୁପ୍ରିଣ୍ଟ କରି ଅର୍ଥ ବ୍ୟବସ୍ଥା ହେଉଛି। ଅଥଚ ଓଡ଼ିଆ ଭାଷା ଓଡ଼ିଆ ବସବାସ ଅଞ୍ଚଳରେ ଏକତ୍ରୀକରଣ ଏବଂ ଓଡ଼ିଆଙ୍କ ଉନ୍ନତି କଳ୍ପେ କାହାରିବି ବ୍ଲୁପ୍ରିଣ୍ଟ ନାହିଁ। ସେଠି ଅର୍ଥ କଥା ଉଠୁଛି କେଉଁଠି ? କେହିବି କୌଣସି ସ୍ୱାଧୀନତା, ଗଣତନ୍ତ୍ର, ଉତ୍କଳ ବା ଓଡ଼ିଶା ଦିବସରେ ଓଡ଼ିଶା ଓ ଓଡ଼ିଆମାନଙ୍କ ପାଇଁ ଏହା କଲୁ କହି ବା ଦର୍ଶାଇ ଗଣମାଧ୍ୟମକୁ କିଛି ସନ୍ଦେଶ ଛାଡ଼ନ୍ତି ନାହିଁ। ଏ କ'ଣ ଓଡ଼ିଆପ୍ରୀତି ? ଦୁଃଖ ଯେ ଓଡ଼ିଆ ଜାତିର ସକଳ ସାମର୍ଥ୍ୟ ସତ୍ତ୍ୱେ ସେ ଆଜି କେତେ ଦୁର୍ବଳ। ଛିଃ।। ଆମେ ଏବେ ସ୍ୱାର୍ଥାନ୍ଧ ! ଏଇଥିପାଇଁ ମଧୁବାବୁ ଯଥାର୍ଥରେ କହିଥିଲେ : ଜାତି ନନ୍ଦିଘୋଷ ଚଳିବକି ଭାଇ ସ୍ୱାର୍ଥକୁ ସାରଥୀ କଲେ...।। ସଂପୂର୍ଣ୍ଣ ସ୍ୱାଧୀନ ଉତ୍କଳ ଭୂଖଣ୍ଡ ଗଠନ ହେଉ। ଓଡ଼ିଶାର ଜୟ ହେଉ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ରାଜ୍ୟ ରେଡ଼କ୍ରସ୍ ଥଇଥାନ କେନ୍ଦ୍ର ନହେଉ



ଭୁବନେଶ୍ୱର (ପିଏନ୍): ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଏବେ କିଛି ଲୋକଙ୍କର ଥଇଥାନ କେନ୍ଦ୍ର ପାଲଟି ଯାଇଛି । କିଛି ବର୍ଷ ତଳେ କଳ୍ପନା ଦାସ ଯୁବ ରେଡ଼କ୍ରସ୍ ଅଧିକାରୀ ଭାବେ ଆସିବା ପରେ ନିଜ ହାତରେ ଯୁଗ୍ମ-ସଚିବ ପଦବି ରଖିଲେ ଓ ଅବସର ପରେ କିଛି ଦିନ ସଚିବ ହେଲେ, ଏବେ ସେ କୋଷାଧକ୍ଷ ଭାବେ ଥଇଥାନ ହୋଇଛନ୍ତି । ସେହିଭଳି ଡ. ବିନାୟକ ପୃଷ୍ଟି ରେଡ଼କ୍ରସ୍ ରାଜ୍ୟ ଶାଖାକୁ ସଚିବ ଭାବେ ଡେପୁଟେସନରେ ଆସିଲେ, ଏବେ ସେ ରେଡ଼କ୍ରସ୍ ରାଜ୍ୟ ଶାଖା ଅଧିନରେ ଥିବା ରକ୍ତଭଣ୍ଡାରରେ ନିର୍ଦ୍ଦେଶକ ଅଛନ୍ତି । ସେହିଭଳି ୨୦୧୯ରେ ଦୁଇବର୍ଷ ପାଇଁ ରେଡ଼କ୍ରସ୍ ରାଜ୍ୟ ସଚିବ ପଦରେ ନିଯୁକ୍ତି ପାଇଥିବା ଅବସର ପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ସୁଶ୍ରୀ ସି.ଟି.ଏମ୍. ସୁଗୁଣା କାଳେ ଚାକିରୀ ଚାଲିଯିବ ଆଗରୁ ରେଡ଼କ୍ରସ୍ ରକ୍ତ ଭଣ୍ଡାରର ଅଧକ୍ଷ ପଦରେ ନିଯୁକ୍ତି ପାଇ ସାରିଲେଣି। ରେଡ଼କ୍ରସ୍ ଭଳି ଏକ ମହାନସେବା ମୂଳକ ଅନୁଷ୍ଠାନର ରାଜ୍ୟ ସଚିବ ହେବା ପରେ ରାଜ୍ୟ ରେଡ଼କ୍ରସ୍‌ର ସେଭଳି କିଛି କାମ ନକରି ନିଜ ସ୍ୱାଭିମାନକୁ କୁଠାରଘାତ କରି ରାଜ୍ୟ ସଚିବ ଠାରୁ ଛୋଟ ଛୋଟ ପଦବୀ, ଯେମିତିକି କୋଷାଧକ୍ଷ, ରକ୍ତ ଭଣ୍ଡାରର ଅଧକ୍ଷ ଓ ନିର୍ଦ୍ଦେଶକ, ପଦବୀରେ ନିଯୁକ୍ତି ପାଇବା ପାଇଁ ବ୍ୟାକୁଳ ହେଉଛନ୍ତି ରେଡ଼କ୍ରସ୍ ରାଜ୍ୟଶାଖା ସୁରକ୍ଷା ସମିତି, ଓଡ଼ିଶାର ଆବାହକ ଦିଲ୍ଲୀପ ଦାଶଶର୍ମାଙ୍କ ସହିତ ଆଜୀବନ ସଦସ୍ୟମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏଭଳି ପରମ୍ପରା ବନ୍ଦ କରିବା ପାଇଁ ଶ୍ରୀ ଦାଶଶର୍ମା। ନିବେଦନ କରିଛନ୍ତି ।

## ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ସହିତ ହୋଲି ପାଳିତ



ଭୁବନେଶ୍ୱର (ପିଏନ୍): ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ସହିଦ ଲକ୍ଷ୍ମଣ ନାୟକଙ୍କ ପବିତ୍ର ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଳି ଜଣାଇଁବା ସହିତ ସମ୍ମିଳନୀର ଶାଖା କାର୍ଯ୍ୟାଳୟରେ ହୋଲି ଉତ୍ସବ ପାଳନ କରାଯାଇଛି । ଉଭୟ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା। ସଭାପତିତ୍ୱ କରିଥିବା ବେଳେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ହୋଲି ଓ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ପ୍ରତାପ ନନ୍ଦ, ସମରଂଜନ ମହାନ୍ତି, ପ୍ରକାଶ ସାମଲ, ପତିତପାବନ ତ୍ରିପାଠୀ, ନଳିନୀ ମହାନ୍ତି, ପ୍ରସନ୍ନ ରଥ, ଅଜୟ କାନୁନଗୋ, ପ୍ରକାଶ ପଣ୍ଡା ଓ ପୃଥୀରାଜ ତ୍ରିପାଠୀ ଆଦି ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇବା ସହିତ ହୋଲି ଉତ୍ସବ ପାଳନ କରିଥିଲେ ।

# ବିଶ୍ୱବିଖ୍ୟାତ ବୈଜ୍ଞାନିକ





ଯେଉଁ ବିଶ୍ୱବିଖ୍ୟାତ ବୈଜ୍ଞାନିକଗଣ ନିଜର ମହାନ୍ ଅବଦାନ ଦ୍ୱାରା ବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବସମାଜକୁ ବିପୁଳ ଜ୍ଞାନାଲୋକରେ ଉଦ୍ଭାସିତ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ବାପମା' ଛେଉଣ୍ଡ ନିପଟ ମଫସଲ ଗାଁର ଦରିଦ୍ର ଓଡ଼ିଆ ପିଲା ପ୍ରାଣକୃଷ୍ଣ ପରିଜା ନିଜ ଗୋଡରେ ଠିଆହୋଇ କ୍ରେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହେବାର ଗୌରବ ଅର୍ଜନ କରିଥିଲେ। ପ୍ରାଣକୃଷ୍ଣ ପରିଜା ଆଦିକବି ଶାରଳା ଦାସଙ୍କ ବଂଶଜ ପରିଡାବଂଶ ସାରୋଳ ଗ୍ରାମରୁ ଯାଇ ଜଗତ୍‌ସିଂହପୁରର ଖେରସ ଓ ବାଲିକୁଦାର ଇଚ୍ଛାପୁର ଗ୍ରାମରେ ବସତିସ୍ଥାପନ କରିଥିଲେ। କ୍ରମେ ପରିଡାବଂଶର ଲୋକେ ପରିଜା ସାଂଜ୍ଞାରେ ପରିଚିତ ହେଲେ।



୧୮୯୧ ମସିହା ଏପ୍ରିଲ ପହିଲା ତାରିଖ ଦିନ ପ୍ରାଣକୃଷ୍ଣ ଇଚ୍ଛାପୁର ଗ୍ରାମର ବିଶ୍ୱନାଥ ପରିଜା ଓ ଜୟନ୍ତୀ ପରିଜାଙ୍କ ପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ । ବିଶ୍ୱନାଥ ପରିଜା ପାଠ ପଢ଼ି ନଥିବାରୁ ମୟୁରଭଂଜରେ ଫରେଷ୍ଟ ଗାର୍ଡରୂପେ କାର୍ଯ୍ୟକରୁଥିଲେ। ତେଣୁ ପ୍ରାଣକୃଷ୍ଣ ଗାଁଚାହାଳିରେ ନିଜର ପଢ଼ା ଆରମ୍ଭ କରିଥିଲେ। ଦିନଯାକ ଚାହାଳିରେ ପ୍ରାଣକୃଷ୍ଣ ପାଠ ପଢ଼ନ୍ତି ଓ ରାତିରେ ଭାଗବତ ଟୁଙ୍ଗୀରୁ ମହାଭାରତ, ରାମାୟଣ ଓ ଭାଗବତ ଶୁଣନ୍ତି। ଏହି ପୁରାଣର କାହାଣୀଗୁଡିକ ପ୍ରାଣକୃଷ୍ଣଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା। ଚାହାଳି ପାଠପଢ଼ା ଶେଷ ହେବାପରେ ତାଙ୍କ ମା' ପ୍ରାଣକୃଷ୍ଣଙ୍କୁ ତାଙ୍କର ଧର୍ମମଉସା ଉଦୟନାଥ ପାଖକୁ ଚାକିରି ପାଇଁ ପଠାଇଦେଲେ । ମଉସା ଉଦୟନାଥ ଜଗତ୍‌ସିଂହପୁରର ଲାଲବଂଶୀୟମାନଙ୍କ ଜମିଦାରୀ ଅଧିନରେ ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ। ପ୍ରାଣକୃଷ୍ଣ ଜମିଦାରୀ କାଗଜପତ୍ର କାମ ସାଙ୍ଗକୁ କଚେରୀରେ କାମ ଶିଖନ୍ତି ଓ ନିଜେ ରୋଷେଇ କରି ଖାଆନ୍ତି। ବାପା ମୟୁରଭଂଜରୁ ଘରକୁ ଆସି ପ୍ରାଣକୃଷ୍ଣଙ୍କୁ ୧୯୦୧ ମସିହାରେ ବାଲିକୁଦା ମାଇନର ସ୍କୁଲରେ ନାମ ଲେଖାଇଦେଲେ। ସେଠାରେ ପ୍ରାଣକୃଷ୍ଣ ମନଲଗାଇ ପାଠପଢ଼ିଲେ। ଏହି ସମୟରେ ତାଙ୍କର ପିତା ଆରପାରିକୁ ଚାଲିଗଲେ। ମା' ଜୟନ୍ତୀଦେବୀ ସ୍ୱାମୀଙ୍କୁ ଝୁରିଝୁରି ଆଖି ବୁଜିଦେଲେ। ପ୍ରାଣକୃଷ୍ଣ ହୋଇଗଲେ ଅନାଥ ବାପାମା'ଛେଉଣ୍ଡ ପିଲା। ତାଙ୍କ ବାପାଙ୍କ ଦାଦା ରଘୁନାଥ ପ୍ରାଣକୃଷ୍ଣଙ୍କ ଲାଳନପାଳନ ଓ ପାଠପଢ଼ାର ଦାୟିତ୍ୱ ନେଲେ। ପାଠ ପଢ଼ିବା ପାଇଁ ପ୍ରତିଦିନ ପ୍ରାଣକୃଷ୍ଣଙ୍କୁ ୪ ମାଇଲ ଚାଲିବାକୁ ପଡୁଥିଲା। ୧୯୦୪ ମସିହାରେ ପ୍ରାଣକୃଷ୍ଣ ମଧ୍ୟଇଂରାଜୀ ପାଠ ଶେଷ କରିଥିଲେ। ପରୀକ୍ଷାରେ ସାରା ଓଡିଶାରେ ପ୍ରଥମ ହୋଇ ଚାରିଟଙ୍କା ବୃତି ପାଇଲେ। ଆଖପାଖରେ କେଉଁଠି ହାଇସ୍କୁଲ ନଥିବାରୁ ଜେଜେ ପ୍ରାଣକୃଷ୍ଣ ନାମ କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ଲେଖାଇଦେଲେ।

ଗାଁରୁ କଟକ ଯିବା ଆସିବା କରିବା ପାଇଁ ସେତେବେଳେ ବିଶେଷକିଛି ସୁବିଧା ନଥିଲା। ବିଦ୍ୟାଳୟ ଛୁଟି ହେଲେ ପ୍ରାଣକୃଷ୍ଣ ପ୍ରାୟ ୩୪ ମାଇଲ ବାଟ ଚାଲିଚାଲି ଆସନ୍ତି ଓ ଯାଆନ୍ତି। ପ୍ରାଣକୃଷ୍ଣ ବାଟୋଇମାନଙ୍କ ସହିତ ରାତ୍ରିଯାପନ କରନ୍ତି ଚଟିଘରେ। ସେ ବାବଦକୁ ମାଲିକକୁ ଛ' ପଇସା ଦିଅନ୍ତି। ଚଟିଘରେ ଯାତ୍ରୀମାନେ ରୋଷେଇ କରନ୍ତି ଓ ଖିଆପିଆ ସାରି ଶୋଇପଡନ୍ତି। ପ୍ରାଣକୃଷ୍ଣଙ୍କ ଘରଠାରୁ ରେଭେନ୍‌ସା କଲେଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ୬ଟି ଚଟିଘର ଥାଏ ଯାତ୍ରୀଙ୍କ ବିଶ୍ରାମ ନିମନ୍ତେ। ସ୍କୁଲରେ ପଢ଼ିବା ସମୟରେ ପ୍ରାଣକୃଷ୍ଣ ପ୍ୟାଂଟ୍ ବଦଳରେ ତନ୍ତବୁଣା ଖଦୀ ପିନ୍ଧିଥାନ୍ତି ଓ ଚଦରଟିଏ ବେକରେ ପକାଇ ଥାଆନ୍ତି । ବିଦ୍ୟାଳୟରେ ପ୍ରାଣକୃଷ୍ଣଙ୍କ ଏହିପରି ପରିଧାନ ନେଇ ପଣ୍ଡିତ ମହାଶୟ କହିଲେ ତୁ ଦିନେ ବଡମଣିଷ ହେବୁ। ଭବିଷ୍ୟତରେ ତାଙ୍କ ପଣ୍ଡିତଙ୍କ କଥା ସତରେ ପରିଣତ ହେଲା। ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ସେ ଚାରିଶହ ଟଙ୍କା ପୁରସ୍କାର ପାଇଥିଲେ। ଏହି ଟଙ୍କାର ମୂଲ୍ୟ ସେତେବେଳେ ଖୁବ୍ ବେଶୀ ଥିଲା। ଶେଷରେ ସେ ହାଇସ୍କୁଲ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହୋଇ ପାସ୍ କଲେ। ତେଣୁ ତାଙ୍କୁ ମାସିକ ୨୦ ଟଙ୍କା ସରକାରୀ ବୃତି ମିଳିଲା। ରେଭେନ୍‌ସା କଲେଜରେ ସେ ଆଇ.ଏସ୍‌ସି ପାସ୍ କଲେ। ରେଭେନ୍‌ସା କଲେଜରେ ବି.ଏସ୍‌ସି. ନଥିବାରୁ କଲିକତାର ପ୍ରେସିଡେନସି କଲେଜରେ ବି.ଏସ୍‌ସି ପାଠ ପଢ଼ିଲେ। ଚଳିବା ପାଇଁ ଅର୍ଥର ଅବଶ୍ୟକତାରୁ ସେ କଲିକତାରେ ଟିଉସନ୍ କଲେ। ବି.ଏସ୍‌ସି ପାସ୍ ପରେ ଏମ.ଏସ୍‌ସି. ପଢ଼ିଲେ। ପ୍ରାଣକୃଷ୍ଣ ଏମ୍.ଏସ୍.ସି.ରେ ପାସ୍ କରିପାରିଲେ ନାହିଁ। ଏହା ଥିଲା ତାଙ୍କ ଜୀବନର ପ୍ରଥମ ବିଫଳତା। ପ୍ରାଣକୃଷ୍ଣ ବିହାର- ଓଡ଼ିଶା ଛାତ୍ରବୃତି ପାଇ ବିଲାତ ପଢ଼ିବାକୁ ଗଲେ। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କ୍ରାଏଷ୍ଟ କଲେଜରେ ଉଦ୍ଭିଦ ବିଜ୍ଞାନ ପଢ଼ିଲେ। ଉଦ୍ଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିବାରୁ ତାଙ୍କୁଗବେଷଣା ପାଇଁ ଛାତ୍ରବୃତି ମିଳିଥିଲା।

ପ୍ରାଣକୃଷ୍ଣ ଅଧ୍ୟାପକ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ଚେରିଲ ପତ୍ର ଉପରେ ଗବେଷଣା କଲେ। ଗଛର ଶ୍ୱାସକ୍ରିୟା ଉପରେ ସେ ଯେଉଁ ନୂଆତତ୍ୱ ବାହାରକଲେ ତାହା 'ପରିଜା-ବ୍ଲାକ୍‌ମ୍ୟାନ' ଥିଓରିଭାବେ ପରିଚିତ। ଏହାପରେସେ ପୃଥିବୀର ଖ୍ୟାତନାମା ବୈଜ୍ଞାନିକ ହୋଇଗଲେ। ବିଲାତରେ ସାତବର୍ଷକାଳ ସାହେବମାନଙ୍କ ମେଳରେ ରହି ସେମାନଙ୍କଠାରୁ ଭଲଗୁଣ ଗ୍ରହଣ କରିଥିଲେ। ଗାଁର ଶିଖିଥିବା ଦୟା, କ୍ଷମା, ସରଳତା ଓ ସାଧୁତା ସାଙ୍ଗରେ ବିଲାତର ଭଲଗୁଣଗୁଡିକ ମିଶିଯିବାରୁ ସେ ଏକ ନୂଆମଣିଷ ପାଲଟିଗଲେ। ନାମ ହେଲା 'ପରିଜାସାହେବ'।

ପରିଜାସାହେବ ରେଭେନ୍‌ସା କଲେଜରେ ଉଦ୍ଭିଦ ବିଜ୍ଞାନରେ ମୁଖ୍ୟ ଅଧ୍ୟାପକରୂପେ ଯୋଗଦେଲେ। ତାଙ୍କ ଚେଷ୍ଟାରୁ ରେଭେନ୍‌ସା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ସମଗ୍ର ଭାରତବର୍ଷରେ ଗବେଷଣାର କେନ୍ଦ୍ରସ୍ଥଳୀ ପାଲଟିଗଲା। ବିଭିନ୍ନପ୍ରକାର ଦଳ ଉପରେ ଗବେଷଣା କରି ସେ ଅନେକ ନୂଆ କଥା ବାହାର କରିଥିଲେ। ମରୁଡି, ବନ୍ୟା ଓ ଲୁଣିପାଣି ଯୋଗୁଁ ବହୁସମୟରେ ଧାନ ଫସଲ ନଷ୍ଟ ହୋଇଯାଇଥାଏ। ଧାନ ଉପରେ ଗବେଷଣା କରି ସେ ବହୁ ନୂଆତତ୍ୱ ବାହାରକଲେ। ଅଳ୍ପଦିନ ମଧ୍ୟରେ ସେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଗଲେ।

ମହାନ୍ ବୈଜ୍ଞାନିକ ପରିଜାସାହେବ ବାଲିପାଟଣା ଗାଁର ଗୌରାଙ୍ଗଚରଣ କାନୁନ୍‌ଗୋଙ୍କ ବଡ଼ଝିଅ ସୁନ୍ଦରମଣିଙ୍କୁ ବିବାହ କଲେ। ସୁନ୍ଦରମଣି ଅଳ୍ପ ପାଠ ପଢ଼ିଥିବାରୁ ତାଙ୍କୁ ପାଠପଢ଼ାଇ ଠିକ୍ ଓଡ଼ିଆ ଘରର ବୋହୂ ପରି ଗଢ଼ିଦେଲେ। ବାହାରକୁ ଗଲେ ପରିଜାସାହେବ ଯାଆନ୍ତି ଠିକ୍ ସାହେବ ପରିଧାନରେ, କିନ୍ତୁ ସୁନ୍ଦରମଣି ଯାଉଥିଲେ ଖାଂଟି ଓଡ଼ିଆଣୀ ପୋଷାକ ପିନ୍ଧି। ଘରର ଚଳଣି ଓ ଖାଦ୍ୟପେୟ ଠିକ୍ ଓଡିଆର ଦହିପଖାଳ, ଶାଗ, ବଡ଼ି, କାଂଜିପାଣି, ଚକୁଳି ପିଠା । ସେ କେବେ ନିଜ ଗାଁର ପାଣିପବନ ଓ ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ।

ପରିଜାସାହେବ ରେଭେନ୍‌ସା କଲେଜରେ ଅଧ୍ୟାପକରୁ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ । ଅଧ୍ୟକ୍ଷ ପଦରୁ ଯାଇ ଉତ୍କଳବିଶ୍ୱବିଦ୍ୟାଳୟର କୁଳପତି ପଦରେ ବସିଲେ। ବିଭିନ୍ନ ସମୟରେ ସେ କୁଳପତିରୂପେ ଦୀର୍ଘ ୧୮ ବର୍ଷ କାର୍ଯ୍ୟକରିଥିଲେ। ବନାରସ 'ହିନ୍ଦୁ' ବିଶ୍ୱବିଦ୍ୟାଳୟର ଉପ-କୁଳପତି ପଦରେ କିଛିକାଳ କାର୍ଯ୍ୟକରିଥିଲେ। ସେ କୁଳପତି ପାଇଁ ମନୋନିତ ହୋଇ ମଧ ହୋଇପାରିଲେ ନାହିଁ। କାରଣ ସେ ହିନ୍ଦିଭାଷାଭାଷୀ ଅଂଚଳର ଲୋକ ନଥିଲେ। ବନାରସରୁ ଫେରି ପରିଜାସାହେବ ନିଜ ଗାଁ ଇଚ୍ଛାପୁରରେ ରହି ଲୋକମାନଙ୍କର ସୁବିଧା ଓ ଅସୁବିଧା ବୁଝିଲେ। ବାଲିକୁଦାରୁ ସ୍ୱାଧୀନ ପ୍ରାର୍ଥୀରୂପେ ଠିଆହୋଇ ବିଜୟଲାଭକରି ବିଧାୟକ ହେଲେ। ସଭାସମିତି ହେଉ ବା ଘରକାର୍ଯ୍ୟ ହେଉ, ସବୁକାମରେ ସେ ଥିଲେ ସମୟାନୁବର୍ତ୍ତିତା। ଠିକ୍ ସମୟରେ ଠିକ୍‌କାମ ସର୍ବଦା କରୁଥିଲେ। ସଦାସର୍ବଦା ପରିଜାସାହେବ ନିଜକାମ ନିଜେ କରୁଥିଲେ । ସେ କୌଣସି କାର୍ଯ୍ୟପାଇଁ କାହାଉପରେ ନିର୍ଭର କରୁନଥିଲେ। ଜଣେ ବୈଜ୍ଞାନିକ ହେଲେ ବି ରାମାୟଣ, ମହାଭାରତ, ଭାଗବତ ଆଦି ବିଭିନ୍ନ ପୁରାଣ ଓ ଇତିହାସ ପାଠକରୁଥିଲେ। ସେ ଥିଲେ ଜ୍ଞାନର ପ୍ରତୀକ। ସେ ମେଧାବୀ ଛାତ୍ରମାନଙ୍କୁ ନିଜ ଦରମାରୁ ସାହାଯ୍ୟ କରୁଥିଲେ । କୌଣସି ଛାତ୍ର ଅସୁବିଧାରେ ପଡ଼ିଲେ ପରିଜାସାହେବ ସାହାଯ୍ୟ କରୁଥିଲେ। ନିଜ ଦେହ କଥା ପଛକୁ ରଖି କର୍ତବ୍ୟକୁ ସେ ପ୍ରଥମ ସ୍ଥାନ ଦେଉଥିଲେ। ତାଙ୍କର ସହକର୍ମୀ ତଥା ବନ୍ଧୁମାନେ ସେଥିପାଇଁ ଭାବନ୍ତି ପରିଜାସାହେବ ମଣିଷ ନା ଦେବତା! ସେ କୁଳପତି ପଦବୀଠାରୁ ପଦ୍ମଭୂଷଣ ଉପାଧି ଯାଏଁ ଅନେକ ସମ୍ମାନ ପାଇଛନ୍ତି। ସେଥିରେ ପ୍ରଥମ ଓଡ଼ିଆ ଯେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ପଦ ମଣ୍ଡନ କରିଥିଲେ।

ଆଗେ ତ' ସୁନ୍ଦରମଣି ଯାଇଥିଲେ, ତା'ପରେ ସେହି ମହାନ୍ ବୈଜ୍ଞାନିକ ୧୯୭୯ ମସିହା ଜୁନ୍ ମାସ ୨ ତାରିଖରେ ଶୁକ୍ରବାର ସକାଳ ୧୧.୫୫ ମିନିଟ୍‌ରେ ଚିରନିଦ୍ରାରେ ଶୋଇଗଲେ।

**ଅକ୍ଷୟ କୁମାର ରାଉତ, ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫**


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଏକଛତ୍ରବାଦ ଅନୈତିକ କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚାରେ ବଡବିଲ ଡାକ୍ତର : ନୀରବଦ୍ରଷ୍ଟା ଭୂମିକାରେ ପ୍ରଶାସନ : ତେଜୁଛି ଅସନ୍ତୋଷ

କେନ୍ଦୁଝର : ରାଜ୍ୟ ତଥା ଦେଶରେ ଅନେକ ଡାକ୍ତର ସେମାନଙ୍କର ଉଲ୍ଲେଖନୀୟ ସେବା ମନୋବୃତିକୁ ନେଇ ଚର୍ଚ୍ଚାରେ ରହିଆସିଥିବା ବେଳେ ଅବିଭକ୍ତ କେନ୍ଦୁଝର ଜିଲ୍ଲାର ଖଣି ଉପତ୍ୟକା ଅଂଚଳରେ ଜଣେ ସରକାରୀ ଡାକ୍ତର ତାଙ୍କର ବିବାଦୀୟ କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି । ଡାକ୍ତରଙ୍କର ନିବରଛିନ୍ନ ନିସ୍ୱାର୍ଥପର ସେବା ପାଇଁ ସାଧାରଣରେ ସେମାନେ ଭଗବାନଙ୍କ ସ୍ୱରୂପ ଭାବେ ଅଭିହିତ ହେଉଥିବା ବେଳେ ଅନେକଙ୍କ ପାଇଁ ସେମାନେ ଦେବଦୂତ ସଦୃଶ୍ୟ । ଡାକ୍ତରଙ୍କ ଉତମ ବ୍ୟବହାର ଓ ମଧୁର ବଚନ ତଥା କଥା କହିବାର ଶୈଳୀ ରୋଗୀର ଅଧା ରୋଗ ସହ ପରିବାର ସଦସ୍ୟଙ୍କର ଅଜଣା ଆଶଙ୍କା ଉପଶମ କରୁଥିବା କଥା କାହାକୁ ଅଜଣା ନାହିଁ । କୋଭିଡ ସମୟରେ ନିଜ ଜୀବନକୁ ବିପନ୍ନ କରି ଡାକ୍ତର ମାନେ ଯେଉଁଭଳି ରୋଗୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି ସେ ସବୁର ଯେତେ ପ୍ରଶଂସା କଲେ ବି ଊଣା ହେବ, ତାହା ଅବଶ୍ୟ କାହାକୁ ଅଜଣା ନୁହେଁ । ଏପରିକି ଦିନରାତି ନିଜକୁ ରୋଗୀ ସେବାରେ ନିୟୋଜିତ କରିଥିବା ଅନେକ ଡାକ୍ତର ସେମାନଙ୍କର ପ୍ରାଣ ମଧ୍ୟ ହାରିଛନ୍ତି । କିନ୍ତୁ କେନ୍ଦୁଝର ଭଳି ଏକ ଆଦିବାସୀ ବହୁଳ ଜିଲ୍ଲାର ବଡବିଲ ଅଂଚଳରେ ଜଣେ ଡାକ୍ତର ତାଙ୍କର ବିବାଦୀୟ କାର୍ଯ୍ୟକଳାପକୁ ନେଇ ଏବେ ଚର୍ଚ୍ଚାକୁ ଆସିଛନ୍ତି । ସଂପୃକ୍ତ ଡାକ୍ତର ଜଣଙ୍କର ବଡବିଲ ସରକାରୀ ହସପିଟାଲରେ ଅବସ୍ଥାପିତ ହେବାର ପ୍ରାୟ ଦୀର୍ଘ ୧୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ପରେ ମଧ୍ୟ ତାଙ୍କ ପାଇଁ ସରକାରଙ୍କ ବଦଳି ନିୟମ ଲାଗୁ ନହେବା ଘଟଣା ସାଧାରଣଙ୍କ ପାଇଁ ସ୍ୱାଭାବିକଭାବେ ରହସ୍ୟପୂର୍ଣ୍ଣ ହୋଇପଡିଛି । ସଂପୃକ୍ତ ଡାକ୍ତର ଜଣକ ରୋଗୀସେବାକୁ ପ୍ରାଥମିକତା ଦେବା ପରିବର୍ତେ ସେମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା, ଏପରିକି ହସପିଟାଲର କର୍ମଚାରୀମାନେ ମଧ୍ୟ ଏଥିରୁ ବାଦ୍ ପଡୁନାହାଁନ୍ତି । ଏହାକୁ ନେଇ ସମଗ୍ର ଅଂଚଳରେ ଅସନ୍ତୋଷ ତେଜିବାରେ ଲାଗିଛି । ସରକାରୀ ହସପିଟାଲରେ ରୋଗୀଙ୍କୁ ସେବା ଯୋଗାଇଦେବା ଅପେକ୍ଷା, ବିନା ଡାକ୍ତରରେ ଶ୍ରମିକ ଓ କର୍ମଚାରୀଙ୍କ ସହ ପ୍ରଭାବିତ ଅଂଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା କହି ସରକାରଙ୍କୁ ଠକୁଥିବା ଖଣି କମ୍ପାନୀ ଗୁଡିକରେ ଉପସ୍ଥାନ ପକାଇ ବେଶ୍ ଭଲ ରୋଜଗାର କରୁଥିବା ଭଳି ଘଟଣା ଲୋକଲୋଚନକୁ ଆସିଛି । ସଂପୃକ୍ତ ଡାକ୍ତରଙ୍କ ସମ୍ପର୍କରେ ବିଭାଗୀୟ କର୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଅଦ୍ୟାବଧି ଫଳ ଶୂନ୍ୟ ରହିଅଛି । ଅନ୍ୟ ପକ୍ଷରେ ସମ୍ପୃକ୍ତ ଡାକ୍ତର ତାଙ୍କ ବାସଭବନ ସମ୍ମୁଖରେ ଏକ ଗୃହ ନିର୍ମାଣ ନିମନ୍ତେ ୧୦ଟି ଫଳନ୍ତି ଗଛକୁ ବେଆଇନ ଭାବେ ଛେଦନ କରିଥିବା ସମ୍ପର୍କରେ ଅଭିଯୋଗ ପରେ ବି ବନବିଭାଗର ନୀରବତାକୁ ନେଇ ବିଭାଗର ସ୍ୱଚ୍ଛତା ଉପରେ ଉଠିଛି ପ୍ରଶ୍ନ । ରାଜ୍ୟର ମୁଖିଆ ନବୀନ ପଟ୍ଟନାୟକ ସବୁବେଳେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହ ଏହି ଉଦ୍ଦେଶ୍ୟରେ ୫-ଟି ବିଭାଗର ସୃଷ୍ଟି କରିଛନ୍ତି । ଏବଂ ସଚିବଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି । କିନ୍ତୁ, ମୁଖ୍ୟମନ୍ତ୍ରୀଙ୍କ ଏହି ମହତ ଲକ୍ଷ୍ୟର ସଫଳ ରୂପାୟନ କ୍ଷେତ୍ରରେ କେତେକ ଅସାଧୁ ଅଧିକାରୀ ବାଧକ ସାଜିଥିବା ଲକ୍ଷ୍ୟ କରାଯାଉଛି । ତାହା ପୁଣି ସ୍ୱାସ୍ଥ୍ୟ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ । ଯାହା କେନ୍ଦୁଝର ଜିଲ୍ଲାରେ ହିଁ ଦେଖିବାକୁ ମିଳିଛି । ଯେଉଁଥିପାଇଁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବଡବିଲ ଡାକ୍ତରଖାନାରେ ଦୀର୍ଘ ବର୍ଷ ହେବ ଆସ୍ଥାନ ଜମାଇ ବସିଥିବା ସମ୍ପୃକ୍ତ ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଏପରି କି ଅଭିଯୋଗର ସତ୍ୟତା ସମ୍ପର୍କରେ ତଦନ୍ତ କରିବା ଦିଗରେ ମଧ୍ୟ ବିଭାଗୀୟ କର୍ତୃପକ୍ଷ ଆଗ୍ରହ ପ୍ରକାଶ ନକରିବା ଘଟଣାର, ଲୁକ୍କାୟିତ ରହସ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ବଡବିଲ ଅଂଚଳବାସୀଙ୍କ ସମୂହିକ ସ୍ୱାର୍ଥ ଦୃଷ୍ଟିରୁ ୫-ଟି ସଚିବ ଏ ଦିଗରେ ତୁରନ୍ତ ଦୃଷ୍ଟିଦେଇ ଉଚିତ ପଦକ୍ଷେପ ନେବା ସପକ୍ଷରେ ବହୁଳ ମତ ପ୍ରକାଶ ପାଇଛି ।

## ବିଧାୟକଙ୍କ ଦ୍ୱାରା ମିଶନଶକ୍ତି କ୍ୟାଫେ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା : ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଯାୟୀ ମିଶନଶକ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ କେନ୍ଦ୍ରାପଡା ବ୍ଲକ ପରିସରରେ ଏକ "କ୍ୟାଫେ" ର ଉଦ୍‌ଘାଟନ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଲ, ମଣ୍ଡଳ ଅଧିକାରୀ ଅଶ୍ୱିନୀ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟା ତଥା ରାଜ୍ୟ ବିଜେଡି ମହିଳା ସାଧାରଣ ସଂପାଦିକା ଜ୍ୟୋସ୍ନାରାଣୀ ଜେନା ପ୍ରମୁଖ ସ୍ଥିତ ଥରଲେ । ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଉଦ୍ୟମ କ୍ରମେ କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି କ୍ୟାଫେ ସ୍ଥାପନା କରାଯାଇଛି । ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କ୍ୟାଫେରେ ଜନ ସାଧାରଣଙ୍କୁ ସୁଲଭ ମୂଲ୍ୟରେ ସୁଷମ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯିବ । ଏହି କ୍ୟାଫେ ଦ୍ୱାରା ଆର୍ଥିକ ଦୁର୍ବଳ ଥିବା ୨୦ ଜଣ ମହିଳା ଉପକୃତ ହୋଇ ପାରିବେ ବୋଲି ଜନାପଡିଛି । ଏହି କ୍ୟାଫେରେ ଆମିଷ, ନିରାମିଷ ଓଡିଆ ଖାଦ୍ୟ ପ୍ରସ୍ତୁତ କରାଯାଇ ଯୋଗାଇ ଦିଆଯିବ ବୋଲି ଜଣାପଡିଛି ।

## ପାଚିକା ସହାୟିକା ସଂଘ ପକ୍ଷରୁ ସମାଜ ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲା ଅଙ୍ଗନୱାଡି ସହାୟିକା ସଂଗ ପକ୍ଷରୁ ସଭାପତି ବିନୟ କୁମାର ବୋଷଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସହାୟିକା ମାନଙ୍କ ସମସ୍ୟା ନେଇ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ମଙ୍ଗଳବାର ଏହି ଦାବିପତ୍ର ପ୍ରଦାନ ସମୟରେ ପଦ୍ମାବତୀ ପ୍ରଧାନ, ଆଶାଲତା ପରିଡା, ଗୀତାଞ୍ଜଳୀ ସ୍ୱାଇଁ, ଗୀତାଞ୍ଜଳୀ ପଣ୍ଡା, ସଙ୍ଗୀତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ ଦାବି ମୁତାବକ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ମାନଙ୍କୁ ତଥ୍ୟ ଦିଆନଯାଇ ସମସ୍ତ କାର୍ଯ୍ୟ କରାଯାଉ ଥିବାବେଳେ ସହାୟିକା ମାନଙ୍କୁ କେବଳ କାମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି । କୌଣସି ବିଷୟରେ ପ୍ରଶ୍ନ ପଚାରିବାର ବା ଜାଣିବାର ଅଧିକାର ଆମ ପାଇଁ ନାହିଁ । କଠିନ ପରିଶ୍ରମ ଓ ଅନାବଶ୍ୟକ ଭାବେ ଖଟାଉଥିବା ଅଭିଯୋଗ ରହିଛି ।

## ପ୍ରଫେସର ଡ. ଧ୍ରୁବରାଜ ନାଏକଙ୍କ ଉଦ୍ଦେଶ୍ୟରେ ଶୋକସଭା

ଝାରସୁଗୁଡା: ବିଶିଷ୍ଟ ଶିକ୍ଷାବିତ, ପରିବେଶବିତ ତଥା ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୂଳପତି ପ୍ରଫେସର ଡ: ଧ୍ରୁବରାଜ ନାଏକଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଭରଚୁଏଲ ମୋଡରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ, ବରଗଡ଼ ସାଂସଦ ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତିଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସାହିତ୍ୟିକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇ ଦିବଂଗତ ଆତ୍ମାର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଦାସ ସ୍ୱର୍ଗତ ଧ୍ରୁବରାଜ ନାଏକଙ୍କୁ ଜଣେ ସରଳ, ଭଦ୍ର ଓ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ବୋଲି କହିଥିଲେ । ଜଣେ ସଫଳ କୂଳପତି ଭାବରେ ସେ ତାଙ୍କ କାର୍ଯ୍ୟ ଦକ୍ଷତାର ପରିଚୟ ସୃଷ୍ଟି କରିବାରେ ଥିଲେ ବିରଳତମ ଓ ତାଙ୍କ ଆକସ୍ମିକ ବିୟୋଗ ସମଗ୍ର ଶିକ୍ଷା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ । ବରଗଡ଼ ସାଂସଦ ସୁରେଶ ପୂଜାରୀ, ଡ: ନାଏକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ, ସେ ବହୁ ସମ୍ମାନର ଅଧିକାରୀ ଥିଲେ ବୋଲି କହିଥିଲେ । ଜଙ୍ଗଲର ସଂରକ୍ଷଣ ଓ ପରିବେଶର ସୁରକ୍ଷା ପାଇଁ ସବୁବେଳେ ପୁରୋଭାଗରେ ରହି ଅନ୍ୟମାନଙ୍କ ପାଇଁ ସେ ପ୍ରେରଣାର ଉତ୍ସ ପାଲଟି ଥିଲେ ବୋଲି କହିଥିଲେ । ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ଭାବରେ ଡ:ନାଏକ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ ଓ ତାଙ୍କ ପ୍ରଚେଷ୍ଟାରେ ବିଶ୍ୱ ବିଦ୍ୟାଳୟର ବହୁ ବିକାଶ ହୋଇଥିଲା ବୋଲି କହିଥିଲେ । ଡ:ନାଏକ ଜଣେ ସଫଳ ପ୍ରଶାସକ ସହ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ବିଧାୟକ ଶ୍ରୀ ମହାନ୍ତି ଉଲ୍ଲେଖ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଲିଲି କୁମାରୀ କୁଲୁ, ଡି ଏଫ ଓ ଲଳିତ କୁମାର ପାତ୍ର, ସ୍ୱର୍ଗତ ଧ୍ରୁବରାଜ ନାଏକଙ୍କ ପୁଅ ଡାକ୍ତର ସୁଜିତ ନାଏକ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ: ଶିବପ୍ରିୟା ମିଶ୍ର, ମନ୍ଦାକିନୀ ଶତପଥି, ପ୍ରହଲ୍ଲାଦ ନାଏକ, ସନ୍ଦୀପ ଅବସ୍ଥି, ବାର ଆସୋସିଏସନ ସଭାପତି ତ୍ରିନାଥ ଗୁଆଲ, କିର୍ମିରା ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ପ୍ରଫେସର ଟହଲୁ ସାହୁ, ଦିନେଶ ଜୈନ, ଚେମ୍ବର ଅଫ କମର୍ସ ସଭାପତି ହୀରାଲାଲ ଲୋକଚନ୍ଦାନି, ଅଶୋକ ଗାନ୍ଧୀ, ରଘୁମଣି ପଟେଲ, ଗୌରୀଦାସ ପ୍ରଧାନ, ମେହବୁବ ମହତାବ ଓ ଜୀବନ ମହାନ୍ତି ପ୍ରମୁଖ ସ୍ୱର୍ଗତ ଧ୍ରୁବରାଜ ନାଏକଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରି ତାଙ୍କର ଗୁଣାବଳୀ ବର୍ଣନା କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ହରିଚନ୍ଦନପୁର ଠାରେ ଶୃଙ୍ଖଳା ଖାଦ୍ୟ ବଂଟନର ଶୁଭାରମ୍ଭ କଲେ ସ୍ଥାନୀୟ ବିଡ଼ିଓ

ହରିଚନ୍ଦନପୁର: କୋଭିଡ -୧୯ ସଂକ୍ରମଣକୁ ରୋକ ଦେବା ପାଇଁ ଲକଡାଉନ୍ ଏବଂ ସଟଡାଉନ୍ ଲାଗି ରହିଛି ଫଳରେ ଗରିବ, ଅସହାୟ, ଖଟିଖିଆମାନଙ୍କ ଜୀବନକୁ ଅତ୍ୟନ୍ତ ପ୍ରଭାବିତ କରିଛି । ଦୈନନ୍ଦିନ ଜୀବନରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି । ଯାହାକୁ ନେଇ ଆଜି କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ଏକଜୁଟ ପକ୍ଷରୁ ସାହାଯ୍ୟ ଓ ହରିଚନ୍ଦନପୁର ବ୍ଲକ ପ୍ରଶାସନର ସହଯୋଗ କ୍ରମେ ଲୋକଙ୍କ ସହାୟତା ପାଇଁ ଶୃଙ୍ଖଳା ଖାଦ୍ୟର ଭ୍ୟାନକୁ ପତାକା ଦେଖାଇ ହରିଚନ୍ଦନପୁର ବି.ଡି.ଓ ମଧୁସ୍ମିତା ସିଂ ବ୍ଲକ କାର୍ଯ୍ୟଳୟରେ ଉଦଘାଟନ କରିଥିଲେ । ସୂଚନା ଅନୁଯାୟୀ ମହାମାରୀ କରୋନାରେ ପ୍ରଭାବିତ ପରିବାରଙ୍କୁ ସାହାଯ୍ୟ କରିବାକୁ ଜିଲ୍ଲାର ଅଗ୍ରଣୀ ସ୍ୱଚ୍ଛାସେବି ଅନୁଷ୍ଠାନ ଏକଜୁଟ ସଂସ୍ଥାର ୩ଜଣ ସଦସ୍ୟ ୫ଦିନ ଧରି ପ୍ରତ୍ୟେକ ଗାଁକୁ ଯାଇ ଆଶା, ଅଙ୍ଗନବାଡି, ପଂଚାୟତ ନିର୍ବାଚିତ ପ୍ରତିନିଧି, ଯୁବ କ୍ଲବ ସଦସ୍ୟ ଏବଂ ପୁରୁଖା ଲୋକମାନଙ୍କ ସହାୟତାରେ ଚୟନ କରାଯାଇଥିଲା । ଏହି ବଂଟନ ପ୍ରକ୍ରିୟାରେ ମୁଖ୍ୟତଃ ଆଦିମ ଆଦିବାସୀ ଜୁଆଙ୍ଗ ମାନଙ୍କୁ ପ୍ରାଥମିକତା ଦିଆଯିବା ସହିତ, ଅନ୍ୟ ଆଦିବାସୀ ସମ୍ପ୍ରଦାୟମାନଙ୍କ ଅସହାୟତାକୁ ନଜରରେ ରଖାଯାଇଥିଲା । କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକର ଆଦିବାସୀ ବହୁଳତାକୁ ନଜରରେ ରଖି ସୁନାପେଣ୍ଠ, ବରେଇଗୁଡା, ପିଟାପିଟି, ରସୋଳ, ଟାଙ୍ଗିରିଆପାଳ ଏବଂ ଦୈତାରୀ ଗ୍ରାମ ପଂଚାୟତର, କୁସୁମଯୋଡି, ନର୍ଦ୍ଦାଙ୍ଗିପେଣ୍ଠ, କାଞ୍ଜିଆପାଳ, ରେବଣାଖ, କୁଆଝରଣ, ତାଳପଦା, ଦୈତାରୀ, ବଳିପର୍ବତ, ପଙ୍ଗାନାଳ, ପାଙ୍ଗାରୁଗୁଡି, ପଂଚମ ରିଜର୍ଭ, ପଂଚମ ମିନି, ବ୍ରାହ୍ମଣୀପାଳ, ତେନ୍ତୁଳିପାଳ, ତୁରୁଙ୍ଗୀ ଗାଁକୁ ମିଶାଇ ୧୫ଗୋଟି ଗାଁର ୪୦୧ ଅସହାୟ ପରିବାରଙ୍କୁ ଶୃଙ୍ଖଳା ଖାଦ୍ୟ ବଂଟନ କରାଯିବାର ଯୋଜନା ରହିଛି । ଆଜି ପ୍ରଥମ ପର୍ଯ୍ୟାୟରେ ରେବେଣାଖ, କୁସୁମୁଯୋଡ଼ି, ନର୍ଦ୍ଦାଙ୍ଗିପେଣ୍ଠ, କଞ୍ଜିଆପାଳ ଆଦି ଗ୍ରାମର ବିକଳାଙ୍ଗ, ବିଧବା, ଅସହାୟ, ରୋଗାକ୍ରାନ୍ତ, ଅନାଥ, ଗର୍ଭବତୀ ମହିଳା, ନବଜାତ ଏବଂ ବାସହୀନ ପରିବାରଙ୍କୁ ଚାଉଳ, ଡାଲି, ତେଲ, ଆଳୁ, ସୋୟାବଡି, ଚୁଡ଼ା, ପିଆଜ, ଲୁଣ, ଗୁଡ଼, ଦିଆସିଲ, ମସଲା ଆଦି ଶୃଙ୍ଖଳା ରାସନ ସାମଗ୍ରୀ ବଂଟନ କରିବା ସହିତ ପରିବାର ସଦସ୍ୟଙ୍କୁ ମାସ୍କ ବଂଟନ କରିଥିଲେ । ଉଦଘାଟନ ସମୟରେ ବିଡ଼ିଓ ମଧୁସ୍ମିତା ସିଂ, ଏବିଡିଓ ବିପ୍ରଚରଣ ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଏବଂ ଏକଜୁଟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ପ୍ରବାସ କୁମାର ସାହୁ, ସଂଜୀବ ଘୋଷ, ଚତୁର୍ଭୁଜ ମହାନ୍ତ, ଏବଂ ଆଦିତ୍ୟ କୁମାର ଜେନା, ପବିତ୍ର ମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ନୂତନ ବନ୍ୟା ନିରୀକ୍ଷଣ କକ୍ଷ ଏବଂ ଅତିଥି ବିଶ୍ରାମଗାରର ଶୁଭ ଉଦ୍‌ଘାଟନ

ଭଦ୍ରକ : ବହୁ ପ୍ରତୀକ୍ଷିତ ଏବଂ ପୂର୍ବ ପ୍ରସ୍ତାବିତ ଭଦ୍ରକର ଗାନ୍ଧିଘାଟସ୍ଥ ଧୁଷୁରୀ ଜଳସେଚନ କାର୍ଯ୍ୟାଳୟ ଠାରେ ନୂତନ ବନ୍ୟା ନିରୀକ୍ଷଣ କକ୍ଷ ଓ ଅତିଥି ବିଶ୍ରାମଗାର ଭଦ୍ରକର ସାଂସଦ ମଂଜୁଲତା ମଣ୍ଡଳଙ୍କ କର କମଳରେ କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ଜ୍ୟୋତିର୍ମୟ ରଥ, ମୁଖ୍ୟଯନ୍ତ୍ରୀ ଇଂ ଭକ୍ତଚରଣ ମହାନ୍ତି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗରର ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ ଓ ଯାଜପୁର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଧନେଶ୍ୱର ସାମଲ ଯୋଗ ଦେଇଥିଲେ । ପ୍ରକାଶ ଥାଉକି ଧାମନଗର ପୂର୍ବତନ ବିଧାୟକ ଶ୍ରୀ ମଣ୍ଡଳ ୨୦୧୬ ରେ ଧାମନଗରର ବନ୍ୟା ବିଭୀଷିକାକୁ ହୃଦବୋଧ କରି ବନ୍ୟା ନିୟନ୍ତ୍ରଣ ନିମନ୍ତେ କୋଚିଳା ବ୍ୟାରେଜ ଭଳି ଅନେକ ଗୁଡିଏ ପ୍ରସ୍ତାବ ଦେଇଥିଲେ । ସେଥିମଧ୍ୟରୁ ତା ୦୯.୦୨.୧୬ ରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବୈତରଣୀର ବାମପାର୍ଶ୍ୱ ବନ୍ଧର ସୁଦୃଢ଼ିକରଣ ସହ ଅନେକ ମୁଖ୍ୟ ପ୍ରକଳ୍ପ ଗୁଡିକର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଥିଲା । ଗାନ୍ଧିଘାଟ ଠାରେ ଗାନ୍ଧି ମନ୍ଦିର ଉଦ୍‌ଘାଟନୀ ଅବସରରେ ଓଡ଼ିଶାର ମାନ୍ୟବର ବାଚସ୍ପତି ଏବଂ ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା ତା ୧୮.୦୩.୧୮ ରିଖ ଦିନ ଏହି ବନ୍ୟା ନିରୀକ୍ଷଣ କକ୍ଷ ଓ ଅତିଥି ବିଶ୍ରାମଗାରର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଆଜି ତାହା ଉଦ୍‌ଘାଟିତ ହେଲା । ଏହା ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଆଗାମୀ ଦିନରେ ମଧ୍ୟ ବହୁ ପ୍ରତୀକ୍ଷିତ ବହୁମୁଖୀ କୋଚିଳା ବ୍ୟାରେଜ ଖୁବ ଶୀଘ୍ର ପ୍ରତିଷ୍ଠା ହେବ ବୋଲି ସାଂସଦ ଓ ସର୍ବୋଚ୍ଚ ଯନ୍ତ୍ରୀ ପ୍ରକାଶ କରିଥିଲେ । ଏହି ବ୍ୟାରେଜ ପ୍ରତିଷ୍ଠା ଫଳରେ ଧାମନଗର ଓ ଭଦ୍ରକର ଅନେକ ଅଂଚଳରେ ଜଳସେଚିତ ହୋଇପାରିବ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ଲେଙ୍କା, ପ୍ରଦୀପ ମଲ୍ଲିକ, ହରେକୃଷ୍ଣ ପାଢୀ, ସୁଶାନ୍ତ କୁମାର ନାୟକ, ସାଂସଦଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ଉମେଶ ମହାନ୍ତି, ସୁରଥୀ ନାୟକ, ଭାରତ ବିଜୟ ଦଳେଇ, ଅଶ୍ୱିନୀ ସାମଲ, ପ୍ରଦୀପ ମହାପାତ୍ର, ରଘୁନାଥ ପଣ୍ଡା, ପ୍ରଦୀପ କୁମାର ପଣ୍ଡା, କନିଷ୍ଠ ଯନ୍ତ୍ରୀ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ଚାଷୀର ସମସ୍ୟା ନେଇ କଂଗ୍ରେସ ର ରାସ୍ତା ରୋକ

ଜୟପୁର: ଧାନର ଅଭାବି ବିକ୍ରି ଏବଂ ରବି ମଣ୍ଡିରେ ବ୍ୟାପକ ଅନିୟମିତତା ହେଉଥିବା ପ୍ରତିବାଦରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ର ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଙ୍କ ଆହ୍ୱାନରେ ଧାନର ଅଭାବି ବିକ୍ରି ରଖିବା ଏବଂ ଖୁବ୍ ଶୀଘ୍ର ରବି ମଣ୍ଡିରୁ ଧାନ ଉଠେଇବା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ନିମନ୍ତେ ମଙ୍ଗଳବାର ସକାଳ ଘ.୮.୦୦ ରୁ ପୂର୍ବାହ୍ନ ଘ.୧୨.୦୦ ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲା ଜାତୀୟ ରଜପଥ ୨୬ ର ଜୟପୁର ଅର ଏମ ସି ଅଫିସ ନିକଟରେ, ବୋରିଗୁମ୍ମା, କୋରାପୁଟ ଏବଂ ସେମିଳିଗୁଡା ଠାରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ନେତୃତ୍ୱରେ ୪ଟି ସ୍ଥାନରେ ୪ ଘଂଟା ଜାତୀୟ ରାଜପଥ ବନ୍ଦ କରାଯାଇଛି । କଂଗ୍ରେସ ତରଫରୁ ୫ ଦଫା ଦାବି କରାଯାଇଛି ଉକ୍ତ ଦାବି ଗୁଡିକ ହେଲା ରବି ମଣ୍ଡି ରେ ଧାନ ବିକ୍ରି ପାଇଁ ପଞ୍ଜିକୃତ କରିଥିବା ସମସ୍ତ ଚାଷୀଙ୍କ ଧାନ କିଣିବା, ଟୋକେନ ଲ୍ୟାପସ ହୋଇଥିବା ସମସ୍ତ ଚାଷୀ ଙ୍କ ଧାନ ତୁରନ୍ତ କିଣିବ. ରାଜ୍ୟ ସରକାର ଧାନର ଦର କ୍ୱିଂଟାଲ ପିଛା ୫ ଶହ ଟଙ୍କା ବୋନସ ଦେବା ଆଦି ଦାବି ରହିଛି । ରାସ୍ତା ଅବରୋଧ ଯୋଗୁ ଉଭୟ ପଟେ ଶହ ଶହ ଗାଡି ଅଟକି ଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ସଦର ପୋଲିସ ମୁତୟନ ହୋଇଛନ୍ତି । କଂଗ୍ରେସ ତରଫରୁ ରାଜ୍ୟପାଳଙ୍କ ଉଦେଶ୍ୟରେ ଉପ ଜିଲ୍ଲାପାଳଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯିବ । ରବି ଯାଇ ଖରିଫ ଆସିଲାଣି । ତଥାପି କୋରାପୁଟ ଜିଲ୍ଲାରେ ଏବେବି ଥମିନି ରବି ମଣ୍ଡି ର ତାତି । ରବି ଋତୁରେ ଅନେକ ଚାଷୀ ନିଜର ଟୋକେନ୍ ଲାପ୍ସ କାରଣ ରୁ ଏଯାବତ ଧାନ ବିକ୍ରୀ କରିପାରୁ ନାହାନ୍ତି । ଫଳରେ ଶହ ଶହ ବସ୍ତା ଧାନ ମଣ୍ଡି ରେ ପଡିରହିଛି । ଚାଷୀ ଙ୍କ ସମସ୍ୟା କୁ ଅସ୍ତ୍ର କରି ସରକାର ଙ୍କୁ ଘେରିବା ପାଇଁ କଂଗ୍ରେସ ପକ୍ଷରୁ ଯୋଜନା କରାଯାଇଛି । ଆଜି କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲା ବ୍ୟାପି ଚାରି ଘଂଟିଆ ବନ୍ଦ ପାଳନ କରାରିଛି । ଏହି କ୍ରମରେ ବୋରିଗୁମ୍ମା ବ୍ଲକ କଂଗ୍ରସ ସଭାପତି ଅଶୋକ କୁମାର ଗନ୍ତାୟତଙ୍କ ନେତୃତ୍ୱରେ ବୋରିଗୁମ୍ମାର ମୁଖ୍ୟ ଛକରେ ଏହି ବନ୍ଦ ପାଳନ କରାଯାଇଛି । ସକାଳ ୮ଘଂଟା ଠାରୁ ଦିନ ୧୨ଟା ପର୍ଯ୍ୟନ୍ତ କଂଗ୍ରେସ କର୍ମୀ ମାନେ ୨୬ ଓ ୬୩ ନମ୍ବର ଜାତୀୟ ରାଜପଥ କୁ ଅବରୋଧ କରି ଧାରଣା ଦେଇଥିଲେ । ରାସ୍ତା ଅବରୋଧ କାରଣ ରୁ ଗାଡି ଚଳାଚଳ ବନ୍ଦ ରହିଥିଲା ଏବଂ ଅନେକ ଗାଡି ରାସ୍ତା ରେ ଅଟକି ରହିଥିଲା । କେବଳ ଆମ୍ବୁଲାନ୍ସ ହିଁ ଚଳାଚଳ ହୋଇଥିଲା । ଅନ୍ୟ ପଟେ ଦୋକାନ ବଜାର ଖୋଲା ରହିଥିଲା । ଶାନ୍ତ ଶୃଙ୍ଖଳା ଦୃଷ୍ଟି କୋଣରୁ ବୋରିଗୁମ୍ମା ପୋଲିସ ମୃତୟନ ରହିଥିଲେ । ଧାରଣା ସ୍ଥଳରେ କଂଗ୍ରେସ ତରଫରୁ ବୋରିଗୁମ୍ମା ତହସିଲଦାର ସୁବାସ ଚନ୍ଦ୍ର ରାଇତାଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବି ପତ୍ରରେ ଚାଷୀଙ୍କ ସମସ୍ତ ଧାନ ତୁରନ୍ତ କିଣାଯାଉ, ଚାଷୀ ଙ୍କୁ କିଲେ ପିଛା ୫୦୦ଟଙ୍କାର ବୋନସ ପ୍ରଦାନ କରାଯାଉ ଏବଂ ଚାଷୀ ଙ୍କ ଟୋକେନ୍ ସମୟ ସୀମାକୁ ବୃଦ୍ଧି କରାଯାଉ । ଏହି ଦାବି କାର୍ଯ୍ୟକାରୀ ନହେଲେ ଆଗକୁ ପୁଣି ଆନ୍ଦୋଳନକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛି କଂଗ୍ରେସ । ଧାରଣରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ପାଢ଼ୀ, ସରପଂଚ ଚନ୍ଦ୍ରିକା ଜାନୀ, ଭାନୁ ଦୋରା, ସୁଧାକର ରାଓ, ନିରଞ୍ଜନ ପ୍ରଧାନ, କୈଳାସ ରଥ, ସୁରେଶ ରାଉତ, ତପନ ଦାଶ, ନିହାର ବିଶୋଇ, ବିନୋଦ ମହାପାତ୍ର, ନାରୀ ମହାନ୍ତି, ବସନ୍ତ ନାୟକ, ସୁକାନ୍ତ ପଟ୍ଟନାୟକ, ଭବନି ରଥଙ୍କ ସମେତ ବ୍ଲକର ଅନେକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥ ନିର୍ମାଣ କାର୍ଯ୍ୟ ଜାରୀ ରଖିବାକୁ ଜିଲ୍ଲାପାଳଙ୍କୁ ସେବାୟତଙ୍କ ଦାବିପତ୍ର

ବାରିପଦା : ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥ ନିର୍ମାଣ ଜାରୀ ରଖିବା ନିମନ୍ତେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ସେବାୟତ ଓ ରଥ ନିର୍ମାଣରେ ନିୟୋଜିତ ରଥ ମହାପାତ୍ରଙ୍କ ସହିତ ମହାରଣା ମାନେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଏ ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ଗତ ମଇ ୩ ରେ ବାରିପଦା ଉପଜିଲ୍ଲାପାଳ ତଥା ଦେବୋତର ନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ରଥ ନିର୍ମାଣ ନିମନ୍ତେ ପତ୍ର ସଂଖ୍ୟା ୨୨୭ ଅନୁସାରେ ଏକ ନିର୍ଦ୍ଦେଶନାମା ବା ଆଦେଶନାମା ଜାରୀ କରାଯାଇଥିଲା । ମାତ୍ର ଓଡ଼ିଶା ସ୍ୱତନ୍ତ୍ର ରିଲିଫ୍ ଆୟୋଗଙ୍କ ପକ୍ଷରୁ ପୁରୀ ବ୍ୟତୀତ ଅନ୍ୟ ସମସ୍ତ ଅଂଚଳରେ ରଥଟଣା ବନ୍ଦ କରାଯିବା ନେଇ ନିଷ୍ପତି ପରେ ବାରିପଦା ଉପଜିଲ୍ଲାପାଳ ତଥା ଦେବୋତର ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି ରଥ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ ରଥ ମହାପାତ୍ରଙ୍କୁ ମୌଖିକ ନିର୍ଦ୍ଦେଶ ଦେଇଥିଲେ । ବର୍ତମାନ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଟଣାକୁ ଅନୁମତି ଦେବା ନେଇ ଭଞ୍ଜ ସେନା ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟରେ ଆଜି ଏକ ପିଟିସନ୍ ଦାୟର୍ କରାଯାଇଥିବା ସମୟରେ ଉଚ୍ଚ ନ୍ୟାୟାଳୟରେ ମଧ୍ୟ ମାମଲା ଶୁଣାଣି ପାଇଁ ପଡି ରହିଛି । ଏହି ସମୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଟଣା ଅନିଶ୍ଚିତତା ମଧ୍ୟରେ ରହିଥିବା ବେଳେ ରଥ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର ଦେବୋତର ନିର୍ବାହୀ ଅଧିକାରୀ ବାରିପଦା ଉପଜିଲ୍ଲାପାଳଙ୍କୁ ଗତ ୨୦ ତାରିଖରେ ଭେଟି ଲିଖିତ ନିର୍ଦ୍ଦେଶନାମା ଦେବାକୁ ଦାବି କରିଥିଲେ । କିନ୍ତୁ, ନିର୍ବାହୀ ଅଧିକାରୀ ଗତ ମଙ୍ଗଳବାର ଏହି ଲିଖିତ ନିର୍ଦ୍ଦେଶନାମା ଦେବେ ବୋଲି କହିଥିଲେ । ଏହା ମଧ୍ୟରେ ୮ ଦିନ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଏନେଇ ଲିଖିତ ନିର୍ଦ୍ଦେଶନାମା ମିଳିପାରିନାହିଁ ବୋଲି ରଥ ମହାପାତ୍ର ପ୍ରକାଶ କରିଛନ୍ତି । ସେହିପରି ଓଡ଼ିଶା ମନ୍ଦିର ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ ନିଜ ପ୍ରତିକ୍ରିୟାରେ ଓଡ଼ିଶା ସ୍ୱତନ୍ତ୍ର ରିଲିଫ୍ ଆୟୋଗ ରଥଟଣା ବନ୍ଦ ରଖିବାକୁ ନିଷ୍ପତି ନେଇଥିବା ବେଳେ ରଥ ନିର୍ମାଣକୁ ନୁହେଁ । ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଏକ ନୀତିକାନ୍ତି ହୋଇଥିବା ବେଳେ ରଥ ନିର୍ମାଣ ମଧ୍ୟ ଏକ ନୀତିକାନ୍ତି ପରିସରଭୁକ୍ତ । ରଥ ଟଣା ଓ ରଥ ନିର୍ମାଣ ଉଭୟ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ । ଗତ ବର୍ଷ ରଥଟଣାକୁ ବନ୍ଦ ରଖାଯାଇ ମନ୍ଦିର ବେଢ଼ା ମଧ୍ୟରେ ଦେବୋତର ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାର ନୀତିକାନ୍ତି ପାଳନ କରାଯାଇଥିଲା । ଯାହାକି ଜଗନ୍ନାଥ ସଂସ୍କୃତିର ବିରୋଧାଚରଣ । ଫଳରେ ପୁରୀ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ମନ୍ଦିର ବେଢ଼ା ଭିତରେ ମହାପ୍ରଭୁଙ୍କ ନୀତିକାନ୍ତିରେ ସମ୍ପନ୍ନରେ ଜଡ଼ିତ ରହିଥିବା ସମସ୍ତ ସେବାୟତ ମାନଙ୍କୁ ପ୍ରାୟଶ୍ଚିତ କରିବାକୁ ପଡିଥିଲା । ଏଣୁ, ଚଳିତ ବର୍ଷ ରଥ ନିର୍ମାଣ କାର୍ଯ୍ୟ ବନ୍ଦ କରାନଯିବା ପାଇଁ ରାଜ୍ୟ ସରକାର କୌଣସି ନିର୍ଦ୍ଦେଶ ଦେଇନଥିବା ବେଳେ ବାରିପଦା ଦେବୋତର ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ରଥ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ନିଷ୍ପତି ଏକ ଚକ୍ରାନ୍ତ । ଏହାର ଉଚ୍ଚସ୍ତରିୟ ଓ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ସେବାୟତ ସଂଘ ସଭାପତି ଶ୍ରୀ ତ୍ରିପାଠୀ ।

## ଆସାମାଜିକତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟିଛି ସନ୍ଥିଆର ଐତିହ୍ୟ ହୁରିପଦା ଘାଟ

ଭଦ୍ରକ:ବହୁ ପୁରାତନ ଐତିହ୍ୟର ସାକ୍ଷୀ ଭଦ୍ରକ ସନ୍ଥିଆର ସାଳନ୍ଦୀ ତଟସ୍ଥ ହୁରିପଦା ଘାଟ ଏବେ ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ । ସଂଜ ନଇଲେ ମଦ, ଗଂଜେଇ ଓ ବ୍ରାଉନସୁଗାର ଗନ୍ଧରେ ଲୋକେ ଅତିଷ୍ଠ । ଏବେ ଏହି ପଡିଆର କିଛି ଅଂଶ ଅସାମାଜିକ ତତ୍ତ୍ୱଙ୍କ ଚରାଭୂଇଁ ପାଲଟିଛି । ଏହି ପଡିଆକୁ କେତେକ ବ୍ୟକ୍ତି ନିଶା କାରବାରର ବ୍ୟବସାୟିକ ପେଣ୍ଠ ଭାବେ ବ୍ୟବହାର କରୁଥିବାବେଳେ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଏହା ଏବେ ଏକ ଅଘୋଷିତ ଡେଂଜର ଜୋନ୍‌ରେ ପରିଣତ ହେଲାଣି । ଭଦ୍ରକ ପୌରା ଳର ୧୪ନଂ ୱାର୍ଡ ଅଧୀନସ୍ଥ ସନ୍ଥିଆ ଗ୍ରାମର ଏହି ଘାଟ ବହୁ ପୁରୁଣା ସ୍ମୃତିକୁ ଧରି ରଖିଛି । କୁଳୁ କୁଳୁ ନାଦରେ ବହିଯାଉଥିବା ସାଳନ୍ଦୀ ନଦୀକୂଳର ଏହି ଗାଁ କେଉଁ ଯୁଗରୁ କେଜାଣି ଭାଇଚାରାର ଦିଗଦର୍ଶନର ପ୍ରତୀକ ସାଜିଆସିଛି । ଏହି ଗାଁରେ ୧୫ ରୁ ଉର୍ଦ୍ଧ୍ୱ ମନ୍ଦିର ସ୍ଥାପନ ହୋଇଥିବାବେଳେ ଏଠାରେ ବାରମାସରେ ତେର ପର୍ବ ଅନୁଷ୍ଠିତ ହୁଏ । ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ବସବାସ କରୁଥିବା ଏହି ଗାଁର ଲୋକମାନେ ବିପଦରେ ପଡିଲେ ସମସ୍ତେ ଭାଇଚାରାର ରଜ୍ଜୁରେ ବାନ୍ଧିହୋଇ ଯେଉଁଭଳି ଏକତାର ମନ୍ତ୍ର ପଢନ୍ତି, ତାହା ଅନ୍ୟତ୍ର ନିଆରା । ଉଭୟ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟର ଲୋକେ ଏଠାରେ ହାତ ଧରାଧରି ହୋଇ ବଂଚି ଆସିଛନ୍ତି । ଅତୀତରେ ଶ୍ରୀ ଚୈତନ୍ୟ ମହାପ୍ରଭୁ ବର୍ଦ୍ଧମାନରୁ ପୁରୀକୁ ଚାଲି ଚାଲି ଯାଉଥିବା ସମୟରେ ଏହି ଗ୍ରାମରେ ପାଂଚ ଦିନ ଧରି ଅବସ୍ଥାନ କରିଥିଲେ । ଏହା ପ୍ରାୟ ୧୫୧୦ ରୁ ୧୫୧୪ ମସିହା କଥା । ପ୍ରଭୁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସନ୍ଥିଆରେ ରହଣିକାଳ ସଂପର୍କରେ କବିଶେଖର ଚିନ୍ତାମଣିଙ୍କ ପୁସ୍ତକ ସାଳନ୍ଦୀ, ଚୈତନ୍ୟ ଚରିତା ମୃତ, ଉପେନ୍ଦ୍ର ମହାନ୍ତିଙ୍କ ରଚିତ ଗୌଡିୟ ଅଭିଧାନ, ବୈଷ୍ଣବ ତୀର୍ଥ ଭଳି ଅନେକ ପୁସ୍ତକରେ ସ୍ଥାନିତ ହୋଇଛି । ସନ୍ଥିଆ ଗ୍ରାମରେ ରାଧା ମଦନ ମୋହନ ମନ୍ଦିର, ଗୋବିନ୍ଦ ଜୀଉ ମନ୍ଦିର, ରାଜ ରାଜେଶ୍ୱରୀ ମନ୍ଦିର, ଶ୍ୟାମସୁନ୍ଦରଜୀଉ ମନ୍ଦିର, ଗୌଡିୟ ମଠ, ବିପ୍ରେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ମା' ସାମରାଇ ମନ୍ଦିର ଓ ମା' ଦୁର୍ଗାଙ୍କର ଦୁଇଟି ମନ୍ଦିର ଅତୀତ ଇତିହାସର ସାକ୍ଷୀ ହୋଇ ରହିଛି । ଯାହାକୁ ନେଇ ମନ୍ଦିର ମାଳିନୀ ସନ୍ଥିଆ ବୋଲି ମଧ୍ୟ କୁହାଯାଇଥାଏ । ପ୍ରଭୁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅବସ୍ଥାନ ସମୟରେ ଯେଉଁ ଘାଟରେ ସ୍ନାନ କରିଥିଲେ, ସେହି ଘାଟକୁ ଗୌର ମର୍ଦ୍ଦନିଆ ଘାଟ ବା ହୁରି ଘାଟ ବୋଲି ନାମିତ ହୋଇଛି । ଅତୀତର ସ୍ମୃତି ବହନ କରୁଥିବା ଏହି ଘାଟ ଆଜି ଅସାମାଜିକ ବ୍ୟକ୍ତିଙ୍କ କବଜାରେ । ପ୍ରତିଦିନ ସଂଜ ପରେ ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏଠାରେ ମଦ, ଗଂଜେଇ, ଜୁଆ ଭଳି ଜଘନ୍ୟ କାର୍ଯ୍ୟର ଆସର ଜମିଥାଏ । ଏହି ପଡିଆରେ ୩ ବର୍ଷ ପୂର୍ବେ ଅମୃତ ଯୋଜନାରେ ନିର୍ମାଣ ହୋଇଛି ଏକ ପାଣିଟାଙ୍କି । ଲୋକଙ୍କ ଘରକୁ ମଧ୍ୟ ସଂଯୋଗ ହୋଇଛି । କିନ୍ତୁ ଆଜିପର୍ଯ୍ୟନ୍ତ ପାଣି ଆସିବାର ନାଁ ଗନ୍ଧ ନାହିଁ । ଫଳରେ ଏହି ନିର୍ଜନ ପାଣିଟାଙ୍କି ପରିସର ଏବେ ବ୍ରାଉନସୁଗାରର ପେଣ୍ଠସ୍ଥଳୀ ହୋଇଛି । ୧୮ ରୁ ୩୦ ବର୍ଷୀୟ ଯୁବପିଢିଙ୍କ ଭୂସ୍ୱର୍ଗ ପାଲଟିଛି ଏହି ପାଣିଟାଙ୍କି ପରିସର । ଗାଁର ମୁରବୀ କିମ୍ବା ଜ୍ଞାନୀ ଗୁଣିମାନେ ନିଜକୁ ଏହି ଘଟଣାରୁ ଦୂରେଇ ରଖିବା ପାଇଁ ଗାଁର ଅନ୍ୟ ଗଳି ରାସ୍ତା ଦେଇ ଯିବାକୁ ବାଧ ହୋଇଥାନ୍ତି । ମହିଳାମାନେ ମଧ୍ୟ ବହୁ ଅସାମାଜିକ ତତ୍ତ୍ୱର ଶୀକାର ହେବା ନେଇ ଭୟାତୁର ଅବସ୍ଥାରେ ସ୍ନାନ କାର୍ଯ୍ୟ ନିମନ୍ତେ ସେଠାକୁ ଯାଇପାରନ୍ତି ନାହିଁ । ସର୍ବୋପରି ଅସାମାଜିକ ଆଡ୍ଡାସ୍ଥଳୀ ପାଲଟିଥିବା ସନ୍ଥିଆର ଏହି ହୁରିପଦା ଘାଟକୁ ନେଇ ସଭିଙ୍କ ମନରେ ବହୁ ଅସନ୍ତୋଷ ରହିଥିଲେ ମଧ୍ୟ ଏହାର ସମାଧାନ ଦିଗରେ ପ୍ରଶାସନ ଆଗେଇ ଆସିବାକୁ ଦାବି ହୋଇଛି ।

## ଖରିଫ ଫସଲ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା: କୃଷି ଭିତିକ ଜିଲ୍ଲା କେନ୍ଦ୍ରାପଡାରେ ଚଳିତ ବର୍ଷ ଖରିଫ ଫସଲ ୨୦୨୧ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖରିଫ ଫସଲ ଚାଷ ସମ୍ବନ୍ଧୀୟ ଯୋଜନା ଓ ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇ ଥିଲା । ଖରିଫ ଫସଲ ପାଇଁ ଜିଲ୍ଲାର ୧ ଲକ୍ଷ ୫୨ ହଜାର ହେକ୍ଟର ଜମିରେ ଚାଷ କରାଯିବା ସମ୍ବନ୍ଧରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିରୁ ୧ ଲକ୍ଷ ୨୪ ହଜାର ୬ ଶହ ହେକ୍ଟର ଜମିରେ ଖରିଫ ଧାନ ଓ ୨୭ ହଜାର ୪ ଶହ ହେକ୍ଟର ଜମିରେ ଅନ୍ୟ ଫସଲ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ଚାଷୀ ମାନଙ୍କୁ ଖରିଫ ଋଣ, ସାର, ବିହନ ଓ କୀଟନାଶକ ଔଷଧ ପ୍ୟାକ୍ସ ମାଧ୍ୟମରେ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଜିଲ୍ଲାରେ ଥିବା ୮୨ ଟି ପ୍ୟାକ୍ସ ଓ ୧୫ ଜଣ ଘରୋଇ ଡିଲରଙ୍କୁ ଅନୁମତି ପ୍ରଦାନ କରାଯାଇଛି । ଗତବର୍ଷ ୪ ହଜାର ୬ ଶହ ୯୩ କ୍ୱିଣ୍ଟାଲ ଖରିଫ ଧାନ ବିହନ ଯୋଗାଇ ଦିଆଯାଇ ଥିବାବେଳେ ଚଳିତ ବର୍ଷ ବର୍ତମାନ ସୁଦ୍ଧା ୪ ହଜାର ୫ ଶହ ୪୩ କ୍ୱିଣ୍ଟାଲ ଖରିଫ ଧାନ ବିହନ ପ୍ୟାକ୍ସ ଓ ଲାଇସେନ୍ସ ପ୍ରାପ୍ତ ଡିଲରଙ୍କ ମାଧ୍ୟମରେ ଯୋଗାଇ ଦିଆଯାଇଛି । ଚଳିତ ଖରିଫ ଋତୁରେ ୮ଶହ ହେକ୍ଟର ଜମିରେ ଡେମୋନଷ୍ଟ୍ରେସନ କରାଯାଇ ଚାଷୀ ମାନଙ୍କୁ ସଚେତନ କରାଯିବ । ସେହିଭଳି ଝୋଟଭଳି ବାଣିଜ୍ୟିକ ଫସଲ ୧୫୦ ହେକ୍ଟର ଜମି ଉପରେ ଡେମୋନଷ୍ଟ୍ରେସନ ପୋଗ୍ରାମ୍ କରାଯିବ । ଜିଲ୍ଲାର ମୋଟ୍ ଜିଲ୍ଲାର ମୋଟ୍ ୧ ଲକ୍ଷ ୫୨ ହଜାର ହେକ୍ଟର କୃଷି ଭିତିକ ଜମି ମଧ୍ୟରୁ ୧ ଲକ୍ଷ ୨୪ ହଜାର ୬ ଶହ ହେକ୍ଟର ଜମିରେ ଧାନ ଚାଷ କରାଯାଉ ଥିବାବେଳେ ୩୬ ହଜାର ୪ ଶହ ହେକ୍ଟର ଜମିରେ ଅନ୍ୟ ଫସଲ କରାଯାଇ ଜିଲ୍ଲାର କୃଷି ବ୍ୟବସ୍ଥାକୁ ସୁସଂଗଠିତ କରାଯାଇ ପାରିବ ବୋଲି ଆଲୋଚନା ହୋଇଥିଲା । ଜିଲ୍ଲାରେ ମୋଟ୍ ୩୦ ହଜାର ୮୪୧ ଜଣ କ୍ଷୁଦ୍ରଚାଷୀ, ୧ ଲକ୍ଷ ୨୦ ହଜାର ୩୦୯ ନାମମାତ୍ର ଚାଷୀ, ୧୦ ହଜାର ୯୭୮ ମଧ୍ୟମ ଧରଣର ଚାଷୀ ଓ ୧୨ ଜଣ ବଡ ଚାଷୀ ମାନଙ୍କ ସମେତ ୧ ଲକ୍ଷ ୪୩ ହଜାର ୮୬୪ ଜଣ କୃଷି ଶ୍ରମିକ ଉପକୃତ ହେବେ । ଆଜିର ଏହି ବୈଠକରେ ଉପ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ଅଶୋକ କୁମାର ମହା ସୁଆର ମୁଖ୍ୟ କୃଷି ଅଧିକାରୀ, ନାବାର୍ଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ କନ୍ଦ ଜେନା, ଏଲଡିଏମ୍ ଏମ୍.କେ ମିତ୍ର, ପ୍ରଫୁଲ୍ଲ କୁମାର ମହାରଣା, ଗଣେଶ ଦାସ ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଗ୍ରାମ୍ୟ ଜଙ୍ଗଲରେ ଘର ନିର୍ମାଣକୁ ନେଇ ସ୍ଥାନୀୟ ଲୋକଙ୍କ ବିରୋଧ, ପ୍ରଶାସନ ନୀରବଦ୍ରଷ୍ଟା

ଭଦ୍ରକ: କରଞ୍ଜମାଳ ଠାରେ ଗ୍ରାମ୍ୟ ଜଙ୍ଗଲରେ ଏକ ଘର ନିର୍ମାଣକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାପାଳ,ଭଦ୍ରକ ଡିଏଫଓ ଏବଂ କେନ୍ଦ୍ରାଂଚଳ ରାଜସ୍ୱ କମିଶନରଙ୍କ ଠାରେ ଲିଖିତ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଧାମରା ନିକଟସ୍ଥ କରଞ୍ଜମାଳ ଠାରେ ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଆଗରେ ଏକ ସ୍ଥାନୀୟ ବାସିନ୍ଦା ନିଜର ବ୍ୟବସାୟ ଚଳାଇବାକୁ ଏକ ଘର ନିର୍ମାଣ କରୁଅଛି । ଏହି ଘର ନିର୍ମାଣକୁ ନେଇ ସ୍ଥାନୀୟ ବାସିନ୍ଦା କରଞ୍ଜମାଳ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ ଆଣିଥିଲେ ମାତ୍ର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସଂପୃକ୍ତ ରାଜସ୍ୱ ନିରୀକ୍ଷକ କୌଣସି ଆଖିଦୃଶିଆ ପଦକ୍ଷେପ ନେବା ବଦଳରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଘର ନିର୍ମାଣ କରିବାକୁ ସହଯୋଗ କରୁଥିବା ଅଭିଯୋଗ ହୋଇଛି । ଏ ନେଇ ସ୍ଥାନୀୟ ବାସିନ୍ଦା ଚାନ୍ଦବାଲି ତହସିଲଦାର ଙ୍କ ପାଖରେ ଅଭିଯୋଗ ଆଣିଥିଲେ ମାତ୍ର ଇତି ମଧ୍ୟରେ ଗୋଟିଏ ସପ୍ତାହ ବିତିଯାଇଥିଲେ ମଧ୍ୟ ଚାନ୍ଦବାଲି ତହସିଲଦାର ମଧ୍ୟ ସବୁ ଜାଣି ନୀରବଦ୍ରଷ୍ଟା ପାଲଟିଛନ୍ତି ବୋଲି କରଞ୍ଜମାଳ ପଂଚାୟତବାସୀ ଅଭିଯୋଗ କରିଛନ୍ତି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday July 01, 2021 ଭୁବନେଶ୍ୱର ଗୁରୁବାର, ଜୁଲାଇ ୦୧,୨୦୨୧ Daily Edition : R.N.I.No: ODIODI/1999/00717 Postal Regd. No: BN/57/18-20 www.paryabekhyak.com



## ଦିଗଦନ ମତ୍ସ୍ୟ ଫାର୍ମରେ ମତ୍ସ୍ୟ ଗୁଣ୍ଡ ଜାଆଁଳ ବଣ୍ଟନ

କେନ୍ଦୁଝର: ମତ୍ସ୍ୟ ବିଭାଗ ପକ୍ଷରୁ କେନ୍ଦୁଝର ସହରସ୍ଥ ପୁରୁଣାବଜାର ନିକଟସ୍ଥ ଦୁଖିଆ ଛକ ଠାରେ ଥିବା ଦିଗଦନ ମତ୍ସ୍ୟ ଗୁଣ୍ଡ ଜାଆଁଳ କେନ୍ଦ୍ରରେ ଚାଷୀଙ୍କୁ ମତ୍ସ୍ୟ ଜାଆଁଳ ବଣ୍ଟ କରାଯାଉଛି । ଏହି କେନ୍ଦ୍ରରେ ୬୦ ଲକ୍ଷ ଜାଆଁଳ ବଣ୍ଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଅଦ୍ୟାବଧି ୨୦ ଲକ୍ଷ ଜାଆଁଳ ବଣ୍ଟନ ସରିଥିବା ଫାର୍ମ ମ୍ୟାନେଜର ସୟ କୁମାର ଦାସ ସୂଚନା ଦେଇଛନ୍ତି । କରୋନା ସମୟରେ ଚାଷୀ ମାଛ ଚାଷ ପାଇଁ ଅଧିକ ଆଗ୍ରହ ପ୍ରକାଶ କରିଥିବାବେଳେ ମାଛ ସରକାରୀ ବିକ୍ରୟ କେନ୍ଦ୍ରରେ ମାଛ ଜାଆଁଳ ବିକ୍ରୀ ମଧ୍ୟ ବଢ଼ିଛି । ଏଠାରୁ କେନ୍ଦୁଝର ଜିଲ୍ଲାର ସଦର, ହରିଚନ୍ଦନପୁର, ଝୁମ୍ପୁରା, ଯୋଡା, ଚମ୍ପୁଆ, ବାଂଶପାଳ, ତେଲକୋଇ ବ୍ଲକ ସମେତ ପାଲଲହଡା, ବଣେଇ, ଝାଡଖଣ୍ଡ ଅଞ୍ଚଳର ଚାଷୀ ଉନ୍ନତ ମାନର ରୋହୀ, ଭାକୁର, ମିରିକାଳି, ଅମୁରକାର୍ପ, ଚାଇନାରୋହୀ ଜାଆଁଳ ସରକାରୀ ମୂଲ୍ୟରେ ନେଉଛନ୍ତି । ୧ ହଜାର ମାଛ ଜାଆଁଳ ୨ଶହ ଟଙ୍କା,ଗୁଣ୍ଡ ଜାଆଁଳ ୧ ଲକ୍ଷକୁ ୧୦୦୦ଟଙ୍କାରେ ଅକ୍ସିଜେନ ପ୍ୟାକେଟ ଦ୍ୱାରା ବିକ୍ରୀ କରାଯାଉଛି । ଏତଦ୍‌ବ୍ୟତୀତ ଫିଙ୍ଗର ଲିଙ୍ଗ ଆକାର ର ମତ୍ସ୍ୟ ଜାଆଁଳ ମଧ୍ୟ ବିକ୍ରୀ କରାଯାଉଛି । ମତ୍ସ୍ୟ ବିଭାଗ ପକ୍ଷରୁ ଏପ୍ରିଲ ମାସଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ମାଛ ଜାଆଁଳ ବିକ୍ରୀ କରାଯାଉଥିବା ଦିଗଦନ ମତ୍ସ୍ୟ ଜାଆଁଳ କେନ୍ଦ୍ରର ଟେକନିକାଲ ଅଫିସର କମଳାକା' ବଳ,ଭରତ ଚନ୍ଦ୍ର ନାୟକ,ସୟ କୁମାର ନାୟକ ପ୍ରକାଶ କରିଛନ୍ତି ।

## ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରି ଶିକ୍ଷକ ଗିରଫ

ଘଷିପୁରା: ଘଷିପୁରା ବ୍ଲକ ମଛାଳୋ ପଂଚାୟତ ଅନ୍ତର୍ଗତ ରୁଦ୍ରନାରାୟଣପୁର ପ୍ରାଥମିକ ବିଦ୍ୟାଳୟରେ ଗତ ସୋମବାର ଦିନ କାର୍ଯ୍ୟରତ ଅବସ୍ଥାରେ ଶିକ୍ଷୟିତ୍ରୀଙ୍କୁ ଏକାକୀ ଦେଖି ସେହି ସ୍କୁଲର ଶିକ୍ଷକ ମଙ୍ଗେସ ବେହେରା ଅଶ୍ଳୀଳ ଇଙ୍ଗିତ କରିବା ସହ ମୋବାଇଲ୍‌ରେ ଫଟୋ ଉତ୍ତୋଳନ କରିବାକୁ ଉଦ୍ୟମ କରିଥିଲେ । ମାତ୍ର ଶିକ୍ଷୟିତ୍ରୀ ଜଣକ ମଙ୍ଗେସଙ୍କ ମୋବାଇଲ ଛଡାଇ ଆଣି ଭାଙ୍ଗି ଦେଇଥିଲେ । ପୂର୍ବରୁ ବହୁବାର ଅଶ୍ଳୀଳ ଇଙ୍ଗିତ କରୁଥିଲେ ବୋଲି ଶିକ୍ଷୟିତ୍ରୀ ଜଣକ ପ୍ରକାଶ କରିଛି । ଅଭିଯୁକ୍ତ ଶିକ୍ଷକ ମଙ୍ଗେସ ବେହେରା ମଦନପୁର ପଂଚାୟତ ଖଣ୍ଡିଦୋଳି ଗ୍ରାମର ବାସିନ୍ଦା ଅଟନ୍ତି । ତାଙ୍କ ନାମରେ ବହୁ ଅପରାଧିକ ମାମଲା ରହିଛି ଏବଂ ସେ ଏକ ଫୌଜଦାରୀ ମାମଲାରେ ଦଣ୍ଡିତ ହୋଇ ଚାକିରୀରୁ ନିଲମ୍ବିତ ହୋଇଥିବା ଜଣାପଡିଛି । ଗତ ସୋମବାର ରାମଚନ୍ଦ୍ରପୁର ଥାନା କେସ୍ ନଂ ୧୦୮/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରିଥିଲେ ।

## ଏ.ବି.ଇ.ଓ. ରମେଶ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗୋଳାବନ୍ଧ: କେନ୍ଦୁଝର ଜିଲ୍ଲା ଘଟଗାଁ ଶିକ୍ଷା ମଣ୍ଡଳରେ କାର୍ଯ୍ୟରତ ଏବିଇଓ ରମେଶ ଚନ୍ଦ୍ର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶିକ୍ଷକତା ବୃତ୍ତିରୁ ଚାକିରୀ ଆରମ୍ଭ କରିଥିବା ଶ୍ରୀ ବେହେରା ପଦୋନ୍ନତି ପାଇ ବାଂଶପାଳ ଏବଂ ପରେ ଘଟଗାଁ ବ୍ଲକରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଥିଲେ । ସେ ଜଣେ ମେଳାପି, ସମୟାନୁବର୍ତ୍ତି ପ୍ରଶାସନିକ ଅଧିକାରୀ ଭାବେ ଖୁବ୍ ପରିଚିତ ଥିଲେ । ଘଟଗାଁ ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଘଟଗାଁ ବିଇଓ କ୍ଷେତ୍ରମୋହନ ହାଁସଦା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ହାଟଡିହି ବ୍ଲକ ଟିଜିଟି ସଂଘ ସଭାପତି ନାରାୟଣ ଲେଙ୍କା ମୁଖ୍ୟବକ୍ତା, ଏବିଇଓ ଦପୋଧନ ସ୍ୱାଇଁ, ଅମ୍ବିକା ପ୍ରସାଦ ପତି, ଘଟଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶିଶିର ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବେହେରାଙ୍କ ଗୁଣଗାନ କରିଥିଲେ । ଶିକ୍ଷକ ରୋହିତ ବେହେରା ଓ ସୁବର୍ଣ୍ଣ ପଲେଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସଭାରେ ସମସ୍ତ ସିଆରସିସି, କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ । ସିଆରସିସି ଡମ୍ବରୁଧର ବେହେରା, ନବକୃଷ୍ଣ ରାଉତ, ଅଜୟ ପ୍ରଧାନ, ବନମାଳୀ ମହା', ହୃଷିକେଶ ପଲେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଗଣେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାତିକା ଜଙ୍ଗଲରେ ଲୁହାପଥର ବୋଝେଇ ଟ୍ରକ ଜବତ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୁହାପଥର ଚୋରୀ ବଢ଼ିବାରେ ଲାଗିଛି । ଖଣି ଚୋରୀ ରୋକିବା ପାଇଁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ ହୋଇଥିଲେ ମଧ୍ୟ ଚୋରୀ ରୋକିବାରେ ଏହି ସ୍କ୍ୱାର୍ଡ ସଫଳ ହେଉନାହିଁ । ଯୋଡା ଖଣି ମଣ୍ଡଳର ବନ୍ଦ ଥିବା କ୍ରସର ମଧ୍ୟରୁ ଏବଂ ଜଙ୍ଗଲରେ ଗଚ୍ଛିତ ଥିବା ଲୁହାପଥର ଚୋରୀ ବଢ଼ିବାରେ ଲାଗିଛି । ବୁଧବାର ଦିନ ଏକ ସୂଚନା ପାଇ ଡିଏଫଓ ସ୍ୱୟମ ମଲ୍ଲିକ୍ ଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍ ଅଜୟ କୁମାର ସାହୁ, ବାମେବାରୀ ଫରେଷ୍ଟର ଜତିନ୍ଦ୍ର ସାହୁ, ଏଡ଼ଫୋର୍ସମେଣ୍ଟ ଫରେଷ୍ଟର ଶଶୀଭୂଷଣ ବାରିକ ଏବଂ ଅନ୍ୟ ବନ କର୍ମଚାରୀ ଚମ୍ପୁଆ ରେ ଅ'ର୍ଗତ ଧାତିକା ଜଙ୍ଗଲରେ ଅତର୍କିତ ଚଢ଼ାଉ କରି ଏକ ଲୁହାପଥର ବୋଝେଇ ଟ୍ରକ ଜବତ୍ କରିଥିଲେ । ବନ ବିଭାଗକୁ ଦେଖି ଗା

## ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ ବସ୍ତ୍ର ପ୍ରଦାନ




ଖଣ୍ଡପଡା : ଖଣ୍ଡପଡା ବ୍ଲକ ଅଧିନ କୋସକା ଗ୍ରାମସ୍ଥିତ ନିତ୍ୱାସା ଜରାନିବାସରେ ରହୁଥିବା ଅନ୍ତେବାସୀମାନଙ୍କୁ ନବ ବସ୍ତ୍ର ବଂଟନ କରାଯାଇଛି । ଖଣ୍ଡପଡା କୋଭିଡ କେନ୍ଦ୍ରରେ କାର୍ଯ୍ୟରତ ଫାର୍ମାଶିଷ୍ଟ ବିଭୁପ୍ରସାଦ ପାତ୍ର ଓ କୋଭିଡ କେନ୍ଦ୍ରର ମୁଖ୍ୟ ଡଃ ପ୍ରଦୀପ କୁମାର ପାଇକରାୟ ପ୍ରମୁଖ ମଙ୍ଗଳବାର ଜରାନିବାସରେ ପହଁଚି ଅନ୍ତେବାସୀମାନଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ନବ ବସ୍ତ୍ର ପ୍ରଦାନ କରିଥିଲେ ।

## ମାସ୍କ ଓ ସାନିଟାଇଜର ବାଣ୍ଟିଲେ ଯୋଗମାୟା ଓ ଜାଗେଶ୍ୱରୀ ଚାରିଟେବୁଲ ଟ୍ରଷ୍ଟ

କଟକ : କରୋନା ମହାମାରୀ ସମ୍ବନ୍ଧୀୟ ସଚେତନତା ଓ ସୁରକ୍ଷା ଉଦ୍ଦେଶ୍ୟରେ 'ଯୋଗମାୟା' ମାସିକ ଧାର୍ମିକ ପତ୍ରିକା ଏବଂ ଜାଗେଶ୍ୱରୀ ଚାରିଟେବୁଲ ଟ୍ରଷ୍ଟ ଆନୁକୁଲ୍ୟରେ କଟକର ବିଭିନ୍ନ ବସ୍ତି ଅଞ୍ଚଳରେ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି । କରୋନା ସଂକ୍ରମଣର ଅହେତୁକ ବୃଦ୍ଧିକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ନେଇଛି ଟ୍ରଷ୍ଟ । ଏହି କାର୍ଯ୍ୟକ୍ରମ ଟ୍ରଷ୍ଟର ସଭାପତି ପ୍ରଫେସର ଡ଼ଃ ଦିଲ୍ଲୀପ ନାରାୟଣ ମହାପାତ୍ର, ଲିପ୍ସା ମହାପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର କର୍ମକର୍ତ୍ତା



ମାନେ ଏହି ବଦାନ୍ୟ ବ୍ୟକ୍ତିମାନଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି । ଯୋଗମାୟା ଓ ଜେସିଟିର ଏହି ଜନକଲ୍ୟାଣ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆନନ୍ଦପୁର: କେଶଦୂରାପାଳ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନଙ୍ଗ ମରୀ ପଟ୍ଟନାୟକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କରୋନା କଟକଣାକୁ ଦୃଷ୍ଟିରେ ରଖି ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ କୁଶଳେଶ୍ୱର ଆଂଚଳିକ ମହାବିଦ୍ୟାଳୟର ପ୍ରଥମ ପ୍ରିନ୍ସପାଲ ରଙ୍କନାଥ ସାହୁଙ୍କ ସହିତ ବର୍ତ୍ତମାନର ପ୍ରିନ୍ସପାଲ ମଙ୍ଗୁଳି ଚରଣ ପୃଷ୍ଟି ଓ ଆକାଶ ରଥ ଯୋଗ ଦେଇଥିଲେ । କେଶଦୂରାପାଳ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩୫ବର୍ଷ ହେବ ଶିକ୍ଷୟିତ୍ରୀ ଭାବେ ସେ କାର୍ଯ୍ୟରତ ଥିଲେ । ସେ ଜଣେ ଛାତ୍ରୀ ବତ୍ସଳ, ସମୟାନୁବର୍ତ୍ତିତା, କର୍ମ ତତ୍ପର, ଶା' ଓ ସରଳ ପ୍ରଧାନଶିକ୍ଷୟିତ୍ରୀ ଥିଲେ । ନିଜର ଚେଷ୍ଟା ବଳରେ ଉକ୍ତ ବିଦ୍ୟାଳୟକୁ ଏକ ଅଗ୍ରଣୀ ବିଦ୍ୟାଳୟ ଭାବେ ପରିଚୟ ପ୍ରଦାନ କରିପାରି ଥିଲେ ।

## କେନ୍ଦୁଝର : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିମୋକୋକାଲ କୁଗେଟ ଟୀକା (ପି.ସି.ଭି.)ର ଶୁଭାରମ୍ଭ

କେନ୍ଦୁଝର : ଆଜି ସମଗ୍ର ଓଡିଶାରେ ନିମୋକୋକାଲ କୁଗେଟ ଟୀକା (ପି.ସି.ଭି.)ର ଶୁଭାରମ୍ଭ ହୋଇଥିବା ଅବସରରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏମ୍.ସି.ଏଚ୍. ବିଲଡିଂରେ ମଧ ଆଜି ତା ୩୦.୦୬.୨୦୨୧ ରିଖ ବୁଧବାର ଦିନ ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ (ଲୋକସଭା) ଇଂ ଚନ୍ଦ୍ରାଣୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାଃ ପ୍ରଣତିନୀ ନାୟକ, ଏସ୍.ଏମ୍.ଓ. ଡାଃ ସ'ୋଷ କୁମାର ସାହୁ ଏବଂ ଡି.ପି.ଏମ୍. ଏନ୍.ଏଚ୍.ଏମ୍. ଦିଲ୍ଲୀପ କୁମାର ଦୁବେଙ୍କ ଦ୍ୱାରା ସରକାରଙ୍କଠାରୁ ପ୍ରାପ୍ତ ହୋଇଥିବା ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ପରେ ପରେ ସମସ୍ତଙ୍କ ଉପସ୍ଥିତିରେ ଟୀକା ପାଇଁ ଯୋଗ୍ୟ ଶିଶୁଙ୍କୁ ଏହି ଟୀକା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ଏବଂ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ପାତ୍ର ଆଗାମୀ ଦିନରେ ଏହି ଟୀକାକରଣର ସଫଳତା କାମନା କରିଥିଲେ । କେନ୍ଦୁଝର ଜିଲ୍ଲାର ସମସ୍ତ




ପିଲାଙ୍କୁ ପି.ସି.ଭି.ର ୩ଟି ଟୀକା ଯଥା- ପ୍ରଥମ ଟୀକା ଦେଢ଼ ମାସରେ, ଦ୍ୱିତୀୟ ଟୀକା ସାଢ଼େ ତିନିମାସରେ ଏବଂ ବୁଷ୍ଟର ଟୀକା ୯ ମାସରେ ଯେପରି ପାଇବେ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ ।ପି.ସି.ଭି. ଟୀକାର ଶୁଭାରମ୍ଭ ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିଟିୟୁ ହଲ୍‌ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପ୍ରାରମ୍ଭରେ ଉପସ୍ଥିତ ଥିବା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇ ପିସିଭି ଟୀକା ଉପରେ ବିଶଦ ଭାବେ ଅବଗତ କରାଇଥିଲେ । ସାଧାରଣତଃ ନିମୋନିଆ ୫ ବର୍ଷରୁ କମ୍ ପିଲାଙ୍କର ମୃତ୍ୟୁର କାରଣ ହୋଇଥାଏ । ତେଣୁ ଏହି ଟୀକା ପିଲାମାନଙ୍କ ନିକଟରେ ଦେଖାଯାଉଥିବା ନିମୋକୋକସ ଜୀବାଣୁ ଜନିତ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିଥାଏ । ତେଣୁ ଏହି ଟୀକା ଭାରତ ସରକାରଙ୍କ ନିୟମିତ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି, ଯାହାକି ନିୟମିତ ଟୀକାକରଣ କେନ୍ଦ୍ରମାନଙ୍କରେ ଉପଲବ୍ଧ ହେବା ସହିତ ବିନା ମୂଲ୍ୟରେ ପ୍ରଦାନ କରାଯିବ । ଡବ୍ଲୁ.ଏଚ୍.ଓ.ର ଏସ୍.ଏମ୍.ଓ. ଡାଃ ସନ୍ତୋଷ କୁମାର ସାହୁ ପାୱାରପଏଂଟ୍ ପ୍ରେଜେଂଟେସନ୍ ମାଧ୍ୟମରେ ସବିଶେଷ ତଥ୍ୟ ସଂପର୍କରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଡିପିଏଚ୍‌ସିଓ ପିତବାସ ମିଶ୍ର ପରିଚାଳନା କରିଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏଚ୍.ଏମ୍. ସଙ୍ଗିତା ସ୍ୱାଇଁ, ଡିଭିଏଲ୍‌ଏମ୍ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଆଇସିଏ ଚିତରନ ଜେନାଙ୍କ ସମେତ ପିପିସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ନିମୋକୋକାଲ କଞ୍ଜୁରେଟ ଟୀକାକରଣର ଶୁଭାରମ୍ଭ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିମୋକୋକାଲ କଞ୍ଜୁରେଟ୍ ଟୀକାକରଣର ବୁଧବାର ଶୁଭାରମ୍ଭ କରାଯାଇଛି । ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ଶିଶୁମାନଙ୍କୁ ରକ୍ଷା କରିବା ନିମିତ୍ତ ଉଦ୍ଦିଷ୍ଟ ଏହି ଟୀକାକୁ ଶିଶୁମାନଙ୍କୁ ଦିଆଯାଇଥିବା ଅନ୍ୟ ସମସ୍ତ ଟୀକାକରଣ ବ୍ୟବସ୍ଥାରେ ସାମିଲ କରାଯିବ । ଯଦ୍ୱାରା ଶିଶୁମାନଙ୍କୁ ପୂର୍ବରୁ ଦିଆଯାଇଥିବା ସମସ୍ତ ଟୀକା ସହ ନିମୋକୋକାଲ କଞ୍ଜୁରେଟ ଟୀକା ମଧ୍ୟ ଦିଆଯିବ । ଦେଢ଼ ମାସରେ ପ୍ରଥମ ପାନ, ସାଢ଼େ ତିନି ମାସରେ ଦ୍ୱିତୀୟ ପାନ ଓ ନଅ ମାସରେ ତୃତୀୟ ପାନ ଏହିଭଳି ତିନୋଟି ପାନ ଟୀକା ଦିଆଯିବ । ଏହି ଟୀକାକୁ ବିନା ମୂଲ୍ୟରେ ସମସ୍ତ ଶିଶୁକୁ ଦେବା ପାଇଁ ସରକାର ନିଷ୍ପତି ଗ୍ରହଣ କରି ଆଜି ସମଗ୍ର ଦେଶରେ ଏହି ଟୀକାକରଣର ଶୁଭାରମ୍ଭ କରାଯାଇଛି । ରାଜ୍ୟସ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଏହି ଟୀକାକରଣର ଶୁଭାରମ୍ଭ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ପରିସରରେ ଟୀକାକରଣ ଶୁଭାରମ୍ଭ କାର୍ଯ୍ୟକ୍ରମ ନିମିତ୍ତ ଅନୁଷ୍ଠିତ ବୈଠକରେ ଯୋଗଦେଇ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା କହିଲେ ଯେ ନିମୋକୋଲ କଞ୍ଜୁରେଟ ଭଳି ଏକ ଦାମୀ ଟୀକାକୁ ଗରିବ ଲୋକମାନେ ସେମାନଙ୍କ ପିଲାଙ୍କୁ ଦେଇ ପାରୁନଥିଲେ । ସରକାର ଏହି ମୂଲ୍ୟବାନ ଟୀକାକୁ ମାଗଣାରେ ଯୋଗାଇ ଦେବା ଦ୍ୱାରା ସବୁ ବର୍ଗର ଲୋକମାନଙ୍କର ପିଲା ଏହି ଟୀକା ନେଇପାରିବେ । ଫଳରେ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରେ ମୃତ୍ୟୁବରଣ କରୁଥିବା ଶିଶୁମାନଙ୍କୁ ରକ୍ଷା କରାଯିବା ସହ ଶିଶୁ ମୃତ୍ୟୁହାର ରୋକାଯାଇ ପାରିବ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଯୋଗଦେଇ କହିଲେ ଯେ, ଜିଲ୍ଲାର ସମସ୍ତ ଶିଶୁଙ୍କୁ ଏହି ଟୀକା ପାନ କରାଯିବାରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଅଶାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ଏଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହ ଦେଢ଼ ମାସର ସମସ୍ତ ଶିଶୁଙ୍କୁ ଯେପରି ଏହି ଟୀକା ଖୁବ୍ ଶୀଘ୍ର ଦିଆଯାଇପାରିବ ସେଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ । ଆଗକୁ କୋଭିଡ ତୃତୀୟ ଲହର ସଂକ୍ରମଣର ଆଶଙ୍କା ଏବଂ ଏଥିରେ ପିଲାମାନେ ସଂକ୍ରମିତ ହେବାର ସମ୍ଭାବନା ଥିବାରୁ ଏ ଟୀକାଦାନ ଶିଶୁମାନଙ୍କୁ ସଂକ୍ରମଣରୁ ରକ୍ଷା କରିପାରିବ ବୋଲି ପ୍ରକାଶ କରିବା ସହ ଟୀକାଦାନକୁ ତ୍ୱରାନ୍ୱିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସବୁପିଲାଙ୍କୁ ଟୀକା ଦେବାପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ବୈଠକରେ ଯୋଗଦେଇ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମତବ୍ୟକ୍ତ କରିଥିଲେ । କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ଟୀକାଦାନ କେନ୍ଦ୍ରରେ ଏହି ଟୀକା କରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିବା ବେଳେ ବିଧାୟକ ଶ୍ରୀ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଆଜି ଜିଲ୍ଲାର ୭୧ଗୋଟି କେନ୍ଦ୍ରରେ ୧୩୫ଜଣ ପିଲାଙ୍କୁ ପ୍ରଥମପାନ ଟୀକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ ପ୍ରସଙ୍ଗରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ମିର୍ଜା ବାବର ବେଗ୍, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜିଲ୍ଲା ସଂଯୋଜିକା ଅର୍ଚ୍ଚନା ରାୟଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଶିଶୁ ସ୍ୱାସ୍ଥ୍ୟ ଉପ ପରିଚାଳକ କୃଷ୍ଣଚନ୍ଦ୍ର ଲୋହା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray